# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୩/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, September 13/2021 | ★★★★★★

୪୭ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





## ପ୍ରବଳ ବର୍ଷାରେ ୧୨ ମୃତ

ପାକିସ୍ତାନର ଖାଇବର ପଖ୍ତୁନଖ୍ୱା ପ୍ରଦେଶ ଅନ୍ତର୍ଗତ ମାନସେହ୍ରା ଜିଲାରେ ପ୍ରବଳ ବର୍ଷା ଯୋଗୁ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷାରେ ଭୂସ୍ଖଳନ ଘଟି ୫ଟି ଘର ମାଟିରେ ମିଶିଯାଇଛି। ଉକ୍ତ ଘରେ ୧୬ ଜଣ ରହୁଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ପାକିସ୍ତାନରେ ବାରମ୍ବାର ବାଦଲଫଟା ବର୍ଷା ହେଉଥିବା କୁହାଯାଉଛି।

# ସୈନ୍ୟଙ୍କ ମୁଣ୍ଡ କାଟି ଉତ୍ସବ ମନାଇଲେ

**କାବୁଲ, ୧୨।୯**

ଆଫଗାନିସ୍ତାନରେ ସରକାରକୁ ଫେରିବା ପରେ ପୁଣି ନିଜର ବର୍ବର ଚେହେରା ଦେଖାଇଛି ତାଲିବାନ୍। ଜଣେ ଆଫଗାନ୍ ସୈନ୍ୟଙ୍କ ମୁଣ୍ଡ କାଟିବା ପରେ ତାଲିବାନ୍ ଆତଙ୍କବାଦୀ ଖୁସିରେ ନାଚୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଗତ ୧୦ ତାରିଖରେ ୱାଶିଂଟନ୍ ଏକ୍ଜାମିନର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ତାଲିବାନ୍‌ର ଏକ ପ୍ରାଇଭେଟ ଚାଟ୍ ଗ୍ରୁପ୍‌ରେ ୩୦ ସେକେଣ୍ଡର ଏହି ଭିଡିଓ ପୋଷ୍ଟ ହୋଇଛି।

ଭିଡିଓରେ ଦେଖିବାକୁ ମିଳିଛି, ଆଫଗାନ୍ ସୈନ୍ୟମାନେ ଭୂମିରେ ଶୋଇଥିବାବେଳେ ଚାରିପଟେ ୭ ତାଲିବାନ୍ ଆତଙ୍କବାଦୀ ସେମାନଙ୍କୁ ଘେରି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଏହି ବର୍ବର ଦୃଶ୍ୟର ଭିଡିଓ ଉତ୍ତୋଳନ କରୁଛନ୍ତି। ୫ ଜଣ ହାତରେ ବନ୍ଧୁକ ଧରିଥିବାବେଳେ ଷଷ୍ଠ ବ୍ୟକ୍ତି ଜଣକ ହାତରେ ଦୁଇଟି ଛୁରି ଧରିଛନ୍ତି। ଆତଙ୍କବାଦୀମାନେ ଆଫଗାନ୍ ସୈନ୍ୟଙ୍କ ଚୁଟି ଧରି କଟା ମୁଣ୍ଡକୁ ଉପରକୁ ଉଠାଇ ଖୁସିରେ ପାଟି କରୁଛନ୍ତି। ତାଲିବାନ୍ ସୁପ୍ରିମଲିଡର ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦଜାଦା ଅମର ରୁହନ୍ତୁ ବୋଲି ନାରା ମଧ୍ୟ ଦେଉଛନ୍ତି। ଭିଡିଓ ଶେଷରେ ଗ୍ରୁପ୍‌ର ମୁଖ୍ୟ ଆଫଗାନ୍ ସୈନ୍ୟଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଛି। ସେ ନିଜ ଆଖିରେ ଏହି ଗୁଳିକାଣ୍ଡ ଦେଖିବାକୁ ଚାହୁଁଥିବା କହୁଛନ୍ତି।

ସରକାରକୁ ଫେରିବା ପରେ

### ଫେରିଲା ତାଲିବାନୀ ବର୍ବରତା



### ୩୦ ସେକେଣ୍ଡର ଭିଡିଓ ଭାଇରାଲ

ଆଫଗାନିସ୍ତାନ କୌଣସି ରକ୍ତପାତ ଦେଖିବ ନାହିଁ ବୋଲି ତାଲିବାନ୍ କହିଥିଲା। ଏପରିକି ପୂର୍ବ ସରକାରରେ ଥିବା ଅଧିକାରୀ, କର୍ମଚାରୀ ଏବଂ ତାଲିବାନ ବିରୋଧରେ କାମ କରିଥିବା ସମସ୍ତ ବ୍ୟକ୍ତି ଓ ଗୋଷ୍ଠୀଙ୍କୁ ସର୍ବକ୍ଷମା ଦିଆଯାଇଥିବା ମଧ୍ୟ ଘୋଷଣା କରିଥିଲା। କିନ୍ତୁ ଏଭଳି ଭିଡିଓ ସାମ୍ନାକୁ ଆସିବା ପରେ ତାଲିବାନ୍‌ର ପ୍ରତିଶ୍ରୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଫଗାନିସ୍ତାନରେ ନିଜ ମୁଦ୍ରା ପ୍ରଚଳନ ଚାହୁଁଛି ପାକ୍

**କାବୁଲ, ୧୨।୯**

ଆଫଗାନିସ୍ତାନରେ ବାଣିଜ୍ୟ କାରବାରରେ ପାକିସ୍ତାନ ନିଜର ମୁଦ୍ରା ପ୍ରଚଳନ କରିବା ପାଇଁ ଜୋର ଦେଉଛି। ଆଫଗାନ୍‌ମାନେ ପାକିସ୍ତାନୀ ମୁଦ୍ରା ଆଧାରରେ ବ୍ୟବସାୟ କରିବା ଉଚିତ ବୋଲି ପାକିସ୍ତାନ ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ଆଫଗାନିସ୍ତାନବାସୀ ଘୋର ବିରୋଧ କରିଛନ୍ତି। ଏପରି କି ଆଫଗାନିସ୍ତାନରେ

### ଆଫଗାନ୍‌ଙ୍କ ଦୃଢ଼ ବିରୋଧ

ଏହ ମୁଦ୍ରା ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯିବା ଉଚିତ ବୋଲି ଦାବି ହୋଇଛି। 'ଆଫଗାନୀ ଆମ ଜାତୀୟ ପରିଚୟ' ଶୀର୍ଷକରେ ଆଫଗାନ୍‌ମାନେ ସୋସିଆଲ ମିଡିଆରେ କ୍ୟାମ୍ପେନ ଚଳାଇଛନ୍ତି। ଆମ ଅର୍ଥନୀତି ଆମେ ସଜାଡ଼ିବୁ ବୋଲି ଆଫଗାନ୍ ଟୁଇଟର ୟୁଜର୍ସ ଏକାଧିକ ଟୁଇଟ୍ କରିଛନ୍ତି।

ପାକିସ୍ତାନ ଅର୍ଥମନ୍ତ୍ରୀ ଶୌକତ୍ ତାରିନ୍ କହିଛନ୍ତି, ଆଫଗାନିସ୍ତାନରେ ଡଲାର ରିଜର୍ଭ ଅଭାବ ଦେଖାଦେଇଛି। ତେଣୁ ଆଫଗାନ୍‌ମାନେ ପାକିସ୍ତାନୀ ଟଙ୍କାରେ କାରବାର କରନ୍ତୁ। ଆଫଗାନିସ୍ତାନ ସ୍ଥିତି ଉପରେ ପାକିସ୍ତାନ ନଜର ରଖିଛି। ଆଫଗାନ୍ ଅର୍ଥନୀତିକୁ ପୁନର୍ଜୀବିତ କରିବାକୁ ପାକିସ୍ତାନ ଏକ ଟିମ୍ ସେଠାକୁ ପଠାଇବ ବୋଲି ସେ କହିଛନ୍ତି।

## ଅଲ୍-କାଏଦା ମୁଖ୍ୟ ଜୀବିତ ଚର୍ଚ୍ଚା

**ବେରୁଟ, ୧୨।୯**

ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ମୁଖ୍ୟ ଆୟାମାନ୍ ଅଲ୍-ଜୱାହିରିଙ୍କୁ ଏକ ଭିଡିଓରେ ଦେଖିବାକୁ ମିଳିଛି। ତେଣୁ ଏବେ ବି ସେ ଜୀବିତ ଥିବା ନେଇ ସନ୍ଦେହ ବଢ଼ିଛି। କିଛି ମାସ ହେଲା ତାଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ୯/୧୧ ଆକ୍ରମଣର ୨୦ ବର୍ଷ ପୂର୍ତ୍ତି ଅବସରରେ ଅଲ-କାଏଦା ପକ୍ଷରୁ ୬୧ ମିନିଟ୍‌ର ଏକ ଭିଡିଓ ଜାରି କରାଯାଇଛି। 'ଜେରୁଜୁଲମ୍‌ର ଜିହାଦୀକରଣ ହେବ ନାହିଁ' ବୋଲି ଏହାର ଶୀର୍ଷକ ରହିଛି। ଆମେରିକା ୨୦୧୧ରେ ଅଲ-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରିଥିଲା। ଏହା ପରେ ଇଜିପ୍ଟ ବାସିନ୍ଦା ଅଲ୍‌ଜୱାହିରିଙ୍କୁ ଅଲ-କାଏଦା ମୁଖ୍ୟ କରାଯାଇଥିଲା।

ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଅନ୍‌ଲାଇନ ଗତିବିଧି ଉପରେ ନଜର ରଖୁଥିବା ଗୋଇନ୍ଦା ଗ୍ରୁପ୍ ଏସ୍‌ଆଇଟିଇ ପକ୍ଷରୁ ଅଲ୍‌ଜୱାହିରିଙ୍କ ମୁହଁ ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିବା ସୂଚନା ଦିଆଯାଇଛି। ଏଥିରେ ସେ ଜାନୁୟାରୀ ୧ରେ ସିରିଆରେ ରୁଷିଆ ସୈନ୍ୟଙ୍କ ଉପରେ ଅଲ୍-କାଏଦାର ଆକ୍ରମଣକୁ ପ୍ରଶଂସା କରିଛନ୍ତି। ୨୦ ବର୍ଷ ପରେ ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କଥା ମଧ୍ୟ ସେ ଉଠାଇଛନ୍ତି। ତେବେ ଅଲ୍‌ଜୱାହିରିଙ୍କ



■ଭିଡିଓରେ ଦେଖାଗଲା ଅଲ୍‌ଜୱାହିରିଙ୍କ ମୁହଁ
■ମୃତ ବୋଲି ଗୁଜବ ଉଠିଥିଲା

ଏହି ମନ୍ତବ୍ୟ ପୁରୁଣା ହୋଇଥାଇପାରେ ବୋଲି ଏସ୍‌ଆଇଟିଇ କହିଛି। କାରଣ ଗତ ମାସରେ ତାଲିବାନ୍ ଆଫଗାନିସ୍ତାନ ଉପରେ କବ୍‌ଜା କରିବା ବାବଦରେ ସେ କିଛି ପ୍ରତିକ୍ରିୟା ଦେଇନାହାନ୍ତି।

୨୦୨୦ ଶେଷ ଆଡ଼କୁ ଅସୁସ୍ଥତା କାରଣରୁ ଅଲଜୱାହିରିଙ୍କ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରଠାରୁ ତାଙ୍କର କୌଣସି ଫଟୋ, ଭିଡିଓ କିମ୍ବା ଜୀବିତ ଥିବାର ପ୍ରମାଣ ସାମ୍ନାକୁ ଆସି ନ ଥିଲା। ଦୋହା ଚୁକ୍ତି ପରଠାରୁ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ସ୍ଥିର ହୋଇଥିଲା। ତେଣୁ ଏହା ପୁରୁଣା ଭିଡିଓ ହୋଇଥାଇପାରେ ଏବଂ ଅଲଜୱାହିରି ଜୀବିତ ନ ଥାଇ ପାରନ୍ତି ବୋଲି ଏସ୍‌ଆଇଟିଇ ନିର୍ଦ୍ଦେଶିକା ରିଟା କାଟ୍ଜ ଟୁଇଟ କରିଛନ୍ତି।

## ସଂକ୍ଷେପରେ

### ଅଲଗା ବସି ପଢ଼ିପାରିବେ ମହିଳା: ତାଲିବାନ୍

**କାବୁଲ, ୧୨।୯:** ଆଫଗାନ୍ ମହିଳାମାନେ ପୁରୁଷ ସହପାଠୀଙ୍କଠାରୁ ପୃଥକ୍ ଭାବେ ଶ୍ରେଣୀରେ ବସି ୟୁନିଭର୍ସିଟିରେ ପାଠ ପଢ଼ିପାରିବେ। ଏଥିପାଇଁ ସେମାନେ ସମ୍ପୂର୍ଣ୍ଣ ଭାବେ ମୁହଁ ଢାଙ୍କିବା ବାଧ୍ୟତାମୂଳକ ବୋଲି ତାଲିବାନ୍ ସରକାରର ନୂଆ ଉଚ୍ଚ ଶିକ୍ଷାମନ୍ତ୍ରୀ ଅବଦୁଲ ବାକି ହକ୍କାନି ରବିବାର କହିଛନ୍ତି। ପୂର୍ବ ତାଲିବାନ୍ ସରକାରରେ ମହିଳାଙ୍କ ପାଇଁ କଠୋର ନୀତି ପ୍ରଣୟନ କରାଯାଇଥିବାବେଳେ ତାଲିବାନ୍ ୨.୦ ସରକାର ନିୟମକୁ ସାମାନ୍ୟ କୋହଳ କରିବ ବୋଲି କହିଛି। ପୁରୁଷ ଓ ମହିଳା ଏକାଠି ବସି ପାଠ ପଢ଼ିବାର ଧାରା ଶେଷ କରିବାରେ କିଛି ଅସୁବିଧା ନାହିଁ। ସେମାନେ ମୁସ୍‌ଲିମ୍ ଏବଂ ଏହାକୁ ସହଜରେ ଗ୍ରହଣ କରିନେବେ ବୋଲି ହକ୍କାନି କହିଛନ୍ତି। ପରଦା ଥିବା ଶ୍ରେଣୀରେ ମହିଳାମାନେ ଅବୟା ରୋବ ଏବଂ ନିକାବ୍ ପିନ୍ଧି ୟୁନିଭର୍ସିଟିରେ ପାଠ ପଢ଼ିପାରିବେ ବୋଲି କିଛି ଦିନ ପୂର୍ବରୁ ତାଲିବାନ୍ କହିଥିଲା। ତେବେ ଶ୍ରେଣୀଗୁଡ଼ିକୁ ପୃଥକ କରାଯିବା ପାଇଁ ୟୁନିଭର୍ସିଟିଗୁଡ଼ିକରେ ଯଥେଷ୍ଟ ସମ୍ବଳ ନ ଥିବାରୁ ସେମାନଙ୍କ ପାଠପଢ଼ାରେ ଡୋରି ବନ୍ଧାହୋଇପାରେ ବୋଲି ଅନେକେ ମହିଳା ଆଶଙ୍କା କରିଛନ୍ତି।

### କାବୁଲ ଏୟାରପୋର୍ଟର ୧୨ ମହିଳା କର୍ମଚାରୀ କାମକୁ ଫେରିଲେ



**କାବୁଲ, ୧୨।୯:** ଆଫଗାନିସ୍ତାନ ରାଜଧାନୀ କାବୁଲକୁ ତାଲିବାନ୍ ଦଖଲ କରିବାର ପ୍ରାୟ ମାସେ ମଧ୍ୟରେ ବିମାନବନ୍ଦରରେ କାର୍ଯ୍ୟ କରୁଥିବା ୧୨ ମହିଳା କାମକୁ ଫେରିଛନ୍ତି। ମହିଳାମାନେ ଘରେ ରହିବା ଉଚିତ ବୋଲି ତାଲିବାନ୍ କହୁଥିବାବେଳେ ଏହାକୁ ଖାତିର ନ କରି ସେମାନେ ଅଫିସ୍‌ରେ ଯୋଗ ଦେଇଛନ୍ତି। ନୀଳ ସୁଟ୍ ଓ ମେକ୍‌ଅପ୍ କରିଥିବା ରାବିଆ ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା କହିଛନ୍ତି, ଘରେ ୩ ପିଲାଙ୍କ ଭରଣପୋଷଣ ପାଇଁ ତାଙ୍କୁ କାମକୁ ଫେରିବାକୁ ପଡ଼ିଛି। ଘରେ ଥିବାବେଳେ ମାନସିକ ଅବସାଦର ସମ୍ମୁଖୀନ ହେବାକୁ ପଡୁଥିଲା। କାମରେ ଯୋଗ ଦେଇ ଆଶ୍ୱସ୍ତ ଲାଗୁଥିବା ସେ ପ୍ରକାଶ କରିଛନ୍ତି। କାବୁଲ ବିମାନବନ୍ଦରରେ ୮୦ରୁ ଊର୍ଦ୍ଧ୍ୱ ମହିଳା କାମକରୁଥିଲେ।

### ଆତଙ୍କବାଦୀଙ୍କ ଗୁଳିରେ ପୋଲିସ ଇନ୍ସପେକ୍ଟର ଶହୀଦ

**ଶ୍ରୀନଗର, ୧୨।୯:** ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ଖନ୍ୟାର ଅଞ୍ଚଳରେ ରବିବାର ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ପୋଲିସ ଇନ୍ସପେକ୍ଟର ଶହୀଦ ହୋଇଛନ୍ତି। ଅପରାହ୍ନ ପ୍ରାୟ ୧ଟା ୩୫ ମିନିଟ ସମୟରେ କେତେଜଣ ଆତଙ୍କବାଦୀ ଖନ୍ୟାର ଅଞ୍ଚଳରେ ପୋଲିସ ନାକା ପାର୍ଟି ଉପରକୁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଗୁରୁତର ଆହତ ଇନ୍ସପେକ୍ଟର ଅର୍ଶିଦ ଅହମଦଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ଆକ୍ରମଣକାରୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### କେଜ୍‌ରିୱାଲ ଏଏପି ଆବାହକ ନିର୍ବାଚିତ

**ନୂଆଦିଲ୍ଲୀ, ୧୨।୯:** ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜାତୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ବସି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ କ୍ରମାଗତ ତୃତୀୟ ଥର ପାଇଁ ଦଳର ଜାତୀୟ ଆବାହକ ନିର୍ବାଚନ କରାଯାଇଛି। ଗତ ଜାନୁୟାରୀରେ ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇ ଜଣେ ବ୍ୟକ୍ତି ଦୁଇଥରରୁ ଅଧିକ ଗୋଟିଏ ପଦବୀରେ ରହିପାରିବାର ବ୍ୟବସ୍ଥା କରାଯିବା ସହିତ ପଦବୀର କାର୍ଯ୍ୟକାଳ ୩ ବର୍ଷ ପରିବର୍ତ୍ତେ ୫ ବର୍ଷକୁ ବୃଦ୍ଧି କରାଯାଇଥିଲା। ରବିବାର ଅନୁଷ୍ଠିତ ବୈଠକରେ ଦଳର ଜାତୀୟ ସମ୍ପାଦକ ପଙ୍କଜ ଗୁପ୍ତା ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେହିପରି ଏମ୍‌ପି ଏନ୍.ଡି. ଗୁପ୍ତାଙ୍କୁ ଦଳର କୋଷାଧ୍ୟକ୍ଷ ଭାବେ ପୁନଃନିର୍ବାଚିତ କରାଯାଇଛି।



## ଏସ୍‌ପି ସହ ମେଣ୍ଟ ଚାହାନ୍ତି ମମତା

**ଲକ୍ଷ୍ନୌ, ୧୨।୯(ଆଇଏଏନ୍‌ଏସ୍)**

ଆସନ୍ତାବର୍ଷ ହେବାକୁ ଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ସମାଜବାଦୀ ପାର୍ଟି ସହ ମେଣ୍ଟ କରିବାକୁ ଲକ୍ଷ୍ୟ ରଖିଛି। ଆଗାମୀ ସପ୍ତାହରେ ଦୁଇ ଦଳର ନେତା ଏହା ଉପରେ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି।

ଉତ୍ତରପ୍ରଦେଶର ପିଲିଭିଟ୍‌ରେ ତୃଣମୂଳ କଂଗ୍ରେସ ଗଣଯୋଗାଯୋଗ କାର୍ଯ୍ୟକ୍ରମ ଆରମ୍ଭ କରିଛି। ୧୮ଟି ଡିଭିଜନର ଦୁଇଟି ଲେଖାଏ ଜିଲାରେ ଏଭଳି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କ ମନୋଭାବ ଓ ସେମାନେ କ'ଣ ଚାହାନ୍ତି, ତାହା ଟିଏମ୍‌ସି ଅନୁଧ୍ୟାନ କରିବ। ସେମାନଙ୍କ ଆଶା ଆକାଂକ୍ଷାକୁ ନେଇ ଦଳ ତା'ର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବ ବୋଲି ଟିଏମ୍‌ସିର ରାଜ୍ୟ ସଭାପତି ନୀରଜ ରାୟ କହିଛନ୍ତି। ୟୁପିରେ ଦୃଢ଼ ତଥା କ୍ୟାଡର ଭିତ୍ତିକ ସଂଗଠନ ପ୍ରସ୍ତୁତ କରିବାକୁ ଟିଏମ୍‌ସି ଲକ୍ଷ୍ୟ ରଖିଛି।

### ୟୁପି ନିର୍ବାଚନ



## ୟୁପି, ଗୋଆରେ ଲଢ଼ିବ ଶିବସେନା

**ମୁମ୍ବାଇ, ୧୨।୯(ଆଇଏଏନ୍‌ଏସ୍)**

ଭାଜପାକୁ ଶିକ୍ଷା ଦେବା ଲାଗି ଏହାର ପୂର୍ବତନ ସହଯୋଗୀ ଶିବସେନା ଉତ୍ତରପ୍ରଦେଶର ଓ ଗୋଆରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ବର୍ଷ ପ୍ରଥମ ଭାଗରେ ଉଭୟ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଲକ୍ଷ୍ନୌରେ ଶିବସେନାର ରାଜ୍ୟ ସଭାପତି ଠାକୁର ଅନିଲ୍ ସିଂଙ୍କ ଅଧ୍ୟକ୍ଷତାରେ ଦଳର ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଯୋଗୀ ଆଦିତ୍ୟନାଥଙ୍କ ସରକାରରେ ଉତ୍ତରପ୍ରଦେଶରେ ଜଙ୍ଗଲ ରାଜ୍ ଚାଲିଥିବା ସେମାନେ ଅଭିଯୋଗ କରିଥିଲେ। ବୈଠକରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, କୋଭିଡ୍ ସ୍ଥିତି ଏବଂ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଯୋଗୀଙ୍କ ବିଜ୍ଞାପନରେ କୋଲକାତା ଫ୍ଲାଏଓଭର

**କୋଲକାତା, ୧୨।୯(ଆଇଏଏନ୍‌ଏସ)**

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତ୍ତରପ୍ରଦେଶରେ ହୋଇଥିବା ଉଦ୍ୟୋଗୀକରଣ ଓ ବିକାଶର ପ୍ରଦର୍ଶନ ସ୍ୱରୂପ ଏକ ଇଂଲିଶ ଜାତୀୟ ଖବରକାଗଜରେ ପୂରା ପୃଷ୍ଠା ବିଜ୍ଞାପନ ପ୍ରକାଶ ପାଇଛି। ତେବେ ଉକ୍ତ ବିଜ୍ଞାପନରେ କୋଲକାତାର ମା' ଫ୍ଲାଏଓଭରର ଫଟୋ ଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ତୃଣମୂଳ କଂଗ୍ରେସର ମନ୍ତ୍ରୀ ଓ ନେତାମାନେ ଏହାକୁ କଡ଼ା ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗର ଭିତ୍ତିଭୂମି ଚିତ୍ରକୁ ଯୋଗୀ ଚୋରି କରିଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏଭଳି ତ୍ରୁଟି ପାଇଁ ଖବରକାଗଜ ନିଜକୁ ଦାୟୀ କରିଛି। ଟ୍ରାନ୍ସଫର୍ମିଂ ୟୁପି ଫର୍ ଯୋଗୀ ଆଦିତ୍ୟନାଥ ଅର୍ଥ ମମତା ବାନାର୍ଜୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ହୋଇଥିବା ଭିତ୍ତିଭୂମି ବିକାଶର ଚିତ୍ରକୁ




### 'ପଶ୍ଚିମବଙ୍ଗ ବିକାଶ ଚିତ୍ର ଚୋରି କରିଛି ଭାଜପା'

ଚୋରି କରି ନିଜର ବୋଲି ଦେଖାଇବା। ୟୁପିରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଦୟନୀୟ ଭାବେ ବିଫଳ ହୋଇ ସମାଲୋଚିତ ହୋଇଥିବା ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଟୁଇଟ୍ କରିଛନ୍ତି। ନରେନ୍ଦ୍ର ମୋଦି ନିଜ ଦଳକୁ ସୁରକ୍ଷା ଦେବାରେ ନିଃସହାୟ ହୋଇପଡ଼ିଛନ୍ତି। ସେ ମୁଖ୍ୟମନ୍ତ୍ରୀ ବଦଳାଇବା ସହ ମମତାଙ୍କ ନେତୃତ୍ୱରେ ଭିତ୍ତିଭୂମି ବିକାଶର ଚିତ୍ରକୁ ବ୍ୟବହାର କରୁଛନ୍ତି ବୋଲି ମୁକୁଲ ରାୟ ଟୁଇଟରରେ ଲେଖିଛନ୍ତି।




ମୁମ୍ବାଇର ସାକିନାକାରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏଆଇଡିଏସ୍‌ଓ ଏବଂ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ରବିବାର କୋଲକାତାରେ ବିକ୍ଷୋଭ କରାଯାଉଛି।

## ନିର୍ଦ୍ଦିଷ୍ଟ ସ୍ଥାନକୁ ବଦଳି ପାଇଁ କର୍ମଚାରୀ ଚାପ ପକାଇପାରିବେନି

**ନୂଆଦିଲ୍ଲୀ, ୧୨।୯(ପି.ଟି.)**

ନିର୍ଦ୍ଦିଷ୍ଟ ସ୍ଥାନକୁ ବଦଳି ପାଇଁ କର୍ମଚାରୀ ଚାପ ପକାଇପାରିବେ ନାହିଁ। ଆବଶ୍ୟକତାକୁ ବିଚାର କରି ନିଯୁକ୍ତିଦାତା କର୍ମଚାରୀଙ୍କୁ ଯେକୌଣସି ସ୍ଥାନକୁ ବଦଳି କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟଙ୍କ ଏ ସମ୍ପର୍କିତ ୨୦୧୭ ଅକ୍ଟୋବରର ଏକ ରାୟକୁ ଜଣେ ଅଧ୍ୟାପିକା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଅଧ୍ୟାପିକା ଜଣକ ଆମ୍ରୋହାରୁ ଗୌତମ ବୁଦ୍ଧ ନଗରକୁ ବଦଳି ହେବାକୁ ଚାହୁଁଥିଲେ। କର୍ତ୍ତୃପକ୍ଷ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। କର୍ମଚାରୀ କୌଣସି ସ୍ଥାନକୁ ବଦଳି ହେବା ପାଇଁ କହିପାରିବେ ନାହିଁ। ବଦଳି କରିବା ନିଯୁକ୍ତିଦାତାଙ୍କ କାର୍ଯ୍ୟ। ସେ ଆବଶ୍ୟକତାକୁ ଚାହିଁ କର୍ମଚାରୀଙ୍କୁ ଯେକୌଣସି ସ୍ଥାନକୁ ବଦଳି କରିପାରିବେ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି।

### ସୁପ୍ରିମକୋର୍ଟଙ୍କ ରାୟ



### ଯେକୌଣସି ସ୍ଥାନକୁ ପଠାଇପାରିବେ ନିଯୁକ୍ତିଦାତା

## ଏନ୍‌ଇଇଟି ଆଶାୟୀଙ୍କ ଆତ୍ମହତ୍ୟା

**କୋଏମ୍ବାଟୁର, ୧୨।୯**

ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ରବିବାର ଅନୁଷ୍ଠିତ ହୋଇଥିବାବେଳେ ଏହାର ମାତ୍ର କେଇଘଣ୍ଟା ପୂର୍ବରୁ ତାମିଲନାଡୁର ସାଲେମ ଜିଲାରେ ଜଣେ ୧୯ ବର୍ଷୀୟ ଆଶାୟୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଶନିବାର ରାତି ୩ଟା ୪୫ରେ ସେ ଘରେ ଗଳାରେ ରଶି ଲଗାଇ ଆତ୍ମହାତ୍ୟା କରିଥିବା ପୋଲିସ କହିଛି। ପୂର୍ବରୁ ଦୁଇଥର ଏନ୍‌ଇଇଟି ପରୀକ୍ଷାରେ ଫେଲ୍ ହୋଇଥିବା ଧନୁଷ ନାମକ ଛାତ୍ର ଜଣକ ତୃତୀୟ ଥର ଏହି ପରୀକ୍ଷା ଦେଇଥାନ୍ତେ। ତାଙ୍କ ଆତ୍ମହତ୍ୟାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

ଡାକ୍ତରୀ ଶିକ୍ଷାଗ୍ରହଣ ପାଇଁ ଆଶାୟୀ ଥିବା ଉକ୍ତ ଯୁବକଙ୍କ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୋକବ୍ୟକ୍ତ କରିଛନ୍ତି। ପ୍ରବେଶିକ ପରୀକ୍ଷା ରଦ୍ଦ ପାଇଁ ତାଙ୍କ ସରକାର ଆଇନଗତ ଲଢ଼େଇ ଜାରି ରଖିବେ ବୋଲି ସେ ପ୍ରତିଶ୍ରୁତିଦେଇଛନ୍ତି। ଏନ୍‌ଇଇଟିରେ କୃତକାର୍ଯ୍ୟ ହେବାପାଇଁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରୀକ୍ଷାରେ ଦୁର୍ନୀତି ହେବା ସହ ପ୍ରଶ୍ନପତ୍ର ଲିକ୍ ହେଉଛି। ପିଲାଙ୍କ ଆତ୍ମହତ୍ୟା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ମାନସିକତାରେ ପରିବର୍ତ୍ତନ ହେଉ ନ ଥିବା ଷ୍ଟାଲିନ୍ କହିଛନ୍ତି।

### ପରୀକ୍ଷା ରଦ୍ଦ ଲାଗି ଲଢ଼େଇ ଜାରି ରହିବ: ଷ୍ଟାଲିନ

## ବିମାନ ଅପହରଣକାରୀଙ୍କ ସାଉଦି ଲିଙ୍କ୍

**ୱାଶିଂଟନ୍, ୧୨।୯**

ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ୨୦୦୧ ସେପ୍ଟେମ୍ବର ୧୧ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଗୋପନୀୟ ଯାଞ୍ଚ ଦସ୍ତାବିଜକୁ ସଂଘୀୟ ତଦନ୍ତକାରୀ ବ୍ୟୁରୋ(ଏଫ୍‌ବିଆଇ) ଶନିବାର ସାର୍ବଜନୀନ କରିଛି। ଆକ୍ରମଣରେ ବ୍ୟବହାର ହୋଇଥିବା ବିମାନକୁ ଅପହରଣ କରିବାରେ ୨ ଜଣଙ୍କୁ ସାଉଦିଆରବରୁ ସହାୟତା ମିଳିଥିବା ୧୬ ପୃଷ୍ଠାର ଏହି ଯାଞ୍ଚ ରିପୋର୍ଟରେ ଦର୍ଶାଯାଇଛି। ତେବେ ସାଉଦିଆରବ ସରକାରଙ୍କ ଏଥିରେ ସିଧାସଳଖ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ କୌଣସି ପ୍ରମାଣ ମିଳିନାହିଁ।



### ୯/୧୧ ଯାଞ୍ଚ ଦସ୍ତାବିଜ ଜାରି

୯/୧୧ ଆକ୍ରମଣକୁ ୨୦ ବର୍ଷ ପୂର୍ତ୍ତି ଅବସରରେ ଏହି ଦସ୍ତାବିଜ୍ ସାମ୍ନାକୁ ଆସିଛି। ପ୍ରାୟ ୩ ହଜାର ଆମେରିକୀୟଙ୍କ ଜୀବନ ନେଇଥିବା ଏହି ଘାତକ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ରକାରୀ ଅଲ-କାଏଦାକୁ ସାଉଦି ଆରବ ସହଯୋଗ କରିଥିବା ପୀଡ଼ିତଙ୍କ ପରିବାର ପକ୍ଷରୁ ଅଭିଯୋଗ ଆସିଥିଲା। ଏଥିସହ ଏଫ୍‌ବିଆଇର ଯାଞ୍ଚ ରିପୋର୍ଟକୁ ସାର୍ବଜନୀନ କରାଯିବାକୁ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଚାପ ପଡ଼ିଥିଲା। ଏ ସମ୍ପର୍କରେ ପ୍ରାୟ ୧୭ ଶହ ପୀଡ଼ିତଙ୍କ ପରିବାର ଗତ ମାସରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିକଟକୁ ଚିଠି ଲେଖିଥିଲେ। ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ବାଇଡେନ୍ ଏହି ରିପୋର୍ଟ ସାର୍ବଜନୀନ କରିବାକୁ ଗତ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଯାଞ୍ଚ ଦସ୍ତାବିଜରେ ଆକ୍ରମଣ ପଛରେ ରିୟାଦ୍‌ର ପ୍ରତ୍ୟକ୍ଷ ସମ୍ପୃକ୍ତି ନେଇ କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ଆଂଶିକ ଭାବେ ସଂଶୋଧିତ ହୋଇଥିବା ଏହି ରିପୋର୍ଟରେ ଅପହରଣକାରୀଙ୍କୁ ସାଉଦିଆରବରୁ ସହଯୋଗ ମିଳିଥିବା ଦର୍ଶାଯାଇଛି।

ଅନ୍ୟପକ୍ଷରେ ପୂର୍ବଭଳି ସାଉଦିଆରବ ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। ୯/୧୧ ଆକ୍ରମଣର ଯାଞ୍ଚ ଦସ୍ତାବିଜ୍ ସାର୍ବଜନୀନ କରାଯିବାକୁ ୱାଶିଂଟନ୍‌ରେ ଅବସ୍ଥାପିତ ସାଉଦିଆରବ ଦୂତାବାସ ପକ୍ଷରୁ ସ୍ୱାଗତ କରାଯାଇଛି। ଆକ୍ରମଣ ପଛରେ ସାଉଦିଆରବ ସମ୍ପୃକ୍ତି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଗତ ବୁଧବାର ଏହାର ରାଷ୍ଟ୍ରଦୂତ କହିଥିଲେ।



**ରିକାର୍ଡୋ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି**

ମ୍ୟାକ୍‌ଲରେନ ଡ୍ରାଇଭର ଡାନିଏଲ ରିକାର୍ଡୋ ରବିବାର ଅନୁଷ୍ଠିତ ଇଟାଲିଆନ ଗ୍ରାଁ ପ୍ରି ଫର୍ମୁଲାଓ୍ବାନ ମୋଟରରେସିଂରେ ଚାମ୍ପିୟନ ହୋଇଛନ୍ତି।

୦୯

୦୬

**୨.୪୩ କୋଟିର କାର୍ କିଣିଲେ କ୍ରିତି**

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ 'ମିମି' ଫିଲ୍ମର ସଫଳତା ପରେ ୨.୪୩ କୋଟି ଟଙ୍କାର ବିଳାସପୂର୍ଣ୍ଣ କାର୍ କିଣିଛନ୍ତି।



# ମାଣିକପାଟଣା ଗଲେନି ମୁଖ୍ୟ ଶାସନ ସଚିବ

**ଥମୁନାହିଁ ଓଡ଼ିଶା-ଆନ୍ଧ୍ର ସୀମା ବିବାଦ। ଏହାକୁ ନେଇ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଆନ୍ଧ୍ର ତା'ର ମନମାନି ଚଳାଇଛି। କୋରାପୁଟ ପଟ୍ଟାଙ୍ଗୀ ବ୍ଲକ ଅଧୀନ ୩ ଗ୍ରାମପୁଞ୍ଜ (ଫାଟୁ ସେନେରି, ଫଗୁଣ ସେନେରି, ତଳଗଞ୍ଜେଇପଦର)ରେ ଆନ୍ଧ୍ର ବଳପୂର୍ବକ ନିଜର ବୋଲି ଦର୍ଶାଇ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବାବେଳେ ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ମାଣିକପଟଣା ଗାଁକୁ ମଧ୍ୟ ନିଜ ଦଖଲରେ ନେବାକୁ ଚେଷ୍ଟା କରୁଛି। ଓଡ଼ିଶାର ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ପ୍ରଭାବୀ ହେଉ ନ ଥିବାରୁ ବିଭିନ୍ନ ସମୟରେ ଆନ୍ଧ୍ର ବଳପୂର୍ବକ କାର୍ଯ୍ୟ କରିବାକୁ ସାହସ ପାଉଛି। ବିଶେଷ କରି ଶନିବାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଜପତି ଜିଲା ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ସୁଦ୍ଧା ମାଣିକପାଟଣା ଗସ୍ତ ନ କରିବା ଏବଂ ଆନ୍ଧ୍ର ନେତାଙ୍କ ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ବିରୋଧରେ କୌଣସି ମତାମତ ନ ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।**

**ସୀମା ବିବାଦ ଘନେଉଛି**

- ପଇଁତରା ମାରୁଛି ଓଡ଼ିଶା-ଆନ୍ଧ୍ର ପୋଲିସ
- ପ୍ରଶାସନର ଅବହେଳା ଦର୍ଶାଇଲେ ଅଞ୍ଚଳବାସୀ

ଭୁବନେଶ୍ୱର(ବ୍ୟୁରୋ)/ ପାରଳାଖେମୁଣ୍ଡି, (ଡି.ଏନ୍.ଏ.) ୧୨।୯

ମାଣିକପାଟଣା ଗ୍ରାମରେ ଆନ୍ଧ୍ରପ୍ରଦେଶର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଏସ୍. ଆପଲାରାଜୁ ଗୁରୁବାର ଗଜପତି ଜିଲାର କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ଅଶୋଭନୀୟ ବ୍ୟବହାର ଦେଖାଇଛନ୍ତି। ଏପରି କି ଓଡ଼ିଶା ପ୍ରଶାସନ ବନ୍ଦ କରିଥିବା ଆନ୍ଧ୍ରର ଅଙ୍ଗନୱାଡ଼ି କେନ୍ଦ୍ରକୁ ଜୋରଜବରଦସ୍ତ ଖୋଲି ପିଲାଙ୍କୁ ଅଣ୍ଡା ବାଣ୍ଟିବା ସହ ସ୍ଥାନୀୟ ପ୍ରଶାସନ ସହ ଯୁକ୍ତିତର୍କ କରିଥିଲେ। ଏବେ ସେଠାରେ ଆନ୍ଧ୍ର ପୋଲିସ ପଇଁତରା ମାରୁଛି। ଅପରପକ୍ଷରେ କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବା ପାଇଁ ଓଡ଼ିଶା ପୋଲିସ ମଧ୍ୟ ପାଟ୍ରୋଲିଂ କରୁଛି। ଗତ ୧୫ ବର୍ଷ ହେଲା ଆନ୍ଧ୍ର ବିଭିନ୍ନ ସମୟରେ ମାଣିକପାଟଣାକୁ ଦଖଲ କରିବାକୁ ଷଡ଼ଯନ୍ତ୍ର କରିଆସୁଛି। ଓଡ଼ିଶା ସରକାର ଏଥିପ୍ରତି ଉଚିତ୍ ପଦକ୍ଷେପ ନ ନେବାରୁ ଆନ୍ଧ୍ର ପ୍ରଶାସନର ମନମୁଖି କାର୍ଯ୍ୟକଳାପ ବଢ଼ିଚାଲିଛି, ଯାହାକି ଅତ୍ୟନ୍ତ ପରିତାପର ବିଷୟ ବୋଲି ମାଣିକପାଟଣା ଗ୍ରାମ ସମେତ ଗଙ୍ଗାବାଡ଼ ଏବଂ କେରାଣ୍ଡି ପଞ୍ଚାୟତର କେତେଜଣ ଗ୍ରାମବାସୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ଗଜପତି ଜିଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ମହେନ୍ଦ୍ରଗିରି ଶିଖର ଅଞ୍ଚଳରେ ପର୍ଯ୍ୟଟନର ବିକାଶ ସହ ପର୍ଯ୍ୟଟକଙ୍କ ପାଇଁ ଏହା କିଭଳି ଆକର୍ଷଣୀୟ ହୋଇପାରିବ ସେନେଇ ମହାପାତ୍ର ସମୀକ୍ଷା କରିଥିଲେ। ହେଲେ ମାଣିକପାଟଣା ସୀମା ବିବାଦ ନେଇ କିଛି ଆଲୋଚନା କରି ନାହାନ୍ତି। ଏପରି କି ଏହି ପ୍ରସଙ୍ଗରେ ପଚରାଯିବାବେଳେ କୌଣସି ଉତ୍ତର ଦେଇ ନ ଥିଲେ, ଯାହାକୁ ନେଇ ଭାଜପା ଏବଂ କଂଗ୍ରେସ କଡ଼ା ସମାଲୋଚନା କରିଛନ୍ତି। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି, ମୁଖ୍ୟ ଶାସନ ସଚିବ ଗଜପତି ଜିଲା ଗସ୍ତରେ ଯାଇଥିଲେ ସୁଦ୍ଧା ମାଣିକପାଟଣାକୁ ଗଲେ ନାହିଁ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପର୍ଯ୍ୟନ୍ତ କଥା ମଧ୍ୟ ହେଲେ ନାହିଁ ବୋଲି ବକ୍ସିପାତ୍ର କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଆନ୍ଧ୍ରର ଜଣେ ମନ୍ତ୍ରୀ ଗଜପତି ଜିଲାରେ ଘରେ ପଶି ଧମକାଉଛନ୍ତି। ତଥାପି ଏ ପର୍ଯ୍ୟନ୍ତ ଏମାନଙ୍କ ପାଟି ଖୋଲୁ ନାହିଁ। ରାଜ୍ୟକୁ ଝାଡଖଣ୍ଡ ପଶିଲାଣି ଏବଂ ଆନ୍ଧ୍ର ଧମକାଇଲାଣି, କ'ଣ କରୁଛ ଏ ପର୍ଯ୍ୟନ୍ତ। ଯଦି ମୁଖ୍ୟ ଶାସନ ସଚିବ ମହେନ୍ଦ୍ରଗିରି ଗଲେ ତେବେ ସେଠାକୁ କାହିଁକି ଗଲେ ନାହିଁ ବୋଲି ସୁରେଶ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ☞ପୃଷ୍ଠା-୨



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଗ୍ରେଟ୍ ବ୍ରିଟେନର ଏମା ରାଡୁକାନୁ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି। (ରିପୋର୍ଟ ଖେଳ ପୃଷ୍ଠା)

USHA TRAVELS
www.flyusha.in
OFFER PRICE
BHUBANESWAR ⇄
KOLKATA 2533/-*
HYDERABAD 3533/-*
BENGALURU 3533/-*
DELHI 3633/-*
MUMBAI 3733/-*
DUBAI 10,333/-*
T&C Apply
CALL US! 1800 890 3566

# ଭୂପେନ୍ଦ୍ର ଗୁଜରାଟ ମୁଖ୍ୟମନ୍ତ୍ରୀ

**ଆଜି ନେବେ ଶପଥ**

ଅହମଦାବାଦ, ୧୨।୯

ବରିଷ୍ଠ ଭାଜପା ନେତା ଭୂପେନ୍ଦ୍ର ପଟେଲ ଗୁଜରାଟର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସୋମବାର ଅପରାହ୍ନରେ ସେ ପଦ ଓ ଗୋପନୀୟତାର ଶପଥ ପାଠ କରିବେ। ବିଜୟ ରୂପାନୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ଦିନକ ପରେ ରବିବାର ଗାନ୍ଧୀନଗରଠାରେ ଭାଜପା ବିଧାୟକ ଦଳ ବୈଠକ ବସି ୫୫ ବର୍ଷୀୟ ଭୂପେନ୍ଦ୍ରଙ୍କୁ ସର୍ବସମ୍ମତି କ୍ରମେ ନୂଆ ନେତା ନିର୍ବାଚନ କରାଯାଇଛି। ରୂପାନୀ ନିଜ ଉତ୍ତରାଧିକାରୀ ଭାବେ ପ୍ରଥମ ଥର ବିଧାୟକ ହୋଇଥିବା ଭୂପେନ୍ଦ୍ରଙ୍କ ନାମ ପ୍ରସ୍ତାବ ରଖିଥିଲେ। ସେ ୨୦୧୭ରେ ଘଟଲୋଡିଆ ଆସନରୁ କଂଗ୍ରେସ ପ୍ରାର୍ଥୀ ଶଶୀକାନ୍ତ ପଟେଲଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ଅହମଦାବାଦ ମ୍ୟୁନିସିପାଲ କାଉନସିଲର ଏବଂ ଅହମଦାବାଦ ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏୟୁଡିଏ)ର ଅଧ୍ୟକ୍ଷ ରହିଥିଲେ। ପଟିଦାର ସମ୍ପ୍ରଦାୟର ନେତା ଭୂପେନ୍ଦ୍ର ଇଞ୍ଜିନିୟରିଂ ଶିକ୍ଷା କରିଛନ୍ତି।

ଭୂପେନ୍ଦ୍ର ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଥିବାରୁ ☞ପୃଷ୍ଠା-୨



ଭୂପେନ୍ଦ୍ର ପଟେଲ

# ଦବିଲା କୋଠା, ଘରେ ପଶିଲା ପାଣି

**ସାରା ରାଜ୍ୟରେ ପ୍ରବଳ ବର୍ଷା**

- ପୁରୀରେ ସର୍ବାଧିକ ୧୪୫, ଭୁବନେଶ୍ୱରରେ ୧୧୯ ମିମି ବର୍ଷା
- ଭୁଶୁଡ଼ିଲା ପୋଲ, ବିପଦ ସଙ୍କେତ ଉପରେ ଜଳକା
- ଆହୁରି ବର୍ଷିବ, ଆଜି ୫ ଜିଲାକୁ ରେଡ୍ ୱାର୍ନିଂ
- ସମସ୍ତ ବନ୍ଦରରେ ୩ ନଂ. ବିପଦ ସଙ୍କେତ
- ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ୱେଲ୍ ମାର୍କଡ୍ ଲୋ' ପ୍ରେସରରେ ପରିଣତ ହୋଇଛି। ଏହା ପ୍ରଭାବରେ ଶନିବାରଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷକରି ରବିବାର ଦିନ ତମାମ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଛି। ବିଭିନ୍ନ ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହୋଇ ରହିଥିବାବେଳେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଖବର ମିଳିଛି। ରାଜଧାନୀ ଭୁବନେଶ୍ୱରରେ କୋଠା ଦବିବା ସହ ତଳି ଅଞ୍ଚଳର ବହୁ ଘରେ ପାଣିରେ ବୁଡିଛି। ବର୍ଷାରେ ସ୍ମାର୍ଟସିଟିର ରୂପ ପୂରା ବଦଳିଯାଇଛି। ବସ୍ତି, କଲୋନୀ, ଭିଭିଆଇପି ଅଞ୍ଚଳର ବହୁ ଲୋକ ପାଣି ଘେରରେ ଫସି ରହି ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବହୁତଳ କୋଠାରେ ବି ପାଣି ପଶିଛି। ଝୁମୁଝୁମା ନିକଟ ରଘୁନାଥ ନଗରରେ ଏକ ୩ମହଲା କୋଠା ଦବିଯିବା ସହ କାନ୍ଥ ଫାଟିଯାଇଛି। କେତେକ ସ୍ଥାନରେ କାର୍‌ଗୁଡ଼ିକ ପାଣିରେ ବୁଡିଯାଇଥିବାବେଳେ ଆଉକିଛି ପାଣି ସୁଅରେ ଭାସୁଥିବା ମଧ୍ୟ ନଜରକୁ ଆସିଛି। ସେହିଭଳି କେନ୍ଦ୍ରାପଡ଼ା ସମେତ କେତେକ ଜିଲାରେ ଘର ଭୁଶୁଡିଥିବା ସୂଚନା ମିଳିଛି। ମାଲକାନଗିରିରୁ ବାଲିମେଳାକୁ ସଂଯୋଗ କରୁଥିବା କୋରୁକୋଣ୍ଡା ବ୍ଲକ ସଦର ନିକଟରେ ଥିବା ପୋଲ ଉପରେ ପ୍ରାୟ ୪ଫୁଟ ଉପରେ ପାଣି ପ୍ରବାହିତ ହେଉଛି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। ସେହିଭଳି ପ୍ରବଳ ବର୍ଷା ଯୋଗୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ☞ପୃଷ୍ଠା-୨





ଦବିଯାଇଥିବା ଭୁବନେଶ୍ୱରର ଝୁମୁଝୁମା ରଘୁନାଥନଗରସ୍ଥିତ ୩ ମହଲା କୋଠା (ବାମ)। କାନ୍ଥରେ ସୃଷ୍ଟି ହୋଇଥିବା ଫାଟ।

## ଆଜିଠୁ ସକାଳ ୭ରୁ ରାତି ୯ ଯାଏ ଦର୍ଶନ

**ଶ୍ରୀମନ୍ଦିରରେ ନୂତନ ଏସ୍‌ଓପି**

ପୁରୀ ଅଫିସ,୧୨।୯

ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁଯାୟୀ ଏଣିକି ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ହେବ। ସୋମବାର (୧୩ ତାରିଖ) ଠାରୁ ଏହି ନୂତନ ଏସ୍‌ଓପି କାର୍ଯ୍ୟକାରୀ ହେବାକୁ ଯାଉଛି। ସେହିପରି ଶ୍ରୀମନ୍ଦିରକୁ



ଭକ୍ତ ଭୋଗ ଓ ଫୁଲ ନେଇପାରିବେ। ଆନନ୍ଦବଜାରରେ ମଧ୍ୟ ମହାପ୍ରସାଦ ସେବନ କରିପାରିବେ। ଗତ ବୁଧବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ ପୂର୍ବଭଳି ରବିବାର ସମେତ ସ୍ୱତନ୍ତ୍ର ପର୍ବପର୍ବାଣିରେ ଦର୍ଶନ ବନ୍ଦ ରହିବ। ସୂଚନାଯୋଗ୍ୟ, ପୁରୁଣା ଏସ୍‌ଓପି ଅନୁଯାୟୀ ଗତ ୩ଦିନ ଧରି ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିଲା। ସେହିପରି ପୁରୁଣା ଏସ୍‌ଓପିରେ ସକାଳ ୭ଟାରୁ ରାତି ୭ଟା ପର୍ଯ୍ୟନ୍ତ ଦର୍ଶନ ଅନୁମତି ରହିଥିଲା। ତେବେ ନୂତନ ଏସ୍‌ଓପିରେ ଦର୍ଶନ ସମୟ ୨ଘଣ୍ଟା ବଢିଥିବାରୁ ପୁରୀକୁ ଅଧିକ ଭକ୍ତଙ୍କ ଆଗମନ ହେବ ବୋଲି ଆଶା କରାଯାଉଛି।

# 'ପାଇଲଟଙ୍କ ତ୍ରୁଟିରୁ ହୋଇଥିଲା ଦୁର୍ଘଟଣା'

ମୁମ୍ବାଇ, ୧୨।୯

ପାଇଲଟଙ୍କ ତ୍ରୁଟି ଏବଂ ସମ୍ଭବତଃ ସୁରକ୍ଷା ଗାଇଡ୍‌ଲାଇନ ଅନୁପାଳନ କରିବାରେ ବିଫଳତାରୁ ଗତବର୍ଷ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୧ ଜଣ ପ୍ରାଣ ହରାଇଥିଲେ। ୧୦ ବର୍ଷ ମଧ୍ୟରେ ଏହା ଭାରତରେ ସବୁଠୁ ମର୍ମନ୍ତୁଦ ଦୁର୍ଘଟଣା ଥିଲା ବୋଲି ତଦନ୍ତ ରିପୋର୍ଟରେ କୁହାଯାଇଛି। କରୋନା ମହାମାରୀ ଯୋଗୁ ଦୁବାଇରେ ଅଟକି ରହିଥିବା ଭାରତୀୟଙ୍କୁ ଗତବର୍ଷ ଅଗଷ୍ଟ ୮ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବୋଇଂ ୭୩୭ ବିମାନ ଫେରାଇ ଆଣୁଥିଲା। କେରଳର କାଲିକଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ବେଳେ ବିମାନଟି ଟେବୁଲ-ଟପ୍ ରନ୍‌ୱେ ବାହାରକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପାଇଲଟ ଉଡ଼ାଣର ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜ୍ୟୁଅରକୁ ନ ମାନିବା ଦୁର୍ଘଟଣାର ସମ୍ଭାବ୍ୟ କାରଣ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଦୁର୍ଘଟଣା ତଦନ୍ତ ବ୍ୟୁରୋ ରିପୋର୍ଟରେ କୁହାଯାଇଛି। ଟଚ୍‌ଡାଉନ୍ ଜୋନ୍ ବାହାରେ ପାଇଲଟ ବିମାନକୁ ଅବତରଣ କରାଇଥିଲେ ବୋଲି ତଦନ୍ତକାରୀ ସଂସ୍ଥା ୨୫୭ ପୃଷ୍ଠାର ରିପୋର୍ଟରେ କହିଛି। ଅବତରଣ ବେଳେ ପାଇଲଟ୍‌ଙ୍କୁ ଚକ୍କର କାଟିବାକୁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ସେ ତାହା ପାଳନ କରି ନ ଥିଲେ। ବିମାନରେ ଥିବା ଅନ୍ୟତମ ପାଇଲଟ ମଧ୍ୟ ଏହାକୁ ନିୟନ୍ତ୍ରଣକୁ ନେବାରେ ଓ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

**ଏୟାର ଇଣ୍ଡିଆ ଏକ୍ସପ୍ରେସ୍**



# ୩୦ ଦିନରେ ମିଳିବ କୋଭିଡ୍ ମୃତ୍ୟୁ ପ୍ରମାଣପତ୍ର

**କେନ୍ଦ୍ରର ଗାଇଡ୍‌ଲାଇନ**

ନୂଆଦିଲ୍ଲୀ, ୧୨।୯

କୋଭିଡ୍-୧୯ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଭାରତୀୟ ମେଡିକାଲ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଗାଇଡ୍‌ଲାଇନ ଜାରି କରିଛନ୍ତି। ଏନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆବେଦନର ୩୦ ଦିନ ମଧ୍ୟରେ ଏହି ସାର୍ଟିଫିକେଟ ଯୋଗାଇ ଦିଆଯିବ। ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ମୃତ୍ୟୁଜନିତ କ୍ଷତିପୂରଣ ପାଇଁ ଉକ୍ତ ପ୍ରମାଣପତ୍ରକୁ ବ୍ୟବହାର କରାଯାଇପାରିବ। ସୂଚନାଯୋଗ୍ୟ କୋଭିଡ୍ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସରକାର ପୂର୍ବରୁ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେବା ସହ କେତେ ଟଙ୍କା ଦିଆଯିବ ତାହା ସରକାର ଧାର୍ଯ୍ୟ କରିବେ ବୋଲି କହିଥିଲେ। ତେବେ ମୃତ୍ୟୁ ସାର୍ଟିଫିକେଟ ଜାରି ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତିରେ ବିଳମ୍ବକୁ ନେଇ ଗତ ୩ ତାରିଖରେ ଶୀର୍ଷ ଅଦାଲତ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ସରକାର ଗାଇଡ୍‌ଲାଇନ ଆଣିଲା ବେଳକୁ ତୃତୀୟ ଲହର ଶେଷ ହୋଇଯାଇଥିବ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ କହିଥିଲେ। ସରକାରଙ୍କ ସତ୍ୟପାଠ ଅନୁଯାୟୀ କେବଳ କୋଭିଡ୍-୧୯ରେ ☞ପୃଷ୍ଠା-୨



**ଆଜିର ସମ୍ପାଦକୀୟ**

କେତେ ମୁଖ୍ୟମନ୍ତ୍ରୀ ବଦଳିବେ

**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତୃତ୍ୱାଧୀନ ସରକାର ୭୦ ବର୍ଷରେ ଯାହା ସବୁ ସ୍ଥାପନ କରିଥିଲା, ଭାଜପା ନେତୃତ୍ୱ କେନ୍ଦ୍ର ସରକାର ୭ ବର୍ଷରେ ସବୁ ବିକିଦେଲେଣି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଗାଁ ପଡ଼ିଆରେ ଫୁଟ୍‌ବଲ ଖେଳୁଛି ଭାଲୁ

ନବରଙ୍ଗପୁର/ଉମରକୋଟ, ୧୨।୯(ବି.ପ୍ର./ସ୍ୱ.ପ୍ର.)

ଫୁଟ୍‌ବଲ ଖେଳୁଛନ୍ତି ଦୁଇଟି ଭାଲୁ। ମା' ଭାଲୁଟି ଫୁଟ୍‌ବଲଟିକୁ ଗଡ଼େଇ ଗଡ଼େଇ କିଛି ବାଟ ନେଇଯାଉଛି ତ ପୁଣି କେତେବେଳେ ଉପରକୁ ପକାଇ ତଳକୁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଛି। ବେଳେବେଳେ ଛୁଆ ଭାଲୁ ଆଡ଼େ ଫୁଟ୍‌ବଲଟିକୁ ଗଡ଼ାଇ ଅନାଇ ରହୁଛି ମା' ଭାଲୁ। ଏପରି ମନୋରମ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ସୁଖୀ ଗାଁରେ। ସର୍କସ୍‌ରେ ହିଂସ୍ର ଜନ୍ତୁ ରିଂ ମାଷ୍ଟରଙ୍କ ନିର୍ଦ୍ଦେଶରେ ଏପରି ଖେଳୁଥିବା ଅନେକେ ଦେଖିଥିବେ। କିନ୍ତୁ ଜଙ୍ଗଲୀ ଭାଲୁଙ୍କୁ ଏପରି ଖେଳୁଥିବା ଦୃଶ୍ୟ ନିଶ୍ଚୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବ। ତେଣୁ ଭାଲୁ ଫୁଟ୍‌ବଲ ଖେଳୁଥିବାର ଏହି ଦୃଶ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି।

ସୂଚନାନୁଯାୟୀ, ସୁଖୀ ଗାଁର କେତେଜଣ ପିଲା ଶନିବାର ଗାଁ ପଡ଼ିଆରେ ଫୁଟ୍‌ବଲ ଖେଳୁଥିଲେ। ପଡ଼ିଆ ନିକଟସ୍ଥ ଜଙ୍ଗଲରୁ ଏହି ସମୟରେ ଦୁଇଟି ଭାଲୁ ପିଲାମାନେ ଖେଳୁଥିବା ପଡ଼ିଆଆଡ଼େ ଚାଲି ଆସିଥିଲେ। ଭାଲୁକୁ ଦେଖି ପିଲାମାନେ ଭୟରେ ଫୁଟ୍‌ବଲଟିକୁ ଛାଡ଼ି ପଡ଼ିଆରୁ ପଳାଇଥିଲେ। ଏହାପରେ ମା' ଓ ଛୁଆ ଭାଲୁ ଫୁଟ୍‌ବଲ ସହ ବେଶ୍ କିଛି ସମୟ ଖେଳିଥିଲେ। ପରେ ସେମାନେ ଫୁଟ୍‌ବଲଟିକୁ ନେଇ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ। ପିଲାମାନେ ଦୂରରେ ଛିଡ଼ା ହୋଇ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ତେବେ ଭାଲୁମାନେ କାହାର କିଛି କ୍ଷତି କରି ନ ଥିବା ଜଣାପଡ଼ିଛି।



ଭାଲୁ ଦୁଇଟି ଫୁଟ୍‌ବଲ ଖେଳୁଥିବାର ଦୃଶ୍ୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ସେପ୍ଟେମ୍ବର, ୨୦୨୧

**ମିଳିବ ତୃତୀୟ ପର୍ଯ୍ୟାୟ ସୁଇସ୍ ବ୍ୟାଙ୍କ ତଥ୍ୟ**

ନୂଆଦିଲ୍ଲୀ,୧୨।୯: ଭାରତ ଚଳିତ ମାସରେ ସୁଇସ୍ ବ୍ୟାଙ୍କଠାରୁ ତୃତୀୟ ପର୍ଯ୍ୟାୟ ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ତଥ୍ୟ ହାସଲ କରିବ। ଟିକସ ସମ୍ପର୍କିତ ତଥ୍ୟ ସିଧାସଳଖ ଆଦାନ ପ୍ରଦାନ ଲାଗି ଭାରତ ସୁଇଜରଲାଣ୍ଡ ଚୁକ୍ତିରେ ସାମିଲ ହୋଇଛନ୍ତି। ମିଳିବାକୁ ଥିବା ତଥ୍ୟ ମଧ୍ୟରେ ସୁଇସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ଜମା ସହ ରିୟଲ ଇଷ୍ଟେଟ ସମ୍ପତ୍ତି ସାମିଲ ରହିବ। ଉକ୍ତ ସମ୍ପତ୍ତିଗୁଡ଼ିକରେ ଭାରତୀୟ ବ୍ୟକ୍ତିବିଶେଷ କେତେ ଆୟ କରୁଛନ୍ତି ସେ ତଥ୍ୟ ମଧ ମିଳିବ। ଫଳରେ ଭାରତୀୟ ଟିକସ କର୍ତ୍ତୃପକ୍ଷଙ୍କୁ ଏହା ଟିକସ ଦାବି କରିବାରେ ସୁବିଧା ହେବ। କଳାଟଙ୍କା ବିରୋଧୀ ଲଢ଼େଇ ପଦକ୍ଷେପ ଅନ୍ତର୍ଗତ ଭାରତ ସରକାର ଏଭଳି ଏକ ପଦକ୍ଷେପ ହାତକୁ ନେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଭୂପେନ୍ଦ୍ର ଗୁଜରାଟ ...

ପ୍ରଥମ ପୃଷ୍ଠାରୁ...

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶ ଯାତ୍ରା ନୂଆ ଜୋଶ୍ ନେଇ ଆଗେଇ ଚାଲିବ ବୋଲି ଶାହା କହିଛନ୍ତି। ଭୂପେନ୍ଦ୍ର ଜଣେ ଦକ୍ଷ ନେତା। ଭାଜପା ତାଙ୍କ ନେତୃତ୍ୱରେ ଆଗାମୀ ଗୁଜରାଟ ବିଧାନସଭା ନିର୍ବାଚନ ଜିତିବ ବୋଲି ରୂପାନୀ କହିଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ, ପୂର୍ବତନ ମନ୍ତ୍ରୀ ଗୋର୍ଧନ ଜଦାଫିଆ, ପ୍ରଫୁଲ୍ଲ କୁମାର ପଟେଲ, ଭାଜପା ରାଜ୍ୟ ସଭାପତି ସି.ଆର୍. ପଟେଲ ଏବଂ କେନ୍ଦ୍ରମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡବ୍ୟଙ୍କ ନାଁ ଚର୍ଚ୍ଚା ହେଉଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ଭୂପେନ୍ଦ୍ର ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି।

## ଶ୍ରୀମନ୍ଦିରରେ ଶ୍ରୀଦେବୀଙ୍କ କୁକ୍ଟି ବ୍ରତ

ପୁରୀ ଅଫିସ, ୧୨।୯: ଶ୍ରୀମନ୍ଦିରରେ ଶ୍ରୀଦେବୀ (ମହାଲକ୍ଷ୍ମୀ) ରବିବାର କୁକ୍ଟି ବ୍ରତ ପାଳନ କରିଥିଲେ। ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ କୁକ୍ଟି ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ନିକଟ ପାଲିଙ୍କିରେ ବିଜେ ହୋଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଶ୍ରୀଦେବୀଙ୍କୁ ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ସେଠାରେ ଥିବା ଖଟରେ ବିଜେ କରାଇଥିଲେ। ଠାକୁରାଣୀଙ୍କ ମାଜଣା ହୋଇ ବେଶ ବଢିବା ସହ ଅନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଶୀତଳ ଭୋଗ ଲାଗିହୋଇ ବନ୍ଦାପନା ସରି ମଧ୍ୟାହ୍ନ ଧୂପ ବଢ଼ିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ,**
**ଦହି ଭାତ କିଏ ଖାଇବ**
**ଯୁବା ପୁରୁଷକୁ ବୁଢ଼ୀ ପରଷିଲା**
**ଏହା କି ମୋ ଦେହ ସହିବ ?**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ଅସଙ୍ଗତ ଯୋଡ଼ି ଭଳି ଯୁବକ ସହ ବୟସ୍କା ମହିଳାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ କଉଡ଼ି ଖା ପିଠା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା।**

ପଇସା ଦେଇ ଖାଇବା ପଦାର୍ଥ ଗ୍ରହଣ କର , ସିଧା କଥା। ପଇସା ଥିଲେ ସବୁ କିଛି ହାତ ମୁଠାରେ। ଟଙ୍କା ପଇସା ରୋଜଗାର କରିବା ପାଇଁ ପରିଶ୍ରମ ଲୋଡ଼ା। ତେଣୁ ପରିଶ୍ରମ ବିନା କିଛି ବି ସମ୍ଭବ ନୁହେଁ, ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ମାଣିକପାଟଣା ଗଲେନି ...

କହିଛନ୍ତି, ଜିଲା ପ୍ରଶାସନିକ ଅଧିକାରୀମାନେ ସେହି ସ୍ଥାନକୁ ବାରମ୍ବାର ଯାଉଛନ୍ତି। ସରକାର ଯେଉଁ କାର୍ଯ୍ୟକ୍ରମ କରିବା କଥା କରି ଚାଲିଛନ୍ତି। ଆନ୍ଧ୍ର ଯଦି ଦାଦାଗିରି କଲା ବୋଲି ଓଡ଼ିଶା ସେମିତି କରିବ ତେବେ ଗଣତନ୍ତ୍ର ଭିତରେ ଭିନ୍ନତା କ'ଣ ରହିବ। ତେଣୁ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଓଡ଼ିଶାର ସୀମାନ୍ତ ଗାଁ ଅଞ୍ଚଳରେ ରାସ୍ତା ଓ ଗମନାଗମନ ମୁଖ୍ୟ ସମସ୍ୟା। ମାଣିକପାଟଣାରେ ୪୪ ପରିବାର ବସବାସ କରନ୍ତି। ସବୁ ଅଞ୍ଚଳର ଲୋକେ ଆଦିବାସୀ ସମ୍ପ୍ରଦାୟର। ଚାଷ, ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। ସ୍ୱାସ୍ଥ୍ୟ ସେବା ଓ ବ୍ଲକ ମହକୁମା ରାୟଗଡକୁ ଯିବାକୁ ହେଲେ ଆନ୍ଧ୍ରର ମଞ୍ଜୁଷା ଦେଇ ପୁଣି ଗଜପତି ଜିଲାର ଗାରାବନ୍ଧ ଗ୍ରାମ ବାଟେ ଆସିବାକୁ ପଡ଼େ। ଦୁର୍ଗମ ବନାଞ୍ଚଳ ଓ ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଗ୍ରାମବାସୀ କହିଛନ୍ତି। ଗଙ୍ଗାବାଡ଼ରୁ ସିଧା ବ୍ଲକ ମହକୁମାକୁ ରାସ୍ତା ପାଇଁ ଗତ ୧୫ ବର୍ଷ ମଧ୍ୟରେ ଅନେକ ଥର ଦାବି କରାଯାଇଥିଲେ ମଧ ଓଡ଼ିଶା ସରକାର ଏଥିପ୍ରତି ଗୁରୁତ୍ୱ ଦେଇନାହାନ୍ତି। ତେଣୁ ସେମାନେ ଆନ୍ଧ୍ର ଦେଇ ଯିବାକୁ ବାଧ ହେଉଥିବା କହିଛନ୍ତି। ଆନ୍ଧ୍ର ମନ୍ତ୍ରୀ, ନେତା,ଅଧିକାରୀମାନେ ଗଙ୍ଗାବାଡ ପଞ୍ଚାୟତରେ ଆନ୍ଧ୍ର ନିର୍ବାଚନ ବେଳେ ପ୍ରଚାର କରି ଭୋଟ ଦେବା ପାଇଁ ପ୍ରଲୋଭିତ କରୁଛନ୍ତି। ସମସ୍ତ ପ୍ରଲୋଭନକୁ ଏଡାଇ ଆସୁଛୁ ବୋଲି ଗ୍ରାମବାସୀ କହିଛନ୍ତି। ଓଡ଼ିଶାରୁ ଆଦାୟ କରୁଥିବା ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ବିକ୍ରିବଟାରେ ଆନ୍ଧ୍ର ବ୍ୟବସାୟୀମାନେ ଠକି ଚାଲିଛନ୍ତି। ବର୍ତ୍ତମାନ ସେମାନେ ଆନ୍ଧ୍ର ବ୍ୟବସାୟୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ନ କରି ଓଡ଼ିଶାରେ ବିକ୍ରି କରୁଥିବା କହିଛନ୍ତି। ଏଥିରେ କ୍ଷୁବ୍ଧ ଆନ୍ଧ୍ର ବ୍ୟବସାୟୀମାନେ ବିଭିନ୍ନ ରାଜନେତା, ସରକାରୀ ଅଧିକାରୀ, ଦଲାଲମାନଙ୍କୁ ଅର୍ଥ ଦ୍ୱାରା ଆୟତ୍ତ କରି ଓଡ଼ିଶାର ଗ୍ରାମଗୁଡିକରେ ଏଭଳି ଅରାଜକତା ସୃଷ୍ଟି କରି ଆସୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଗଜପତି ଜିଲାର ପ୍ରଶାସନିକ ଅଧିକାରୀଙ୍କୁ ଆନ୍ଧ୍ରର ମନ୍ତ୍ରୀଙ୍କ ଅଶୋଭନୀୟ ଆଚରଣକୁ ନେଇ ଓଡ଼ିଶା ସରକାର ଉଚିତ ପଦକ୍ଷେପ ନେବେ। ସେହି ଅଞ୍ଚଳରେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ ତାହାକୁ ଦୃଷ୍ଟିରେ ରଖି ସେଠାରେ ଗାରାବନ୍ଧ ପୋଲିସ ପଇଁତରା ମାରୁଛି ବୋଲି ଜିଲାପାଳ ଲିଙ୍ଗରାଜ ପଣ୍ଡା ସୂଚନା ଦେଇଛନ୍ତି। ମାଣିକପାଟଣା ଓଡ଼ିଶାର। ସେଠାରେ ଆନ୍ଧ୍ରପ୍ରଦେଶର କୌଣସି ଫାଣ୍ଡି ହୋଇନାହିଁ। ଖୁବ୍‌ଶୀଘ୍ର ସେଠାରେ ଓଡ଼ିଶା ପୋଲିସର ଏକ ଆଉଟପୋଷ୍ଟ କରାଯିବ ବୋଲି ପଣ୍ଡା କହିଛନ୍ତି।



ମାଣିକପାଟଣାରେ ଆନ୍ଧ୍ର ପୋଲିସ ଗାଡ଼ି ।

## ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି

ପୁରୀ ଅଫିସ, ୧୨।୯: ପବିତ୍ର ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ରବିବାର ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ନାଟମନ୍ଦିରରେ ଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ବିମ୍ବାସୁର ବଧ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା। ଦ୍ୱାପର ଯୁଗରେ କୃଷ୍ଣ ଓ ବଳାରାମଙ୍କ ନିଧନ ନିମନ୍ତେ ବିମ୍ବାସୁର ନାମକ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

## ୩୦ ଦିନରେ ମିଳିବ କୋଭିଡ୍...

ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ସାର୍ଟିଫିକେଟ ଦିଆଯିବ। ଅର୍ଥାତ୍ ଉକ୍ତ ବ୍ୟକ୍ତିଙ୍କ ଆର୍‌ଟି-ପିସିଆର୍ କିମ୍ବା ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଥିବ, ହସ୍ପିଟାଲ ଅନୁଧ୍ୟାନ କରି ତାଙ୍କୁ କୋଭିଡ୍ ରୋଗୀ ଚିହ୍ନଟ କରିଥିବେ ଏବଂ ସେ ହସ୍ପିଟାଲରେ ଜଣେ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇଥିବା ଆବଶ୍ୟକ। ତେବେ କୋଭିଡ୍ ପଜିଟିଭ୍ ଥାଇ ବିଷକ୍ରିୟା, ଆତ୍ମହତ୍ୟା କିମ୍ବା ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲେ, କୋଭିଡ୍ ମୃତ୍ୟୁ ପ୍ରମାଣପତ୍ର ମିଳିବ ନାହିଁ। ଅନ୍ୟପକ୍ଷରେ ହସ୍ପିଟାଲ କିମ୍ବା ଘରେ ରୋଗୀଙ୍କର ମୃତ୍ୟୁ ହୋଇଥିଲେ, ଫର୍ମ ୪ ଏବଂ ୪ଏରେ ମୃତ୍ୟୁର କାରଣ ନେଇ ମେଡିକାଲ ସାର୍ଟିଫିକେଟ (ଏମ୍‌ସିସିଡି) ଜନ୍ମ-ମୃତ୍ୟୁ ଆଇନ,୧୯୬୯ର ଧାରା ୧୦ ଅନୁଯାୟୀ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲେ, ଏହାକୁ କୋଭିଡ୍ ମୃତ୍ୟୁ ଭାବେ ଗ୍ରହଣ କରାଯିବ। ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହେବା କିମ୍ବା ହସ୍ପିଟାଲରେ କୋଭିଡ୍ ରୋଗୀ ଭାବେ ଚିକିତ୍ସା ହେବା ଦିନରୁ ୩୦ ଦିନ ମଧ୍ୟରେ ହସ୍ପିଟାଲ ବାହାରେ ମୃତ୍ୟୁ ଘଟିଥିଲେ ବି ଏହାକୁ କୋଭିଡ୍ ଜନିତ ମୃତ୍ୟୁ ଭାବେ ଗ୍ରହଣ କରାଯିବ। ତେବେ ହସ୍ପିଟାଲ କିମ୍ବା କୋଭିଡ୍ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ୩୦ ଦିନ ପରେ ମୃତ୍ୟୁ ଘଟିଥିଲେ ତାହାକୁ କୋଭିଡ୍ ମୃତ୍ୟୁ ଧରାଯିବ।

ମେଡିକାଲ ସାର୍ଟିଫିକେଟରେ ମୃତ୍ୟୁର କାରଣ ଦର୍ଶାଯାଇ ନ ଥିଲେ କିମ୍ବା ଉକ୍ତ କାରଣକୁ ନେଇ ମୃତକଙ୍କ ପରିବାର ସନ୍ତୁଷ୍ଟ ନ ହେଲେ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଜିଲାସ୍ତରୀୟ କମିଟିରେ ଆବେଦନ କରିପାରିବେ। ଅତିରିକ୍ତ ଜିଲାପାଳ, ମୁଖ୍ୟ ମେଡିକାଲ ଅଫିସର, ଅତିରିକ୍ତ ମୁଖ୍ୟ ମେଡିକାଲ ଅଫିସର କିମ୍ବା ମେଡିକାଲ କଲେଜର ପ୍ରିନ୍ସିପାଲ ଏବଂ ଜଣେ ବିଶେଷଜ୍ଞଙ୍କୁ ନେଇ ଏହି କମିଟି ଗଢ଼ାଯିବ। କମିଟି ଆବେଦନର ଯାଞ୍ଚ କରିବା ପରେ ଉପଯୁକ୍ତ ତଦନ୍ତ କରି କୋଭିଡ୍ ମୃତ୍ୟୁର ଆନୁଷ୍ଠାନିକ କାଗଜପତ୍ର ଇସୁ୍ୟ କରିବେ।

## ଦବିଲା କୋଠା, ଘରେ...

ପଞ୍ଚାୟତ ହରିଦାସପୁର ମୁଖ୍ୟ ରାସ୍ତାରେ ଥିବା କଲଭର୍ଟଟି ଭୁଶୁଡି ପଡିବାରୁ ଯାତାୟାତ ବନ୍ଦ ହୋଇଛି। ଚାରିଆଡେ ବର୍ଷା ଲାଗି ରହିଥିବାରୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବାଲେଶ୍ୱର ଜିଲା ମଥାନୀରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ସନ୍ଧ୍ୟାସୁଦ୍ଧା ଏଠାରେ ୫.୭ ମିଟର ଉପରେ ଜଳର ସୁଅ ଚାଲୁଥିଲା। ସେପଟେ ସମୁଦ୍ର ଅଶାନ୍ତ ରହିଥିବାରୁ ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ପୁରୀରେ ସର୍ବାଧିକ ୧୪୫ ଓ ଭୁବନେଶ୍ୱରରେ ୧୧୯ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଟିଟିଲାଗଡ଼ ୪୮.୮, ପାରାଦୀପ ୪୨, ଚାନ୍ଦବାଲି ୨୪, ବାରିପଦା ୨୦ ଓ ଛତ୍ରପୁରରେ ୧୮ ମିମି ବର୍ଷା ହୋଇଛି। ରାଜ୍ୟରେ ଆହୁରି ଦୁଇଦିନ ବର୍ଷା ଲାଗି ରହିବ। ଆସନ୍ତା ୧୨ ଘଣ୍ଟାରେ ଲଘୁଚାପ ଅବପାତରେ ପରିଣତ ହୋଇ ଉତ୍ତର ଓଡ଼ିଶା ଓ ଛତିଶଗଡ଼ ଦେଇ ଅତିକ୍ରମ କରିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶାରେ ପବନର ବେଗ ୪୫ରୁ ୫୫ କିମି ପର୍ଯ୍ୟନ୍ତ ରହିପାରେ। ତେବେ ଝଟ୍‌କା ପବନ ୬୫ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ତେଣୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସୋମବାର ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର ଓ ବରଗଡ଼ ଆଦି ୫ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ୍ଧ, କେନ୍ଦୁଝର, ଢେଙ୍କାନାଳ ଓ କଟକକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି ଏବଂ ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେବେ ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ସେପଟେ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ରେଡ୍, ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାର ବାସିନ୍ଦାଙ୍କୁ ସତର୍କ କରାଇବା ସହିତ ତଳିଆ ଅଞ୍ଚଳରୁ ଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଭଳି ସ୍ଥିତି ମଧ ଉପୁଜିପାରେ। ତେଣୁ ଏଥିପ୍ରତି ନଜର ରଖିବାକୁ ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି। ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ସହିତ ବିଡିଓ, ତହସିଲଦାର ଏବଂ ଗ୍ରାମ ଉନ୍ନୟନ ବିଭାଗର କର୍ମଚାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତାଘାଟ ମରାମତି ଲାଗି ମଧ ନିର୍ଦ୍ଦେଶ ରହିଛି।

## ପ୍ରସ୍ତୁତ ରହିବାକୁ ଓଡ୍ରାଫ୍ ଟିମ୍‌କୁ ନିର୍ଦ୍ଦେଶ

କୋରାପୁଟ,୧୨।୯(ସ୍ୱ.ପ୍ର.): ଲଘୁଚାପଜନିତ ବର୍ଷା ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ରବିବାର କୋରାପୁଟଠାରେ ଥିବା ଓଡ଼ିଶା ଡିଜାଷ୍ଟର ର‍୍ୟାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍)କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସମୟରେ ମେସେଜ ଆସିଲେ ଓଡ୍ରାଫ୍ ଟିମ୍ ଆବଶ୍ୟକ ଜରୁରୀ ସାମଗ୍ରୀ ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଓଡ୍ରାଫ୍ ହାବିଲଦାର ରାଜେଶ କୁମାର ସାହୁ କହିଛନ୍ତି, ଯବାନମାନେ ଗଛକଟାଠାରୁ ଆରମ୍ଭ କରି ଲାଇଟ ପର୍ଯ୍ୟନ୍ତ ସମସ୍ତ ସରଞ୍ଜାମ ସହ ପ୍ରସ୍ତୁତ ହୋଇ ରହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପାଇବା ପରେ ଏଠାରୁ ୨୪ ଜଣିଆ ଓଡ୍ରାଫ ଟିମ୍ ତୁରନ୍ତ ଯାତ୍ରାରମ୍ଭ କରିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ଏବଂ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ।

**ବୃଷ** – ଆଜିର ଜୀବନଯାତ୍ରା ବ୍ୟୟବହୁଳ ହେବା ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିନପାରେ। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମନରେ ଉଦ୍‌ବେଗ ସୃଷ୍ଟି ହେବ। ଅବଶ୍ୟ ରୋହିଣୀ ପାଇଁ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** – ଭୁଲ୍ ବୁଝାମଣା କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କୁ ପ୍ରଶଂସା କରିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** – ଆପଣ ଯେତେ ଭଲ ଚିନ୍ତା କଲେ ମଧ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ସହକର୍ମୀ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** – ଆପଣଙ୍କ ଉନ୍ନତିରେ ପଡ଼ୋଶୀ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବାର ଆଶା ରହିଛି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଲାଗି ରହିବ।

**କନ୍ୟା** – ଆଜିର କାମ ସାଧନ କରିବାରେ କିଛି ଅସୁବିଧା ହେବ ନାହିଁ। ଆପଣଙ୍କ ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା** – ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇପାରେ। ଆଜି ପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କୀୟ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** – ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ଦୃଢ଼ ପଦକ୍ଷେପ ନେଇ ବକେୟା ଅର୍ଥକୁ ହାସଲ କରିବାରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟୀ ମାନଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିପାରେ। କିଣାବିକାରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ** – ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହୋଇ ଉଠିବାର ଆଶଙ୍କା ରହିଛି।

**ମକର** – ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ପୂର୍ବ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ମୁହଁ ଖୋଲିଲେ ପାଖ ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ** – ମନୋବଳ ବୃଦ୍ଧି ପାଇବା କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବ।

**ମୀନ** – ସାମାନ୍ୟ ବିଳମ୍ବ ହେଲେ ମଧ ହାତକୁ ନେଇଥିବା କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କାମରେ ଖର୍ଚ୍ଚଣି ବଢ଼ିଯିବ। ବ୍ୟବସାୟ, ପରିବହନ ଓ ଯାତ୍ରା, ସୁଫଳ ପାଇବାର ଆଶା ରହିଛି।


# classifieds

**Everyday**
**0674-2580101, 2549302**




**SALE**

**Gharabari plot for sale between Twincity just 11k.m. from Vanivihar Square, 5.k.m. from Hanspal Chhak, immediate registration and possession with boundarywall. Contact: 7789912004.** D-71157

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.** D-71703

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (Outright). 9348232008. D-21590

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

**ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434.** D-70898

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

**ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




2000sft. each in 1st and 2nd floor, office space Lewis Road. Contact: 8018725357, 9810064588. D-70953

**Residential flat at Ratna Residency, 1st Floor near Postal Depot, Satya Nagar, Bhubaneswar. 3 BHK with drawing, dining, kitchen & puja room, 3 sets of toilets & balconies, garage space, lift fitted. Contact: 9338247620, 9437096720, between 10 A.M. - 1 P.M. & 5 P.M. - 8 P.M.** D-21612




Life is great, massage makes it better. Book appointment. 7852986810. D-71416

Swarna SPA newly open positively health benefits with expert therapist. 9556978408. D-71156

Newly open SPA Offer @599/-, positively health benefits, Kalpana. 8984846329. D-71413

**Refreshing your mind, your body with tha best therapy at Lotus SPA. 8018891951.** D-70482

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Newly Open Saikrupa Panchakarma Spa positively health benefits with Expert. 8984068077. D-21564

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୫୩,୬୭,୬୪୨ | ୪୬,୪୨,୩୪୮ | ୨୦,୧୯,୩୧,୬୩୭ |
| ଭାରତ | ୩,୩୨,୬୩,୪୨୮ | ୪,୪୨,୮୯୮ | ୩,୨୪,୩୬,୩୩୮ |
| ଓଡ଼ିଶା | ୧୦,୧୬,୩୬୨ | ୮୦୯୮(+୫୩) | ୧୦,୦୨,୧୨୮ |

ରବିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଡେଲିଭରି ବୟଙ୍କୁ ଅପହରଣ

## ଅସୁରକ୍ଷିତ ରାଜଧାନୀ ରାତି

- ୨୪ ଘଣ୍ଟା ବିତିଲା, ପତିତପାବନଙ୍କ ପତ୍ତା ପାଉନି ପୋଲିସ
- ରାସ୍ତାରୁ ମିଳିଲା ଶାର୍ଟ, ଚପଲ, ପର୍ସ, ଛୁରି

ଭୁବନେଶ୍ୱର,୧୨।୯(ବ୍ୟୁରୋ)


ପତିତପାବନ ପୃଷ୍ଟି

ଅସୁରକ୍ଷିତ ହୋଇପଡୁଛି ରାଜଧାନୀର ରାତି। ରାସ୍ତାରେ ଚାଲିଛି ମଦୁଆ, ଲୁଟେରା, ଅସାମାଜିକଙ୍କ ରାଜ୍। କମିଶନରେଟ୍ ପୋଲିସ ଶୋଇଯାଉଥିବାରୁ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଶନିବାର ରାତିରେ ସୁନ୍ଦରପଦାରୁ ଖାଦ୍ୟ ଅର୍ଡର ଦେଇ ବାଇକ୍‌ରେ ଫେରୁଥିବା ଜଣେ ଡେଲିଭରି ବୟଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇଥିବା ଧଉଳି ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ସ୍ଥାନୀୟ ନୂଆଗାଁରେ ରହୁଥିବା ପତିତପାବନ ପୃଷ୍ଟି। ଲିଙ୍ଗିପୁର ନଦୀବନ୍ଧରୁ ତାଙ୍କ ଚପଲ, ଖାଦ୍ୟ ଯୋଗାଣକାରୀ ସଂସ୍ଥାର ବ୍ୟାଗ୍, ଟି-ଶାର୍ଟ, ଖାଲି ପର୍ସ ଓ ନିକଟରେ ପୋତାଯାଇଥିବା ଏକ ଛୁରି ମିଳିଛି। ଦୁର୍ବୃତ୍ତମାନେ ପତିତପାବନଙ୍କୁ ଛୁରିରେ ଭୁସିବା ସହ ବହୁ ନିର୍ଯାତନା ଦେଇ ତାଙ୍କଠାରୁ ଟଙ୍କା, ବାଇକ୍ ଓ ମୋବାଇଲ ଫୋନ୍ ଲୁଟ୍ କରିଥିବା ଜଣାପଡିଛି। ତାଙ୍କ ଜୀବନ ପ୍ରତି ବିପଦ ଥିବା ପରିବାର ଲୋକେ କହିବା ସହ ଅପହରଣବେଳେ ପତିତପାବନ ତାଙ୍କ ସ୍ତ୍ରୀଙ୍କ ପାଖକୁ କରିଥିବା ଫୋନ୍ ଓ ପଠାଇଥିବା ଭଏସ୍ ମେସେଜକୁ ପୋଲିସକୁ ଦେଇଛନ୍ତି। ତେବେ ଅପହରଣକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପତିତପାବନଙ୍କ ସନ୍ଧାନ ମିଳିପାରି ନାହିଁ। ଧଉଳି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି, ଆଇପିସି ଦଫା ୩୬୪ରେ ଏକ ମାମଲା (ନଂ.୧୩୮/୨୧) ରୁଜୁ ହୋଇଛି। ପତିତପାବନଙ୍କୁ ଖୋଜାଖୋଜି କରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଚଢ଼ାଉ ଚାଲିଛି। ଖୁବ୍‌ଶୀଘ୍ର ତାଙ୍କ ସନ୍ଧାନ ମିଳିଯିବ ବୋଲି ସେ କହିଛନ୍ତି।

ପତିତପାବନଙ୍କ ଘର ପୁରୀ ଜିଲା ବଳଙ୍ଗା ଥାନା ମଉଜବେଗ୍ ଗ୍ରାମରେ। ସେ ତାଙ୍କ ସ୍ତ୍ରୀ ଓ ବଡ଼ ଭାଇଙ୍କ ସହ ନୂଆଗାଁରେ ଘରଭଡା ନେଇ ରହୁଥିଲେ। ତାଙ୍କର ଏକ ଗ୍ୟାରେଜ ରହିଛି। ବ୍ୟବସାୟ ଭଲ ନ ହେବାରୁ ସେ କିଛିଦିନ ହେବ ଏକ ଖାଦ୍ୟ ଡେଲିଭରି ସଂସ୍ଥାରେ କାମ କରୁଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଖାଦ୍ୟ ଅର୍ଡର ପାଇଁ ଯିବା ସହ ଗ୍ୟାରେଜ ପାଇଁ କିଛି ଉପକରଣ କିଣିବାକୁ କହି ସାଙ୍ଗରେ ୩୦ ହଜାର ଟଙ୍କା ନେଇ ଘରୁ ବାହାରିଥିଲେ। ତେବେ ରାତି ପ୍ରାୟ ୯ଟା ୪୫ରେ ସେ ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ଫୋନ୍ କରି କହିଥିଲେ, ସୁନ୍ଦରପଦା ଓ ସାମନ୍ତରାପୁର ମଝି କପିଳେଶ୍ୱର କେନାଲ ବନ୍ଧରେ ତାଙ୍କ ଗାଡ଼ି ଖରାପ ହୋଇଯାଇଥିବାରୁ ମୁଁ ଯାଇପାରୁନି। ପଛପଟେ ମଦୁଆ ୪ରୁ ୫ଜଣ ଅଛନ୍ତି। ପାଖରେ ଟଙ୍କା ଥିବାରୁ ଭୟ ଲାଗୁଥିବା କହିଥିଲେ। ଏହା ଶୁଣି ଅହଲ୍ୟା ତାଙ୍କୁ ସେଠାରେ ବାଇକ୍ ଥୋଇ ଅନ୍ୟ କୌଣସି ଗାଡିରେ ଆସିବା ପାଇଁ କହିଥିଲେ। ଏହି ସମୟରେ ହଠାତ୍ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯିବାରୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ଏହାପରେ ବଡଭାଇ ପୁରୁଷୋତ୍ତମ ପୃଷ୍ଟି, ସ୍ତ୍ରୀ ଓ ଘର ମାଲିକଙ୍କ ସମେତ କେତେଜଣ ସମ୍ପର୍କୀୟ ପତିତପାବନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ହେଲେ ତାଙ୍କୁ ନ ପାଇବାରୁ ଶେଷରେ ରାତି ପ୍ରାୟ ୨ଟାରେ ସେମାନେ ଧଉଳି ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଫୋନ୍ କରିଥିବା ସ୍ଥାନ ଅଲଗା ହୋଇଥିବାରୁ ପୋଲିସ ସକାଳୁ ପତିତପାବନଙ୍କ ପରିବାର ଲୋକଙ୍କୁ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବାକୁ କହିଥିଲା। ଲିଙ୍ଗରାଜ ପୋଲିସ ସେମାନଙ୍କୁ ପୁଣି ଧଉଳି ଥାନାକୁ ପଠାଇଦେଇଥିଲା। ପରେ ଧଉଳି ପୋଲିସ ଅଭିଯୋଗ ଗ୍ରହଣ କରିଥିଲା। ସକାଳ ପ୍ରାୟ ୮ଟାରେ ଲିଙ୍ଗିପୁର ବନ୍ଧ ନିକଟରେ ପୋଲିସ ଓ ପତିତପାବନଙ୍କ ପରିବାର ଲୋକେ ଖୋଜାଖୋଜିବେଳେ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା।

### ସ୍ତ୍ରୀଙ୍କୁ ହ୍ୱାଟ୍ସଆପ୍‌ରେ ପଠାଇଥିଲେ ଭଏସ୍ ମେସେଜ୍

ପତିତପାବନଙ୍କ କଲ୍ କଟିଯିବାର ଠିକ୍ ୩୦ ମିନିଟ ପରେ ଅର୍ଥାତ ରାତି ୧୦ଟା ୧୫ରେ ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ହ୍ୱାଟ୍ସଆପ୍‌ରେ ଏକ ଭଏସ୍ ମେସେଜ୍ ପଠାଇବା ସହ ସେ ଥିବା ସ୍ଥାନର ଲାଇଭ୍ ଲୋକେଶନ ଶେୟାର କରିଥିଲେ। ଭଏସ୍ ମେସେଜ୍‌ରେ ପତିତପାବନ ବାଷ୍ପରୁଦ୍ଧ କଣ୍ଠରେ କହୁଥିବା ଶୁଣିବାକୁ ମିଳିଛି। ସେ କହିଥିଲେ, ଧନ ଭାଇକି କହ ଏଇଠିକି ଆସିବ। ମୋତେ କିଛି ଲୋକ ଛୁରି ଭୁସି ଦେଇଛନ୍ତି ଉତ୍ତରାଠି। ଟେକି ନେଇଯାଇଛନ୍ତି ଡାଲା ଅଟୋରେ। ମୁଁ ଉତ୍ତରା ନୂଆଗାଁ ବ୍ରିଜ୍ ପଟେ ଅଛି। ମରିବି କି ବଞ୍ଚିବି ଜାଣିନି, ଭାଇକୁ କହ ଏଇ ଲୋକେଶନକୁ ଆସିବ। ମୁଁ ଅଟୋରେ ଶୋଇଛି। ମୋ ଗାଡ଼ି, ଫୋନ୍, ପଇସା ସବୁ ନେଇଗଲେ। ପ୍ୟାଣ୍ଟ ଶାର୍ଟ ଚିରିକି ରାସ୍ତାରେ ପକାଇ ଦେଇଛନ୍ତି ବୋଲି ଉକ୍ତ ଭଏସ୍ ମେସେଜ୍‌ରେ ପତିତପାବନ ଅତି ଭୟଭୀତ ଅବସ୍ଥାରେ କହିଛନ୍ତି।

### ମିଛ ବୋଲି ଭାବି ସହଯୋଗ କଲେନି ୨ ଥାନାର ପୋଲିସ

ରାତି ପ୍ରାୟ ୧୦ଟା ପରେ ପତିତପାବନଙ୍କୁ ଖୋଜିବା ପାଇଁ ବଡ଼ଭାଇ ପୁରୁଷୋତ୍ତମ ପୃଷ୍ଟି ଓ ତାଙ୍କ ସମ୍ପର୍କୀୟ ବାହାରିଥିଲେ। ମାଉସୀମା ଛକ ପାଖରେ ଲିଙ୍ଗରାଜ ଥାନାର ଏକ ପିସିଆର୍ ଭ୍ୟାନ୍ ରହିଥିଲା। ପୁରୁଷୋତ୍ତମ ସେଠାରେ ପହଞ୍ଚି ପିସିଆର୍ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ହେଲେ ସେମାନେ ମିଛ ବୋଲି କହିବା ସହ ମୁହଁ ମୋଡି ଦେଇଥିଲେ। ସେହିଭଳି ଉତ୍ତରା ଛକରେ ଧଉଳି ଥାନାର ଏକ ପିସିଆର୍‌କୁ ଭେଟିବା ସହ ଖୋଜିବାକୁ ସାହାଯ୍ୟ ମାଗିଥିଲେ। ହେଲେ ସେମାନେ ବି ଏହି ଘଟଣାକୁ ଅତି ହାଲୁକାରେ ନେବା ସହ ସେଠାରୁ ପଳାଇଯାଇଥିଲେ ବୋଲି ପୁରୁଷୋତ୍ତମ କହିଛନ୍ତି।

### ‘ପୋଲିସ ଗୁରୁତ୍ୱର ସହ ନେଇଥିଲେ ସ୍ୱାମୀ ମିଳିପାରିଥାନ୍ତେ’



ପତିତପାବନଙ୍କ ସ୍ତ୍ରୀ ଅହଲ୍ୟା ପୃଷ୍ଟି କହିଛନ୍ତି, ରାଜଧାନୀ ସାରା ଖୋଜାଖୋଜି କରି ପତିତପାବନଙ୍କୁ ନ ପାଇବାରୁ ରାତି ପ୍ରାୟ ୨ଟାରେ ଧଉଳି ଥାନାରେ ଅଭିଯୋଗ କରିଥିଲୁ। ହେଲେ ପୋଲିସ କେବଳ ଉତ୍ତରା ଅଞ୍ଚଳରେ ମାତ୍ର କିଛିସମୟ ଖୋଜାଖୋଜି କରି ଫେରି ଆସିଥିଲା। ଯଦି ସେହି ସମୟରେ ଏହି ଘଟଣାକୁ ପୋଲିସ ଅତି ଗୁରୁତ୍ୱର ସହ ନେଇ ଖୋଜାଖୋଜି କରିଥାନ୍ତା, ହୁଏତ ତାଙ୍କ ସ୍ୱାମୀ ଦୁର୍ବୃତ୍ତଙ୍କ କବଳରୁ ଉଦ୍ଧାର ହୋଇ ପାରିଥାନ୍ତେ ବୋଲି ସେ କହିଛନ୍ତି।

# ଏସ୍‌ସିବି ମେଡିକାଲ ସିସିଟିଭି ଅଚଳ, ମିଳୁନି ସ୍ପଷ୍ଟ ଚିତ୍ର

କଟକ ଅଫିସ,୧୨।୯

### ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲା

**ଟେଲିକମ୍ କମ୍ପାନୀକୁ ମଗାଯିବ ସିଡିଆର୍**


ଦୁଷ୍ମନ୍ତ ଦାସ

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲାରେ ମଙ୍ଗଳାବାଗ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁଷ୍ମନ୍ତ ଚିକିତ୍ସିତ ହେଉଥିବା ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅର୍ଥୋପେଡିକ ୱାର୍ଡରୁ ଆରମ୍ଭ କରି ଫାଟକ ପର୍ଯ୍ୟନ୍ତ ସମସ୍ତ ସିସିଟିଭି ଯାଞ୍ଚ କରିଛି ପୋଲିସ। ହେଲେ ସିସିଟିଭିଗୁଡ଼ିକ ଅଚଳ ହୋଇପଡିଥିବାରୁ ଦୁଷ୍ମନ୍ତ କେଉଁ ସମୟରେ, କାହା ସହ ଯାଉଛନ୍ତି, ତାହାର ସ୍ପଷ୍ଟଚିତ୍ର ମିଳିପାରିନାହିଁ। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ଦୁଷ୍ମନ୍ତ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌ର କଲ ଡିଟେଲ ରେକର୍ଡ(ସିଡିଆର) ଯାଞ୍ଚ କରାଯିବ। ସେଥିପାଇଁ ମୋବାଇଲ ସିମ୍‌ର ଟେଲିକମ କମ୍ପାନୀରୁ ସିଡିଆର ମଗାଯିବ। ସେହିପରି ପରିବାର ଲୋକଙ୍କୁ ପଚରାଉଚୁରା କରାଯିବବୋଲି ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୁଷ୍ମନ୍ତ ଗତ ବୁଧବାର ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତାରାତି ମୃତଦେହ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏ ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଥିଲା। ପରେ ଏହି ମାମଲା ମଙ୍ଗଳାବାଗ ଥାନାକୁ ସ୍ଥାନାନ୍ତର ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୨୨୧/୨୧) ରୁଜୁ କରି ତଦନ୍ତ ଚଳାଇଛି।







ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି– ସେତେବେଳେ ଦରକାର ହେଉଛି–ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା। –ଶ୍ରୀମା

# କେତେ ମୁଖ୍ୟମନ୍ତ୍ରୀ ବଦଳିବେ

ଭାରତୀୟ ଜନତା ପାର୍ଟି (ଭାଜପା) ୧୨ ସେପ୍ଟେମ୍ବରରେ ଭୂପେନ୍ଦ୍ର ପଟେଲଙ୍କୁ ଗୁଜରାଟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଛି। ଘାଟଲୋଡିଆରୁ ବିଧାୟକ ଥିବା ଭୂପେନ୍ଦ୍ର ପଟିଦାର ସଙ୍ଗଠନର ଟ୍ରଷ୍ଟି ଅଛନ୍ତି। ବିଜୟ ରୂପାନୀ ଇସ୍ତଫା ଦେବା ପରେ ଉପମୁଖ୍ୟମନ୍ତ୍ରୀ ଥିବା ନୀତିନ ପଟେଲ, ରାଜ୍ୟ କୃଷି ମନ୍ତ୍ରୀ ଆର୍. ସି. ଫାଲ୍‌ଡୁ, କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ଓ ମନସୁଖ ଲାଲ ମାଣ୍ଡବ୍ୟଙ୍କ ନାମ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କ ଅତି ଘନିଷ୍ଠ ଭୂପେନ୍ଦ୍ରଙ୍କୁ ଶେଷରେ ମୁଖ୍ୟମନ୍ତ୍ରୀ ଭାବେ ଦଳ ଅବସ୍ଥାପିତ କରିଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୨୨ ଡିସେମ୍ବରରେ ଗୁଜରାଟ ବିଧାନସଭା ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରାଯିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଏଥିସହିତ ଭୂପେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ ବାଛିବା ପଛରେ ପଟେଲ ସମ୍ପ୍ରଦାୟକୁ ହାତେଇବା ଉଦ୍ୟମ ଥାଇପାରେ। କାରଣ ଆସନ୍ତା ନିର୍ବାଚନ ପାଇଁ ଭାଜପା ନେତୃତ୍ୱ ଗୁଜୁରାଟରେ ତାହାର ସ୍ଥିତିକୁ ସୁଦୃଢ଼ ଭାବୁ ନାହିଁ।

ରାଜନୈତିକ ବିଶ୍ଳେଷକଙ୍କ ମତରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଗୁରୁତ୍ୱ ଗୁଜରାଟରେ ବୃଦ୍ଧି ପାଉଥିବାରୁ ଏକ ନୂଆ ମୁହଁ ଦେଖାଇ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଭାଜପା ଏପରି କରିଛି। ତେବେ ଗତ ୬ ମାସରେ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ବଦଳିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉତ୍ତରାଖଣ୍ଡରେ ସ୍ୱଳ୍ପ ମାସ ବ୍ୟବଧାନରେ ଭାଜପା ଦୁଇ ଥର ତା'ର ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇଥିଲା। ତ୍ରିବେନ୍ଦ୍ର ସିଂ ରାୱତଙ୍କ ସ୍ଥାନରେ ମାର୍ଚ୍ଚ ୨୦୨୧ରେ ତୀରଥ ସିଂ ରାୱତ ଦାୟିତ୍ୱ ଗ୍ରହଣ କରିଥିଲେ। ୪ ଜୁଲାଇରେ ତାଙ୍କ ସ୍ଥାନରେ ପୁଷ୍କର ସିଂ ଧାମିଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲା ଦଳ। ସେହିପରି କର୍ଣ୍ଣାଟକରେ ବି. ଏସ୍. ୟେଦୁରପ୍ପାଙ୍କୁ ହଟାଯାଇ ବାସବରାଜ ବୋମାଇଙ୍କୁ ଅବସ୍ଥାପିତ କରାଯାଇଛି।

ଭାଜପାର କ୍ରମାଗତ ମୁଖ୍ୟମନ୍ତ୍ରୀ ବଦଳାଇବା ପ୍ରକ୍ରିୟାକୁ ଦେଖିଲେ ମନେ ହେଉଛି ଯେପରି ଏହି ଦଳ ପରବର୍ତ୍ତୀ ସମୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଜିତିବା ଆଉ ସହଜ ନୁହେଁ ବୋଲି ହିସାବ କରିସାରିଲାଣି। ସେଥିପାଇଁ ନୂଆ ଚେହେରା ଦେଖାଇଦେଲେ କାଳେ କିଛି ଆଶ୍ଚର୍ଯ୍ୟ ଘଟିଯିବ, ସେହି ଆଶାରେ ମୁଖ୍ୟମନ୍ତ୍ରୀଙ୍କ ସିଟ୍‌କୁ ନେଇ ରାଜନୈତିକ ଖେଳ ଆରମ୍ଭ କରିଛି ଭାଜପା। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ, ରାମମନ୍ଦିର ପ୍ରତିଷ୍ଠା ଆଦି ଲକ୍ଷ୍ୟ ପୂରଣ ହେବା ପରେ ଭାଜପାର ଅନ୍ୟ କୌଣସି ନୂତନ ପ୍ରସଙ୍ଗ ଥିଲା ଭଳି ମନେହେଉ ନାହିଁ। ଜନସାଧାରଣ ବି ବୁଝିଲେଣି ଯେ ମଠ, ମନ୍ଦିରରେ ପେଟ ପୂରିବ ନାହିଁ। ଦେଶରେ ତୀବ୍ର ଅର୍ଥନୈତିକ ଦୁରବସ୍ଥା ଲୋକଙ୍କୁ ହନ୍ତସନ୍ତ କରିଦେଉଛି। ଏଥିସହିତ ବୈଦେଶିକ ନୀତିରେ ବିଫଳତା ଯୋଗୁ ବାହ୍ୟ ଅନୁପ୍ରବେଶ ଭାରତକୁ ପ୍ରାୟ ୧,୦୦୦ ବର୍ଗ କିଲୋମିଟର ଜମି ହରାଇବାକୁ ବାଧ କରିଛି। ଏହାର ଦୋଷ କୌଣସି ପୂର୍ବ ସରକାର ଉପରେ ଲଦି ହେବ ନାହିଁ ବୋଲି ଜନସାଧାରଣ ବୁଝିଲେଣି। ଅର୍ଥନୀତିରେ ବିଫଳତାର ସର୍ବୋଚ୍ଚ ପ୍ରତୀକ ହେଉଛି ମନିଟାଇଜେଶନ ପାଇପ୍‌ଲାଇନ। ସହଜ ଭାଷାରେ କହିବାକୁ ଗଲେ ସରକାରୀ ସମ୍ପତ୍ତି, ଯାହାକି କରଦାତାଙ୍କ ଅର୍ଥରେ ଗଢ଼ି ଉଠିଥିଲା, ସେସବୁକୁ ବିକ୍ରିକରି ଏବେ ଖର୍ଚ୍ଚ ତୁଲାଉଛନ୍ତି। ବିମୁଦ୍ରୀକରଣ ଯୋଗୁ ସ୍ଥାଣୁ ପାଲଟି ଯାଇଥିବା ଅର୍ଥନୀତିକୁ କରୋନା ଭୂତାଣୁ ଆକ୍ରାନ୍ତ କରିବା ପରେ ସ୍ଥିତି ଅସମ୍ଭାଳ। ବ୍ୟବସ୍ଥାରେ ପରିବର୍ତ୍ତନ ନ ଆଣି କେବଳ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଦେଲେ ଭାଜପା ଲୋକଙ୍କ ଆସ୍ଥାଭାଜନ ହେବ ବୋଲି ଭାବି ହେଉ ନାହିଁ।

# ଜଣେ କରିଦେବ କଳୁଷିତ

ଦିଲ୍ଲୀର ନିର୍ଭୟା ଗଣବଳାତ୍କାରର ୯ ବର୍ଷ ପରେ ନିକଟରେ ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇର ସାକିନାକା ଅଞ୍ଚଳରେ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯିବା ପରେ ତାଙ୍କ ଗୁପ୍ତାଙ୍ଗରେ ଲୁହାରଡ୍ ପୂରାଇ ଦିଆଯାଇଥିଲା। ୧୧ ସେପ୍ଟେମ୍ବରରେ ତାଙ୍କର ମୃତ୍ୟୁ ଘଟିଯାଇଛି। ଦିଲ୍ଲୀ ନିର୍ଭୟା ଘଟଣା ଶୈଳୀରେ ମୁମ୍ବାଇ ମହିଳାଙ୍କୁ ଯେଭଳି ବୀଭତ୍ସ ଭାବେ ବଳାତ୍କାର ପରେ ହତ୍ୟା କରାଗଲା ତାହା ସମଗ୍ର ଦେଶର ଜନମାନସକୁ ପୁଣି ଦୋହଲାଇ ଦେଇଛି। ୨୦୧୨ ନିର୍ଭୟା ଘଟଣା ପରେ ଯେଉଁ ଧରଣର ପ୍ରତିବାଦ କରାଯାଇ ଆଇନକୁ କଡ଼ାକଡ଼ି କରାଯାଇଥିଲା, ଆଶା କରାଯାଉଥିଲା ଯେ ଏପରି ଅମାନୁଷିକ କାଣ୍ଡ କରିବା ଲାଗି ଅପରାଧୀଙ୍କ ମନରେ ଭୟ ପଶିବ। ଇତିମଧ୍ୟରେ ନିର୍ଭୟା ବଳାତ୍କାରୀଙ୍କୁ ଫାଶୀ ଦିଆଯାଇସାରିଛି। ତଥାପି ଶିଶୁକନ୍ୟାଠାରୁ ଆରମ୍ଭ କରି ଯୁବତୀ ଓ ମହିଳାଙ୍କ ପ୍ରତି ପାଶବିକତା କମୁନାହିଁ। ୨୦୧୯ରେ ହାଇଦ୍ରାବାଦରେ ପ୍ରାଣୀ ଚିକିତ୍ସିକାଙ୍କୁ ଗଣବଳାତ୍କାର କରି ହତ୍ୟା କରାଯିବା ପରେ ଦୋଷୀ ଆଖ୍ୟା ଦିଆଯାଇ ୪ ଜଣଙ୍କୁ ସେଠାକାର ପୋଲିସ ଏନ୍‌କାଉଣ୍ଟର କରି ମାରି ଦେଇଥିଲା। ଥୋକେ କହିବା ଆରମ୍ଭ କଲେ ଯେ ବଳାତ୍କାରୀଙ୍କୁ ଏଭଳି ଭାବେ ତତ୍‌କ୍ଷଣାତ୍ ଶାସ୍ତି ଦିଆଯିବା ଦରକାର। ଯଦିଓ ତାହା ଆଇନଗତ ଦୃଷ୍ଟିରୁ ବିବାଦୀୟ ହୋଇଥିଲା, ତଥାପି ଅସାମାଜିକମାନେ ଡରିଲେ ନାହିଁ। ଏହା ମଧ୍ୟ ବୁଝାଯାଇପାରେ, ଯେଉଁ ୪ ଜଣଙ୍କୁ ପୋଲିସ ଗୁଳି କରିଥିଲା, ହୁଏତ ସେମାନେ ପ୍ରକୃତ ବଳାତ୍କାରୀ ନ ଥିଲେ। ଏହି ସତ୍ୟ ସମ୍ଭବତଃ ଦେଶର ଅପରାଧୀ ମହଲରେ ପ୍ରଚାରିତ ହୋଇଥିବ।

କୁହାଯାଇପାରେ, ଯେତେ କଡ଼ା ଆଇନ କରାଗଲେ ମଧ୍ୟ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବ ନାହିଁ। ଯଦି ଜଣେ ତା'ର ପଡ଼ୋଶୀଙ୍କୁ ସମ୍ମାନ ଦେବା ପାଇଁ ଅନିଚ୍ଛୁକ, ତେବେ ସାମାଜିକ ଏକତା ଆସିବା ଅସମ୍ଭବ। ଭାରତରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସବୁ କଥାରେ ମହିଳାଙ୍କ ଉପରେ ଦୋଷ ଲଦି ଦିଅନ୍ତି। ଅନେକ ଧର୍ମଗୁରୁ ମହିଳାଙ୍କ ବେଶପୋଷାକ ଉପରେ ଆକ୍ଷେପ କରିବା ସହ କହନ୍ତି ଯେ, ଦୁଇ ହାତରେ ତାଳି ବାଜେ। ଅର୍ଥାତ୍ ବଳାତ୍କାରର ଶିକାର ହୋଇଥିବା ମହିଳାଙ୍କର ମଧ୍ୟ ଘଟିଥିବା ଘଟଣାରେ କିଛି ସହଯୋଗ ଥିଲା। ଏଭଳି ଅସାମାଜିକ ଚିନ୍ତାଧାରାକୁ ଆମ ନ୍ୟାୟାଳୟ ମଧ୍ୟ ସହଯୋଗ କରୁଥିବାର ଦେଖାଯାଏ। ଉଦାହରଣ ସ୍ୱରୂପ, ଗୁଆହାଟୀ ହାଇକୋର୍ଟଙ୍କ ରାୟକୁ ଦେଖାଯାଇପାରେ। ବଳାତ୍କାର ଘଟାଇଥିବା ଜଣେ ଆଇଆଇଟି ଛାତ୍ରଙ୍କୁ ମେଧାବୀ କହି ଦୋଷମୁକ୍ତ କରିଦେବା ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି। ବଳାତ୍କାର ଘଟାଇଥିବା କୌଣସି ଅପରାଧୀ କେବେହେଲେ, ପରବର୍ତ୍ତୀ ଜୀବନରେ, ସମାଜ ଗଠନ ପାଇଁ କାର୍ଯ୍ୟ କରିପାରିବ ନାହିଁ।

ଏଠାରେ ଦୋହରାଯାଇପାରେ ଯେ, ମହିଳାଙ୍କ ସୁରକ୍ଷା ସେହି ମହିଳାଙ୍କର ନୁହେଁ, ଆମ ସମସ୍ତଙ୍କ ଦାୟିତ୍ୱ। ଅନ୍ୟପଟେ ଯଦି ଗୋଟିଏ କରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତି ଭିଡ଼ରେ ରହିଲେ ତାହା ହେଲେ ଅନ୍ୟ ସମସ୍ତଙ୍କୁ କ୍ଷତି ପହଞ୍ଚାଇପାରେ। ସେହିଭଳି ଏହି ଦେଶରେ ଗୋଟିଏ ବଳାତ୍କାରୀ ରହିଲେ ସମାଜକୁ କଳୁଷିତ କରିଦେଇପାରିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 1 | | | | | |
| 6 | 9 | | | 3 | | | | |
| | | | | | | 3 | | 5 |
| | | 7 | | | 8 | | 3 | 9 |
| | | | | | | | 7 | |
| | 5 | | 2 | | | | | 8 |
| 1 | | 8 | | | 3 | | | |
| 7 | | 6 | | | | 2 | 1 | |
| | | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 8 | 4 | 3 | 5 | 6 | 1 |
| 3 | 8 | 1 | 5 | 6 | 2 | 7 | 4 | 9 |
| 5 | 4 | 6 | 7 | 9 | 1 | 3 | 8 | 2 |
| 2 | 3 | 9 | 4 | 1 | 6 | 8 | 7 | 5 |
| 1 | 7 | 8 | 2 | 3 | 5 | 4 | 9 | 6 |
| 4 | 6 | 5 | 9 | 8 | 7 | 2 | 1 | 3 |
| 6 | 5 | 3 | 1 | 7 | 8 | 9 | 2 | 4 |
| 8 | 2 | 4 | 6 | 5 | 9 | 1 | 3 | 7 |
| 9 | 1 | 7 | 3 | 2 | 4 | 6 | 5 | 8 |

ଗତକାଲିର ଉତ୍ତର

# ଶିକ୍ଷା ବ୍ୟବସ୍ଥାର ଦୟନୀୟ ଚିତ୍ର



ଡ.ଚିତ୍ତରଂଜନ ମିଶ୍ର

ଭାରତୀୟ ଡେଭଲପମେଣ୍ଟ ଇକୋନୋମିଷ୍ଟ ବା ବିକାଶଧର୍ମୀ ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ପ୍ରାୟତଃ ଦୁଇଟି ଚିନ୍ତାଧାରା କାର୍ଯ୍ୟ କରିଥାଏ। ଗୋଟିଏ ଚିନ୍ତାଧାରା 'ଅଭିବୃଦ୍ଧି' ପାଇଁ ଓ ଅନ୍ୟଟି 'ପୁନର୍ବିତରଣ' ପାଇଁ ଓକିଲାତି କରିଥାଏ। ଗୋଟିଏ କଥା ନିଶ୍ଚିତ ଯେ 'ଅଭିବୃଦ୍ଧି' ଓ 'ପୁନର୍ବିତରଣ' ପୃଥିବୀକୁ ଏକ ସର୍ବୋତ୍ତମ ସ୍ଥାନ ଭାବେ ଗଢ଼ିତୋଳିବା ପାଇଁ କେବଳ ଏକମାତ୍ର ମାଧ୍ୟମ ନୁହେଁ। ଟିକିଏ ବୁଝେଇ କହିଲେ କଥାଟି ସ୍ୱଷ୍ଟ ଭାବେ ପ୍ରତୀୟମାନ ହୋଇପାରିବ। ଜୀବନର ଗୁଣବତ୍ତା ପାଇଁ ନାଗରିକ ସ୍ୱତନ୍ତ୍ରତାର ଅବଦାନ ଅନନ୍ୟ, କିନ୍ତୁ 'ଅଭିବୃଦ୍ଧି' ଓ 'ପୁନର୍ବିତରଣ' କ୍ଷେତ୍ରରେ ତା'ର କୌଣସି ଯୋଗଦାନ ନ ଥାଏ। ଅନ୍ୟ କଥାଟି ହେଲା 'ଅଭିବୃଦ୍ଧି' ଓ 'ପୁନର୍ବିତରଣ' ମଧ୍ୟରେ ଥିବା ତଥାକଥିତ ସଂଶୟାକୁଳ ପରିସ୍ଥିତି। କେତେକ ଅର୍ଥନୈତିକ ନୀତି ଉଭୟକୁ ପ୍ରୋତ୍ସାହିତ କରିଥାଏ ବୋଲି ସେଗୁଡ଼ିକର ବାସ୍ତବିକତାକୁ ଅଣଦେଖା କରିଥାଏ। ସାର୍ବଭୌମିକ ପ୍ରାରମ୍ଭିକ ଶିକ୍ଷା ଏକ ପ୍ରମୁଖ ଉଦାହରଣ। ଏହା ଅର୍ଥନୈତିକ ପ୍ରଗତି ହାସଲ କରିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ସାମାଜିକ ଅସମାନତା ହ୍ରାସ କରିଥାଏ। ଗୁଣାତ୍ମକ ଶିକ୍ଷା ମଧ୍ୟ ଅନ୍ୟ ଉପାୟରେ ମାନବ କଲ୍ୟାଣ କଳ୍ପେ ମହତ୍ତର ଅବଦାନ ରଖିଥାଏ। ଏହା ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସାହାଯ୍ୟ କରିଥାଏ। ପ୍ରକୃତପକ୍ଷେ ଯେଉଁ ରାଷ୍ଟ୍ରଗୁଡ଼ିକ ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ଗଣଶିକ୍ଷା ଉପରେ ସେମାନଙ୍କର ଦୃଷ୍ଟି ନିବଦ୍ଧ କରିଛନ୍ତି ସେମାନେ ଏଥିପାଇଁ ସମଗ୍ର ବିଶ୍ୱରେ ପର୍ଯ୍ୟାପ୍ତ ଲାଭ ପାଇଛନ୍ତି, ଯେପରିକି ଭାରତବର୍ଷରେ କେରଳ ହେଉଛି ତା'ର ଅଦ୍ୱିତୀୟ ଓ ଜ୍ୱଳନ୍ତ ଉଦାହରଣ।

ଆଜିର ଦିନରେ ଶିକ୍ଷାନୀତି ଅତ୍ୟନ୍ତ ସ୍ୱଷ୍ଟ ଓ ପ୍ରତ୍ୟକ୍ଷ ରୂପରେ ପ୍ରତୀୟମାନ। ହେଲେ ଦେଶ ସ୍ୱାଧୀନତା ଲାଭ କଲାବେଳେ ଏହା ବହୁ ଦୂରରେ ଥିଲା। ପ୍ରାରମ୍ଭିକ ଶିକ୍ଷା ପଞ୍ଚବାର୍ଷିକ ଯୋଜନାର ଆଦ୍ୟକାଳରେ ବିଶେଷରୂପେ ଲୋକପ୍ରିୟ ହୋଇପାରି ନଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନା କୁହେ, ଦେଶରେ ନୂତନ ଭାବେ ପ୍ରାଥମିକ ବିଦ୍ୟାଳୟ ଖୋଲିବାର ପ୍ରବଣତାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ। କାରଣ ଏହା ସେତେବେଳେ ବାସ୍ତବିକ ରୂପରେ ବିଦ୍ୟମାନ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକର ମୌଳିକ ଶିକ୍ଷା ଆଧାରରେ ପୁନର୍ବିନ୍ୟାସ କରାଯିବାକୁ ବିରୋଧ କରିଥାଏ। ମହାତ୍ମା ଗାନ୍ଧୀଙ୍କ ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ଚିନ୍ତାଧାରା ଆଧାରରେ ପ୍ରେରିତ ହୋଇଥିବା 'ମୌଳିକ ଶିକ୍ଷା' ପ୍ରକଳ୍ପ ସମ୍ପର୍କିତ ସନ୍ଦର୍ଭର ଅବତାରଣା ଏଠାରେ ପ୍ରଣିଧାନଯୋଗ୍ୟ। ଯେତେବେଳେ ମୁକ୍ତ ବଜାରର ଚାମ୍ପିୟନ ମିଲିୟନ ଫ୍ରିଡମ୍ୟାନ ୧୯୫୫ରେ ଭାରତ ପରିଭ୍ରମଣରେ ଆସିଥିଲେ ସେ ମାନବ ସମ୍ବଳ କ୍ଷେତ୍ରରେ ଭାରତ ସରକାରଙ୍କ ଅବହେଳାକୁ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ। ସମ୍ଭବତଃ ସେ ସମୟରେ ଶିକ୍ଷା ନୀତି ପରମ୍ପରାଗତ ଉଚ୍ଚଜାତିର ଚିନ୍ତାଧାରା ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିଲା । ଏପରିକି ନୀଚ ଜାତିଙ୍କ ପାଇଁ ଶିକ୍ଷା ଅନୁପଯୁକ୍ତ, ଅନୁଚିତ ଓ ଅପ୍ରୟୋଜନୀୟ ବୋଲି ମଧ୍ୟ ବିବେଚିତ ହେଉଥିଲା। ଆଜି ପର୍ଯ୍ୟନ୍ତ ମଧ୍ୟ ଉଚ୍ଚଜାତିର ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଏବଂ ଏପରିକି ଗ୍ରାମାଞ୍ଚଳର ଶିକ୍ଷକମାନଙ୍କଠାରୁ ଶୁଣିବାକୁ ମିଳିଥାଏ ଯେ ଶ୍ରମଜୀବୀ ବର୍ଗର ପିଲାମାନଙ୍କୁ ପାଠ ପଢ଼ାଇବା ଏକ ବ୍ୟର୍ଥ ପ୍ରୟାସ। ବେଳେବେଳେ ସେମାନେ କହିଥାନ୍ତି ଯେ ଯଦି ଗରିବ ପିଲାମାନେ ପାଠ ପଢି ମଣିଷ ହେବେ ତେବେ ଆମ ବିଲବାଡି ଓ ଘରେ କିଏ କାମ କରିବ ?

ସ୍ୱାଧୀନତା ପରେ ଦେଶରେ ଶିକ୍ଷାର ସ୍ତରରେ ଅଭିବୃଦ୍ଧି ଘଟିଛି। ଭାରତବର୍ଷରେ ମହିଳାମାନଙ୍କ ସାକ୍ଷରତା ହାର ୧୯୫୧ରେ ୯ପ୍ରତିଶତ ଥିଲାବେଳେ ୨୦୧୧ ବେଳକୁ ତାହା ୬୫ ପ୍ରତିଶତରେ ପହଞ୍ଚିଥିଲା। ତୁଳନାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଦକ୍ଷିଣ ଏସିଆର ଶିଷ୍ଟ ମାନଦଣ୍ଡ ପରିପ୍ରେକ୍ଷୀରେ ଏହି ଚିତ୍ର ବିଶେଷରୂପେ ଉତ୍ସାହଜନକ ନୁହେଁ। ସର୍ବଶେଷ ଜନସଂଖ୍ୟା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସର୍ବେକ୍ଷଣ ଅନୁଯାୟୀ ୧୫ରୁ ୨୪ବର୍ଷ ବୟସ୍କ ମହିଳାଙ୍କ ସାକ୍ଷରତା ହାର ୨୦୧୬ରେ ଭାରତ, ବାଂଲାଦେଶ ଏବଂ ନେପାଳରେ ପ୍ରାୟ ସମାନ ଥିଲା ଏବଂ ପ୍ରତ୍ୟେକଙ୍କ କ୍ଷେତ୍ରରେ ଏହା ୮୫ ପ୍ରତିଶତ ଥିଲା। ଏ ଦୃଷ୍ଟିରେ ବାଂଲାଦେଶ ଏବଂ ନେପାଳ ଭାରତର ସାତ ପଛରେ ପଡ଼ିରହିଥିଲେ। ହେଲେ ଏହି ଦୁଇ ଦେଶ ଦିନ ପରେ ଦିନ ଆଗରୁ ଆଗକୁ ବଢ଼ି ଚାଲିଲେ।

ଏତଦ୍‌ବ୍ୟତୀତ ହାରାହାରି ସାକ୍ଷରତା ହାର ଭାରତବର୍ଷର ଶିକ୍ଷା କ୍ଷେତ୍ରରେ ଥିବା ଅସମାନତାର ଅସାଧାରଣ ସମସ୍ୟାର ଠିକ୍ ପ୍ରତିଫଳନ କରିପାରିନଥାଏ। ବିଭିନ୍ନ ଗ୍ରୁପ ପାଇଁ ସ୍କୁଲ ପାଠପଢ଼ାର ସୁଯୋଗ ବିଶ୍ୱସ୍ତରୀୟଠୁଁ ଆରମ୍ଭ କରି ଅତି ନିକୃଷ୍ଟ ସ୍ତର ପର୍ଯ୍ୟନ୍ତ ମଧ୍ୟ ବ୍ୟାପ୍ତ । ଏପରିକି ଅପେକ୍ଷାକୃତ ଭାବେ ଛୋଟ ଏରିଆରେ ମଧ୍ୟ ବୈଷମ୍ୟ ବା ଅସମତା ଅତିଶୟ ଆଶ୍ଚର୍ଯ୍ୟଜନକ। ୩୦ ବର୍ଷ ପୂର୍ବେ ପଶ୍ଚିମ ଉତ୍ତର ପ୍ରଦେଶର ପାଲନପୁର ନାମକ ଏକ ଗାଁରେ ସାକ୍ଷରତା ହାର ଦଳିତ ଝିଅଙ୍କ କ୍ଷେତ୍ରରେ ଶୂନ ପ୍ରତିଶତ ଓ କାୟସ୍ଥ ପୁଅ ପିଲାଙ୍କ କ୍ଷେତ୍ରରେ ଶତ ପ୍ରତିଶତ ଥିଲା। ଏବେ ମଧ୍ୟ ଦଳିତ ଝିଅମାନଙ୍କ ଶିକ୍ଷାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଶ୍ରେଣୀ କୋଠରିଗୁଡିକରେ ଶିକ୍ଷାଗ୍ରହଣ କରିବାର ସ୍ତର ଅତ୍ୟନ୍ତ ନିରାନନ୍ଦ, କ୍ଳେଶପୂର୍ଣ୍ଣ । କେତେକ ପିଲା ସ୍ୱଷ୍ଟଭାବେ ପଢ଼ିପାରୁଥିଲା ବେଳେ ଆଉ କେତେକ ପିଲା ବର୍ଣ୍ଣମାଳା ଶିଖିବା ପାଇଁ ସଂଗ୍ରାମ କରିଚାଲିଛନ୍ତି। ଏଭଳି ଅସମାନତା ଦେଖି ଦେଖି ଆମେ ଏତେ ମାତ୍ରାରେ ଦେହସୁଆ ହୋଇଗଲୁଣି ଯେ ସେମାନଙ୍କ ସମସ୍ୟାର ଚେର ଖୋଜି ବାହାର କରିବା ପାଇଁ ଆମର କୌଣସି ଆଗ୍ରହ ନାହିଁ ଅବା ଜାଣିଶୁଣି ଆମେ ଆଖି ବୁଜି ଦେଉଛୁ। ୟୁନେସ୍କୋ ଅନୁଯାୟୀ ୨୦୧୨ରେ ଭାରତ ବ୍ୟତିରେକେ ସମଗ୍ର ବିଶ୍ୱରେ ଘରୋଇ ସ୍କୁଲମାନଙ୍କରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରମାନଙ୍କ ଅନୁପାତ ମାତ୍ର ୧୨ ପ୍ରତିଶତ ଥିଲା ଏବଂ ଏପରିକି ବିକଶିତ ରାଷ୍ଟ୍ରମାନଙ୍କରେ ଏହି ଅନୁପାତ ୧୦ ପ୍ରତିଶତରୁ ବି କମ ଥିଲା। ଅପରପକ୍ଷରେ ଭାରତବର୍ଷରେ ତୁଳନାତ୍ମକ ଭାବେ ଦେଖିଲେ ଏହି ଅନୁପାତ ୪୦ ପ୍ରତିଶତ ଏବଂ ଦିନକୁ ଦିନ ଏହି ଅନୁପାତ ବଢି ବଢି ଚାଲିଛି। ପୁନଶ୍ଚ ଉଭୟ ଘରୋଇ ଓ ସରକାରୀ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଏକାଧିକ ସ୍ତର ମଧ୍ୟ କାର୍ଯ୍ୟ କରୁଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ, ସମଗ୍ର ବିଶ୍ୱର ଢାଞ୍ଚା ହେଲା ଅଧିକାଂଶ ପିଲା ସହକାରିତା ଭିତ୍ତିକ ସ୍କୁଲ ଶିକ୍ଷା ପ୍ରଣାଳୀରେ ଅଧ୍ୟୟନ କରିଥାନ୍ତି। ଯେଉଁଠାରେ କି ଯଥାର୍ଥ ଭାବରେ ସମଗୁଣବତ୍ତା ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଇଥାଏ। ଅପରପକ୍ଷରେ ଭାରତରେ ଗୁଣବତ୍ତାପୂର୍ଣ୍ଣ ସ୍କୁଲ ଶିକ୍ଷା ବ୍ୟବସ୍ଥା ଛାତ୍ରର ଶ୍ରେଣୀ, ଜାତି, ଲିଙ୍ଗ ଓ ସ୍କୁଲକୁ ଚାନ୍ଦା ପ୍ରଦାନ କରିବାର କ୍ଷମତା ଉପରେ ନିର୍ଭର କରିଥାଏ। ସାମାଜିକ ଅସମାନତାରେ ସାପେକ୍ଷିକ ସ୍ତର ଭାବେ ଏହା ସ୍କୁଲ ଶିକ୍ଷା ବ୍ୟବସ୍ଥାର ପରମ ଉଦ୍ଦେଶ୍ୟକୁ ପରାସ୍ତ କରିଦେଇଥାଏ ସମ୍ଭବତଃ ଯାହାର ଆବଶ୍ୟକତା ଅନ୍ୟ ଯେ କୌଣସି ରାଷ୍ଟ୍ର ଅପେକ୍ଷା ଭାରତ ପାଇଁ ଅଧିକ ପ୍ରୟୋଜନୀୟ ହୋଇଥାଏ।

ସ୍କୁଲ ପାଠ୍ୟପୁସ୍ତକଗୁଡ଼ିକ ଉପରେ ଏକ ଅନୌପଚାରିକ ଦୃଷ୍ଟି ନିକ୍ଷେପ କଲେ ଏହା ପ୍ରତୀୟମାନ ହୋଇଥାଏ ଯେ ଭାରତର ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ଏଭଳି ଭାବେ ଡିଜାଇନ କରାଯାଇଛି ଯେପରିକି ଏହା ଏକ ପ୍ରତିବନ୍ଧକପୂର୍ଣ୍ଣ ପାଠ୍ୟକ୍ରମ ହୋଇଯାଇଛି ଏବଂ ଏହା କେବଳ ମାତ୍ର ବିଶେଷ ସୁବିଧା ପ୍ରାପ୍ତ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ । ଝାଡ଼ଖଣ୍ଡରେ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପଢିବା ପାଇଁ ଏକ ମୋଟା ଇଂରାଜୀ ପାଠ୍ୟପୁସ୍ତକ ଉଦ୍ଦିଷ୍ଟ ହୋଇଅଛି ଏବଂ ସେଥିରେ ଥିବା ବାକ୍ୟଗୁଡ଼ିକ ଏତେ କଠିନ ଯେ ତାହା ଶିକ୍ଷକମାନଙ୍କ ପକ୍ଷେ ବୋଧଗମ୍ୟ ହେବା ଅତ୍ୟନ୍ତ କାଠିକରପାଠ। ଉଚ୍ଚସ୍ତରୀୟ ପାଠ୍ୟପୁସ୍ତକଗୁଡ଼ିକ ସେହି ଛାତ୍ରୀଛାତ୍ରମାନଙ୍କ ପାଇଁ ଉପଯୁକ୍ତ, ଯେଉଁମାନେ କି ନିଜ ଘରେ ଏକ ସୁସ୍ଥ ଶୈକ୍ଷିତ ବାତାବରଣ ଲାଭ କରିଥାନ୍ତି। ଅନ୍ୟ ପିଲାମାନଙ୍କ ପାଇଁ ତାହା କେବଳ ମାତ୍ର ଏକ ଦୁଃସ୍ୱପ୍ନ।

ଭାରତର ସ୍କୁଲ ଶିକ୍ଷା ବ୍ୟବସ୍ଥାର ସ୍ଥିରୀକୃତ ଆକୃତି ଓ ପ୍ରକୃତି ଗତ କେତେମାସରେ ପରିଦୃଷ୍ଟ ହୋଇଥିଲା। କୋଭିଡ୍–୧୯ ସଙ୍କଟ ଆମକୁ ଆଘାତ ଦେଲା ମାତ୍ରେ ଆଖିରେ ପଲକ ନ ପକାଇ ସ୍କୁଲଗୁଡ଼ିକୁ ତତ୍‌କ୍ଷଣାତ୍ ବନ୍ଦ କରିଦିଆଗଲା ଏବଂ ଆଜି ପର୍ଯ୍ୟନ୍ତ ମଧ୍ୟ ଦେଶରେ ବହୁ ସ୍କୁଲ ବନ୍ଦ ହୋଇ ରହିଅଛି। ସ୍କୁଲ ପାଠପଢା ବ୍ୟବସ୍ଥା ବନ୍ଦ ହୋଇଯିବା କାରଣରୁ ବିଶେଷ ସୁବିଧା ସୁଯୋଗ ପ୍ରାପ୍ତ ପିଲାମାନେ ନିଜନିଜର ଆରାମଦାୟକ ଘରଗୁଡ଼ିକରେ ଅନ୍‌ଲାଇନରେ ପାଠ ପଢିଲେ। ଅନ୍–ଲାଇନ ଶିକ୍ଷା ବ୍ୟବସ୍ଥା ପୂରା ୧୬ମାସ ପାଇଁ ସ୍କୁଲ ବର୍ଜନ କରିଥିବା ପିଲାମାନଙ୍କୁ ମାସ୍କ ପିନ୍ଧାଇ ଘରେ ବସେଇ ଦେଲା। ଏହା ବିଶେଷ ସୁବିଧା ସୁଯୋଗ ପ୍ରାପ୍ତ ଶ୍ରେଣୀ ଦ୍ୱାରା ଗରିବ ଲୋକମାନଙ୍କର ଶୈକ୍ଷିକ ଆକାଂକ୍ଷା ପ୍ରତି ପ୍ରଚଣ୍ଡ ଉଦାସୀନତା, ଆଗ୍ରହଶୂନ୍ୟତା ଓ ବୀତସ୍ପୃହତାର ଏକ ନାଟକୀୟ ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।

ପରିସ୍ଥିତିର ଗମ୍ଭୀରତା କାରଣରୁ ଅଗଷ୍ଟ ମାସ ପ୍ରାରମ୍ଭରେ ଝାଡ଼ଖଣ୍ଡର ଲାଟେହରରେ ଦଳିତ ଓ ଆଦିବାସୀ ପରିବାରରେ କରାଯାଇଥିବା ସର୍ଭେ ଆମକୁ ପ୍ରଚଣ୍ଡ ଆଘାତ ଦିଏ। ସେଠାରେ ଅନ୍ ଲାଇନ ଶିକ୍ଷାର କୌଣସି ବିନ୍ଦୁ ବିସର୍ଗ ଦୃଷ୍ଟି ଗୋଚର ହୋଇନଥିଲା। ଅଧିକାଂଶ ପିଲା କୌଣସି ବହିର କୌଣସି ଗୋଟିଏ ହେଲେ ବି ଶବ୍ଦ ଠିକ୍ ଭାବେ ପଢ଼ିପାରି ନ ଥିଲେ। ପ୍ରତ୍ୟେକ ମାଆ ବାପା ସ୍କୁଲଗୁଡ଼ିକ ଶୀଘ୍ର ଖୋଲିଯାଉ ବୋଲି ଆକୁଳ ନିବେଦନ କରିଥିଲେ। ଏଭଳି ବ୍ୟବସ୍ଥା ଦୀର୍ଘ ୧୬ମାସ ଧରି ଦେଶରେ ପ୍ରଶ୍ନବାଚୀ ହୋଇ ରହିଛି । ଏହା ଭାରତରେ ବିରାଟ ଅଭିଯୋଗ ଫର୍ଦ୍ଦ ଉନ୍ମୋଚନ କରିଛି।

ସ୍ୱାଧୀନତାର ୭୫ ବର୍ଷରେ ଆମେ ପାଦ ଥାପିଛେ। ଏହି ପୁଣ୍ୟ ଅବସରରେ ବିଗତ ଦିନର ଭୁଲ୍‌ଭଟକା ଉପରେ ପ୍ରତିଫଳନ କରି ତାକୁ ସୁଧାରିବାକୁ ଶତତ ଚେଷ୍ଟିତ ହେବା ଦରକାର। ଯଦି ଠିକ୍ ଭାବେ ସମ୍ପାଦିତ କରି ନ ପାରୁ ତେବେ ସ୍ୱାଧୀନତାର ଶତବାର୍ଷିକୀ ପାଳନ ବେଳକୁ ପରିସ୍ଥିତି ଠିକ୍ ସେହିଭଳି ହିଁ ରହିଥିବ !

ଏ /୬୨/୧,ନୟାପଲ୍ଲୀ
ଭୁବନେଶ୍ୱର, ମୋ:୯୩୩୮୨୦୪୯୯୩

# ଅବସର ସମୟର ବନ୍ଧୁ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଆଜକୁ ପ୍ରାୟ ୪୬ ବର୍ଷ ତଳେ ମୋ ସାଙ୍ଗେ କଲେଜରେ ପଢୁଥିବା ଏବଂ ଗତବର୍ଷ ସରକାରୀ ଚାକିରିରୁ ଅବସର ନେଇଥିବା ବନ୍ଧୁ ଅମୀୟରଞ୍ଜନ ହଠାତ୍ ମୋ ଘରେ ଆସି ପହଞ୍ଚିଲେ। କଲେଜ ଛାଡ଼ିବା ଦିନଠାରୁ ତାଙ୍କ ସହ ମୋର ଦେଖାହୋଇ ନ ଥିଲା। ସେ ରାଜନୀତି ବିଜ୍ଞାନରେ ଅନର୍ସ ନେଇ ବିଏ ପାସ୍ କଲେ ଏବଂ ପରେ ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ। ସେ ଓ ମୁଁ ପାଠପଢ଼ା ଶେଷରେ ଯଥାକ୍ରମେ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡ଼ିଶା ଅର୍ଥ ସେବାରେ ଯୋଗଦେଲୁ। ତାଙ୍କର ଗୁଜରାଟ କ୍ୟାଡର ହୋଇଥିବାରୁ ସେ ଗୁଜରାଟରେ ବେଶ୍ କିଛିଦିନ ଚାକିରି କରି ପରେ କେନ୍ଦ୍ରୀୟ ଡେପୁଟେଶନ ଯାଇ ଭାରତ ସରକାରଙ୍କ ଗୋଟିଏ ବିଭାଗର ସଚିବ ହୋଇ ଅବସର ଗ୍ରହଣ କଲେ। କାର୍ଯ୍ୟବ୍ୟସ୍ତତା ଭିତରେ ତାଙ୍କର ମୋର ପ୍ରାୟ ଦେଖା ହୋଇ ନ ଥିଲେ ମଧ୍ୟ ଆମ ବନ୍ଧୁତ୍ୱରେ କେବେ ଭଙ୍ଗା ପଡ଼ି ନ ଥିଲା। ରୀତିମତ ଚିଠିପତ୍ର ଦିଆନିଆ ଏବଂ ମୋବାଇଲ ମାଧ୍ୟମରେ କଥାବାର୍ତ୍ତା ହୁଏ।

ବର୍ତ୍ତମାନ ସେ ଅବସର ଗ୍ରହଣ କରି ଭୁବନେଶ୍ୱରରେ ପଲାଶପଲ୍ଲୀଠାରେ ଥିବା ସପତ୍ନୀକ ନିଜ ବାସଗୃହରେ ରହୁଛନ୍ତି। ପିଲାମାନେ ସବୁ ବାହାରେ ରହୁଛନ୍ତି। ମୋର ମଧ୍ୟ ଠିକ୍ ସେହିଭଳି ଅବସ୍ଥା। ଆମେ ପତି–ପତ୍ନୀ ଦୁହେଁ କଳ୍ପନା ଅଞ୍ଚଳରେ ଥିବା ଆମ ଘରେ ରହୁଛୁ। ସେଦିନ ବନ୍ଧୁ ଆସି ଠିକଣା ଖୋଜି ଖୋଜି ଆମ ଘରେ ପହଞ୍ଚିଗଲେ। ବେଶ୍ ଦୀର୍ଘ ସମୟ ଧରି ଆଲୋଚନା ହେଲା। କଥା ପ୍ରସଙ୍ଗରେ ସେ କହିଲେ, ଭାଇ ମୁଁ ଭଲରେ ଅଛି। ଆଜିକାଲି ପ୍ରାୟ ଏଭଳି ସ୍ୱୀକାରୋକ୍ତି ମିଳିବା କାଠିକର ପାଠ। ଆମ ବୟସର କୌଣସି ବ୍ୟକ୍ତି ଯେତେ ଦୁଃଖରେ ରହୁଥିଲେ ମଧ୍ୟ ତାଙ୍କ କୁଶଳ ଜିଜ୍ଞାସା ପଚାରିଲେ ମନର ବ୍ୟଥାକୁ ଚାପିରଖି କହୁଥିବାର ଶୁଣାଯାଏ। 'ହଁ ଭାଇ ଯଥାକଥା ଚଳିଯାଉଛି'। ତାଙ୍କ ମୁଖମଣ୍ଡଳରୁ ସ୍ୱଷ୍ଟ ଭାବେ ଜାଣିହୁଏ ଯେ, ସେ ସତ କଥାକୁ ଲୁଚାଇ ରଖୁଛନ୍ତି।

କଥା ପ୍ରସଙ୍ଗରେ ବନ୍ଧୁ କହିଲେ, ଭାଇ! ମୁଁ ଅବସର ପରେ ତିନୋଟି ଜିନିଷକୁ ଆପଣେଇ ନେଇଛି ଏବଂ ସେ ତିନୋଟି ଜିନିଷ ମୋତେ ଖୁସି ଦେଉଛନ୍ତି। ପ୍ରଥମ ହେଲା ମୋର ପେନ୍‌ସନ୍, ଦ୍ୱିତୀୟ ମୋର ସ୍ତ୍ରୀ ଏବଂ ତୃତୀୟ କଥା ହେଉଛି ତୁମମାନଙ୍କ ଭଳି ସମଭାବାପନ୍ନ ବନ୍ଧୁ। ସେ କହିଲେ ଭାଇ, ଆମେ ବୁଢ଼ାବଢ଼ୀ ଦୁଇଜଣ ପେନ୍‌ସନ୍ ପ୍ରାୟ ମାସକୁ ଏକ ଲକ୍ଷ ଟଙ୍କାରୁ ଅଧିକ ପାଉଛୁ। ଡ୍ରାଇଭର, ଗାଡ଼ିର ତେଲପାଣି ଖର୍ଚ୍ଚ, ବିଜୁଳି ବିଲ୍, ଘରର ମେଣ୍ଟେନାନ୍ସ ଏବଂ ବଜାର ଖର୍ଚ୍ଚ ପରେ ଯାହାକିଛି ବଳେ ସେଥିରେ ଆମେ ଦୁହେଁ ଖୁବ୍ ଖୁସିରେ ଚଳିଯାଉଛୁ। ପିଲାମାନଙ୍କ ପାଖରେ ଆଉ ହାତପାତିବାକୁ ପଡ଼େନାହିଁ। ସେମାନେ ମଧ୍ୟ ପ୍ରତିଷ୍ଠିତ ଏବଂ ମୋ ପେନ୍‌ସନ୍ ପ୍ରତି ସେମାନଙ୍କର ଲୋଭ ନାହିଁ।

ଦ୍ୱିତୀୟ ଖୁସିଟି ହେଲା ମୋ ଧର୍ମପତ୍ନୀ। ଏ ପରିଣତ ବୟସରେ ସେ ମୋର ବାନ୍ଧବୀ, ମାର୍ଗଦର୍ଶିକା ତଥା ଜୀବନ ଦର୍ଶନର ଆଖ୍ୟାୟିକା। ବନ୍ଧୁଜଣକ କହିଲେ, ତୃତୀୟ ଜିନିଷଟି ହେଲା ବନ୍ଧୁ। ହାତଗଣତି କିଛି ଭଲ ବନ୍ଧୁ ଥିବାରୁ ଏ ଅବସର ସମୟ ବେଶ୍ ଖୁସିରେ କଟିଯାଉଛି। ମୁଁ କହିଲି ହଁ ଭାଇ! ବନ୍ଧୁଟିଏ ଥିଲେ ଦୁଃଖ ସମୟରେ ସେ ହିଁ ପ୍ରକୃତ ପ୍ରବୋଧନା ଦିଏ ଏବଂ ଚିନ୍ତାରୁ ମୁକ୍ତି ମିଳେ। ଏକଥା କହି ମୁଁ ତାଙ୍କୁ ଭଗବାନ ଶ୍ରୀକୃଷ୍ଣ ଏବଂ ଉଦ୍ଧବଙ୍କ ମଧ୍ୟରେ କିପରି ବନ୍ଧୁତା ଥିଲା ସେ ବିଷୟରେ ସୂଚନା ଦେଲି। କଥାଟି ହେଉଛି ଏହିପରି – ଥରେ ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ପଚାରିଲେ, ପ୍ରକୃତ ବନ୍ଧୁ କିଏ ? ଶ୍ରୀକୃଷ୍ଣ କହିଲେ, ବିପଦରେ ପଡ଼ିଥିବା ବେଳେ ଯିଏ ବିନା ନିମନ୍ତ୍ରଣରେ ପହଞ୍ଚି ସାହାଯ୍ୟ କରେ ସେ ହିଁ ପ୍ରକୃତ ବନ୍ଧୁ। ଏହାର ଉତ୍ତରରେ ଉଦ୍ଧବ କହିଲେ, ଏକଥା ଠିକ୍। ତୁମେ ତ ପାଣ୍ଡବମାନଙ୍କ ସଖା ଥିଲ ; କିନ୍ତୁ ପଶାଖେଳରେ ହାରି ପାଣ୍ଡବମାନେ ବନବାସ ଗଲାବେଳେ ତୁମେ ତୁମଆଡୁ ସାହାଯ୍ୟ କଲ ନାହିଁ କାହିଁକି? ଦ୍ରୌପଦୀଙ୍କୁ ରାଜସଭାରେ ଯେତେବେଳେ ବିବସ୍ତ୍ର କରାଗଲା ସେତେବେଳ ଯାଏ ତୁମେ କେଉଁଠି ଥିଲ ? ଏ ପ୍ରକାର ବନ୍ଧୁତାର ମୂଲ୍ୟ କ'ଣ ? ଉଦ୍ଧବଙ୍କ ପ୍ରଶ୍ନବାଣରେ ଜର୍ଜ୍ଜରିତ ସ୍ଥିତପ୍ରଜ୍ଞ ଶ୍ରୀକୃଷ୍ଣ ହସି ହସି କହିଲେ, ଯୁଧିଷ୍ଠିର ମୋତେ ପଶାଖେଳ ବିଷୟରେ ଜଣାଇ ନ ଥିଲେ। ବରଂ କହିଥିଲେ ମୁଁ ନ କହିବା ପର୍ଯ୍ୟନ୍ତ ତୁମେ ସଭାଗୃହକୁ ଯିବ ନାହିଁ। ତଥାପି ମୁଁ (ଶ୍ରୀକୃଷ୍ଣ) ସଭାଗୃହ ଦ୍ୱାର ଦେଶରେ ତାଙ୍କ ଡାକିବାର 'ଅନୁମତିକୁ ଅପେକ୍ଷା କରିଥିଲି'। ପଶା ଖେଳ ବାସ୍ତବରେ ଯୁଧିଷ୍ଠିର ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହେବା କଥା। ଏପରି ହୋଇଥିଲେ ଦୁର୍ଯ୍ୟୋଧନ ନିଶ୍ଚୟ ହାରିଥାନ୍ତେ। କିନ୍ତୁ ଦୁର୍ଯ୍ୟୋଧନଙ୍କ ପ୍ରତିନିଧି ଭାବେ ଶକୁନି ପଶା ଖେଳିଲେ। ଯୁଧିଷ୍ଠିରଙ୍କର ନିଜ ପଶା ଖେଳର ଜ୍ଞାନ ଉପରେ ଏତେ ଭରସା ଥିଲା ଯେ ସେ ଏଥିରେ ରାଜି ହୋଇଗଲେ। ମୁଁ ତ ମନକୁ ମନ ବିନା ଅନୁମତିରେ ରାଜସଭାକୁ ଯାଇପାରିବି ନାହିଁ ବୋଲି ଯୁଧିଷ୍ଠିର କହିଥିଲେ, ତେଣୁ ବାଧ ହୋଇ ଯେଉଁଠି ଥିଲି ସେଇଠି ରହିଲି।

ବାକି ରହିଲା ଦ୍ରୌପଦୀଙ୍କ କଥା। ଦ୍ରୌପଦୀ ଭାବିଥିଲେ ଯେ, ତାଙ୍କୁ ଦୁଃଶାସନ ଘୋଷାଡ଼ି ଘୋଷାଡ଼ି ସଭା ମଧ୍ୟକୁ ଆଣିବା ଦେଖିଲେ ବା ଜାଣିଲେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣ, ଏପରି କି ମହାରାଜ ଧୃତରାଷ୍ଟ୍ର ରାଗିକରି ସିଷ୍ଟାଚାର ଦୃଷ୍ଟିରୁ ଦୁଃଶାସନକୁ ଦ୍ରୌପଦୀଙ୍କୁ ଛାଡ଼ି ଦେବାକୁ କହି ନଥିଲେ। କିନ୍ତୁ ହେଲା କ'ଣ ? ଦ୍ରୌପଦୀ, ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନ, ଯୁଧିଷ୍ଠିର ଇତ୍ୟାଦି ସମସ୍ତଙ୍କୁ ଧର୍ମ ଓ ନୀତି କଥା କହି ତାଙ୍କୁ ଏପରି ବିବଶନା କରିବା ଅନ୍ୟାୟ ବୋଲି ହାତଯୋଡ଼ି କହିବା ସତ୍ତ୍ୱେ ଉପରଲିଖିତ ବ୍ୟକ୍ତିମାନଙ୍କଠାରୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ସେ ପିନ୍ଧାଲୁଗା ଛାଡ଼ ଦେଇ ଦୁଇ ହାତ ଟେକି ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ।

ଦ୍ରୌପଦୀଙ୍କ ମୁହଁରୁ ମୁଁ ଏଇକଥା ଶୁଣି ତତ୍‌କ୍ଷଣାତ୍ ତାଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହେଲି। ମୋର ତ ଅନ୍ୟ ନାମ ଦୀନବନ୍ଧୁ। ତେଣୁ ଦୁଃଖରେ ଯେକୌଣସି ଜୀବ ମୋତେ ଡାକେ ମୁଁ ତାକୁ କାଳବିଳମ୍ବ ନ କରି ଉଦ୍ଧାର କରେ। ବନ୍ଧୁତାର ୬ଟି ଲକ୍ଷଣ ଅଛି। 'ପଦାତି, ପ୍ରତିଗୃହ୍ଣାତି, ଗୁହ୍ୟଂ, ଅଖ୍ୟାତି, ପ୍ରଚ୍ଛତି ଭୁକ୍ତେ, ଭୋଜୟତେ, ଚୈବ, ଷଡ଼ବିଧଂ ପ୍ରୀତିଲକ୍ଷଣ'। ଏହାର ଅର୍ଥ ହେଲା ଦେବା, ଗ୍ରହଣ କରିବା, 'ଗୋପନ' କଥା କହିବା ଓ ପଚାରିବା, ଖାଇବା ଓ ଖୁଆଇବା – ଏହି ଛ'ଟି ହେଉଛି ପ୍ରେମ ବା ବନ୍ଧୁତ୍ୱର ଲକ୍ଷଣ।

କଥା ଆହୁରି ଆଗେଇଥାନ୍ତା ହଠାତ୍ କାନ୍ଥଘଡ଼ିରେ ଦିନ ୨ଟା ବାଜିବାର ସଂକେତ ମିଳିବାରୁ ବନ୍ଧୁ ଅମୀୟରଞ୍ଜନ ସଚେତନ ହୋଇ ତାଙ୍କ ଘରକୁ ଯିବାପାଇଁ ଉଦ୍ୟତ ହେଲେ। ସେ ଚାଲିଗଲା ପରେ ମୁଁ ମୋ ଧର୍ମପତ୍ନୀଙ୍କୁ ସବୁ କଥା କହିଲି। ଧର୍ମପତ୍ନୀ ମୋ ସହ ଏକମତ ହୋଇ କହିଲେ, ବାସ୍ତବିକ୍ ଏହା ହିଁ ହେଉଛି ସତକଥା।

ଚୈତନ୍ୟ ଧାମ, ଶବର ସାହି
ଭୁବନେଶ୍ୱର, ମୋ:୯୪୩୮୦୭୨୮୫୦

## ଏଇ ଭାରତରେ

ମାନସିକ ଅନଗ୍ରସର ଓ ବିଷାଦଗ୍ରସ୍ତଙ୍କ ପାଇଁ ସାହାରା ପାଲଟିଛନ୍ତି ସୁମିତ୍ରା ଗାର୍ଗାଇ। ହୋ' ଆଦିବାସୀ ସମ୍ପ୍ରଦାୟର ସୁମିତ୍ରା ରହନ୍ତି ଝାଡ଼ଖଣ୍ଡର ନାରଙ୍ଗ ଗାଁରେ। ନବମ ପାସ୍ ପରେ ସେ ବିବାହ କରି ବହୁ ବିପର୍ଯ୍ୟୟକୁ ସାମ୍ନା କରିଥିଲେ। ୩ କନ୍ୟା ସନ୍ତାନର ଜନନୀ ହେବାପରେ ପୁତ୍ର ସନ୍ତାନକୁ ନେଇ ଶାଶୁଘର ପକ୍ଷରୁ ବହୁ ନିର୍ଯାତନାକୁ ସାମ୍ନା କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ସେ ବିଷାଦଗ୍ରସ୍ତ ହୋଇପଡ଼ିବା ପରେ ସାମାଜିକ ସଙ୍ଗଠନ 'ଏକଜୁଟ୍' ଦ୍ୱାରା ଏଥିରୁ ମୁକୁଳିଥିଲେ। ପରେ ଏଭଳି ପରିସ୍ଥିତିକୁ ସାମ୍ନା କରୁଥିବା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ 'ଏକଜୁଟ' ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେ ଝାଡ଼ଖଣ୍ଡର ବହୁ ଗାଁରେ ମାନସିକ ଅନଗ୍ରସର ଓ ବିଷାଦଗ୍ରସ୍ତ ଲୋକମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ସେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସକ୍ଷମ ହୋଇଛନ୍ତି। ନିୟମିତ ଗାଁ ଗାଁ ବୁଲି ମାନସିକ ଅନଗ୍ରସରଙ୍କୁ ଭେଟୁଛନ୍ତି ଓ ସେମାନଙ୍କ ଚିକିତ୍ସା, ଖାଦ୍ୟ ତଥା ପରିବେଶଗତ ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରୁଛନ୍ତି। 'ଏକଜୁଟ୍'ର ଚିକିତ୍ସକମାନଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର କରୁଛନ୍ତି। ବିଷାଦ ଏବେ ଏକ ନୀରବ ମହାମାରୀ ସାଜିଥିବାରୁ ସୁମିତ୍ରା ଲୋକମାନଙ୍କୁ ଏଥିରୁ ମୁକାଳି ଆତ୍ମହତ୍ୟା ହ୍ରାସ କରିବାକୁ ସକ୍ଷମ ହୋଇଛନ୍ତି। ଏବେସୁଦ୍ଧା ସୁମିତ୍ରା ଶତାଧିକ ମାନସିକ ଅନଗ୍ରସରଙ୍କ ଆଶାବାଡ଼ି ସାଜିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୬

- ଶିବକାଶୀଠାରେ ଥିବା ଏକ ବାଣ କାରଖାନାରେ ବାଣ ତିଆରି ଚାଲିଥିବା ବେଳେ ବିସ୍ଫୋରଣ ଘଟି ୧୪ ମୃତ।
- ଆଫଗାନିସ୍ତାନର ବିଦ୍ରୋହୀ ତାଲିବାନ ଗେରିଲାମାନେ ଆଫଗାନିସ୍ତାନର ଜଲାଲବାଦ ସହରକୁ ନିଜ ଅକ୍ତିଆରକୁ ନେଇଯାଇଛନ୍ତି।

## ଚିରନ୍ତନୀ

ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାରେ ପରିବାର ସଂଖ୍ୟା କେତେ

ମହାଶୟ,

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପରିବର୍ତ୍ତିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୬ ଲକ୍ଷ ପରିବାରର ୩ କୋଟି ୫୦ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଯାଇଛି । ଜଣେ ପରିବାରର ହାରାହାରି ୩–୬ ଜଣ ହିତାଧିକାରୀ ଉପକୃତ ହେବେ । ଏହି ଆଧାରରେ ରାଜ୍ୟର ୪ କୋଟି ୫୦ ଲକ୍ଷ ଲୋକ ପାଖାପାଖି ୧୨୫ ଲକ୍ଷ ପରିବାରରେ ରହୁଥିବେ । ତେବେ କ'ଣ ଓଡ଼ିଶାରେ ପରିବାର ସଂଖ୍ୟା ୧୨୪ ଲକ୍ଷ ? ୨୦୧୧ ଜନଗଣନା ଅନୁସାରେ ସେହି ବର୍ଷ ଏପ୍ରିଲ ୧ ତାରିଖ ଦିନ ଓଡ଼ିଶାର ପରିବାର ସଂଖ୍ୟା ଥିଲା ୯୬ ଲକ୍ଷ । ୧୦ ବର୍ଷ ମଧ୍ୟରେ ପାଖାପାଖି ୪ ଲକ୍ଷ ବଢ଼ି ଏବେ ପ୍ରାୟ ୧୦୦ ଲକ୍ଷ ହେବା କଥା । ତେବେ ୧୨୪ ଲକ୍ଷ ପରିବାର ଆସିଲେ କେଉଁଠୁ ? ଏଣୁ ନୂଆ ଯୋଜନାରେ ଉପକୃତ ହେବାକୁ ଥିବା ପରିବାର ଓ ହିତାଧିକାରୀଙ୍କ ସଂଖ୍ୟା ସମ୍ପର୍କୀୟ ତଥ୍ୟକୁ ନେଇ ବିଭ୍ରାନ୍ତି ସୃଷ୍ଟି ହେଉଛି । ଏହା ଦୂର ହେବା ଉଚିତ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଭାସିଗଲେ ଯୁବକ

ବସ୍ତା, ୧୨।୯(ଡି.ଏନ୍.ଏ.): ସୁବର୍ଣ୍ଣରେଖା ନଦୀର ବାରୁଣୀ ଘାଟରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ବସ୍ତା ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ଗୁରୁପ୍ରସାଦ ସାମଲ ନାମକ ଯୁବକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗୁରୁପ୍ରସାଦ ଭେଲୋରାସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଗଣେଶ ପୂଜା କରିଥିଲେ। ରବିବାର ମୂର୍ତ୍ତି ବିସର୍ଜନ କରିବାକୁ ସେ ଅନ୍ୟମାନଙ୍କ ସହ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ନଦୀ ମଧ୍ୟକୁ ଭାସିଯାଇ ନିଖୋଜ ହୋଇଯାଇଥିଲେ। ବସ୍ତା ଓ ଜଳେଶ୍ୱର ଦମକଳ ବାହିନୀ ଖୋଜାଖୋଜି ଜାରି ରଖିଛି।

# ପୁଣି ୧୦୩ ପିଲା ଆକ୍ରାନ୍ତ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)



ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୬୪୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ଚିନ୍ତାଜନକ ବିଷୟ ହେଉଛି ଏମାନଙ୍କ ମଧ୍ୟରେ ୧୦୩ଜଣ ୧୮ବର୍ଷରୁ କମ୍ ବର୍ଗର ପିଲା ରହିଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ୩୮୧ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧୬୮ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୩୫ଜଣ ସଂକ୍ରମିତ ରହିଛନ୍ତି। ସେହିପରି କଟକରୁ ୮୪, ବାଲେଶ୍ୱର ଓ ଜଗତ୍‌ସିଂହପୁରରୁ ୩୭ଜଣ ଲେଖାଏ, ଯାଜପୁର ଓ ମୟୂରଭଞ୍ଜରୁ ୩୦ଜଣ ଲେଖାଏ, ସୁନ୍ଦରଗଡ଼ରୁ ୨୫, କେନ୍ଦ୍ରାପଡାରୁ ୨୪, ପୁରୀରୁ ୧୭, ବଲାଙ୍ଗୀର, ଗଞ୍ଜାମ, ଅନୁଗୋଳ, କେନ୍ଦୁଝର ଓ ସମ୍ବଲପୁରରୁ ୯ଜଣ ଲେଖାଏ, ଭଦ୍ରକ, ଝାରସୁଗୁଡା ଓ ନୟାଗଡରୁ ୬ଜଣ ଲେଖାଏ, ଗଞ୍ଜାମ ଓ କୋରାପୁଟରୁ ୫ଜଣ ଲେଖାଏ, ରାୟଗଡାରୁ ୩, ବରଗଡ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ନୂଆପଡାରୁ ୨ଜଣ ଲେଖାଏ, ବୌଦ୍ଧ, ଦେବଗଡ, ଗଜପତି, ମାଲକାନଗିରି ଓ ନବରଙ୍ଗପୁରରୁ ଜଣେ ଲେଖାଏ ଓ ଷ୍ଟେଟ୍‌ପୁଲରୁ ୫୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦ଲକ୍ଷ ୧୬ହଜାର ୩୬୨କୁ ବୃଦ୍ଧି ପାଇଛି। ସେହିପରି ୮୭୪ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦ଲକ୍ଷ ୨୧୨୮ରେ ପହଞ୍ଚିଛି। ଅନ୍ୟପକ୍ଷରେ ୬ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ବାଲେଶ୍ୱର ଓ ପୁରୀରୁ ୨ଜଣ ଲେଖାଏ ରହିଥିବାବେଳେ ଖୋର୍ଦ୍ଧା ଓ କଟକରୁ ଜଣେ ଲେଖାଏ ମୃତକ ଅଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ କୋଠରିରୁ ପିଅନଙ୍କ ମୃତଦେହ ଜବତ

ବାଲିଆ, ୧୨।୯: ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ଅଲାଣ୍ଡ ହାଇସ୍କୁଲର ଏକ କୋଠରିରୁ ରବିବାର ଜଣେ କାର୍ଯ୍ୟରତ ପିଅନଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କାଙ୍ଗାଳୀ ଚରଣ ସାହୁ(୫୮)। ଏନେଇ ଥାନାରେ ମାମଲା (ନଂ.୧୨/୨୧) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବିରିଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କ ପାଟି ଓ ନାକ ବାଟେ ରକ୍ତସ୍ରାବ ହୋଇଥିବା ଜଣାପଡିଛି। ମୃତକଙ୍କ କୌଣସି ସମ୍ପର୍କୀୟଙ୍କ ସୂଚନା ମିଳିପାରିନାହିଁ ବୋଲି ଆଇଆଇସି ନିରଞ୍ଜନ ମଲ୍ଲିକ କହିଛନ୍ତି।

### ସାଗରଦୀପ ଅଞ୍ଚଳରୁ ୧୧ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,୧୨।୯(ସ୍ୱ.ପ୍ର.): ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ରବିବାର ପଶ୍ଚିମବଙ୍ଗ ହୁଗୁଳି ନଦୀ ସୀମା ସମୁଦ୍ରର ସାଗରଦୀପ ଅଞ୍ଚଳରୁ ୧୧ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛି। ଏହାପରେ ସେମାନଙ୍କୁ ପଶ୍ଚିମବଙ୍ଗସ୍ଥିତ କଣ୍ଟାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ମତ୍ସ୍ୟଜୀବୀମାନେ ମାଛଧରା ବୋଟ୍ ଜରିଆରେ ସମୁଦ୍ରରେ ମାଛ ଧରିବାବେଳେ ଲଘୁଚାପ କାରଣରୁ ବିପଦରେ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ କଣ୍ଟାଇ ମତ୍ସ୍ୟବିଭାଗ କୋଷ୍ଟଗାର୍ଡକୁ ସୂଚନା ଦେଇଥିଲେ। କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରର ୩୫ ନଟିକାଲ ମାଇଲ ମଧ୍ୟରେ ସେମାନଙ୍କୁ ଠାବ କରାଯାଇଥିଲା। ପରେ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ 'ଅନମୋଲ' ଯାଇ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛି।

## ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ମହିଳା ଉଦ୍ଧାର

ବାରିପଦା ଅଫିସ, ୧୨।୯

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବାଘୁଆଶୋଳ ଜଙ୍ଗଲ ନିକଟରୁ ଜନୈକା ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ରବିବାର ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କୁ ବାରିପଦା-ମୋରଡ଼ା ରାସ୍ତାରେ ଏକ ଅଟୋରେ ଆଣି ଜଙ୍ଗଲରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ମହିଳାଙ୍କ ପାଟି ଶୁଣି ନିକଟରେ ଗୋରୁ ଚରାଉଥିବା ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ମହିଳାଙ୍କ ପରିଚୟ ମିଳିପାରିନାହିଁ। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଘଟଣା ପଛର କାରଣ ସ୍ପଷ୍ଟ ହୋଇନି।

## ବିପଦ ସଂକେତ ଟପିଲା ଜଳକା



ଜଳକାରେ ବନ୍ୟା ଜଳ।

ବସ୍ତା, ୧୨।୯(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ଉତ୍ତରଓଡ଼ିଶାରେ ବର୍ଷା ଲାଗି ରହିଛି। ଉପରମୁଣ୍ଡ ମୟୂରଭଞ୍ଜରେ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲା ବସ୍ତା ମଧ୍ୟ ଦେଇ ପ୍ରବାହିତ ଜଳକା ନଦୀ ମଥାନୀଠାରେ ବିପଦସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ମଥାନୀଠାରେ ବିପଦସଂକେତ ୫.୫୦ମିଟର ଥିବା ବେଳେ ରବିବାର ଅପରାହ୍ନ ୩ଟାରେ ୫.୬୬ ମିଟର ବର୍ଷାଜଳ ପ୍ରବାହିତ ହେଉଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ୫.୬୭ ମିଟର ରହିଛି, ଏହିପରି ଭାବେ ବର୍ଷା ଲାଗି ରହିଲେ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଭାଗୀୟ ଯନ୍ତ୍ରୀ ଅଶୋକ ଦାସ ସୂଚନା କହିଛନ୍ତି । ଏଭଳି ସ୍ଥିତିରେ ତଳତାପଗାଁ, ମଥାନୀ, ବେଗରପଡା, ଚକୁଳି ଆଦି ତଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଘଟଗାଁ ପୀଠରେ ପ୍ରମୋଦ ଭଗତ

ଘଟଗାଁ, ୧୨।୯(ଡି.ଏନ୍.ଏ.)

ପାରାଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଓଡ଼ିଶାର ଗୌରବ ପ୍ରମୋଦ ଭଗତ ରବିବାର କେନ୍ଦୁଝର ଜିଲା ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କୁ ଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୭ରେ ପ୍ରମୋଦ ଓଡ଼ିଶାରୁ ପାରାଲିମ୍ପିକ୍ସରେ ଭାଗ ନେବାକୁ ଯିବାବେଳେ କୋଚ ଶିବପ୍ରସାଦ ଦାସ ପ୍ରମୋଦଙ୍କ ବିଜୟ କାମନା କରି ସ୍ଥାନୀୟ ସମ୍ପର୍କୀୟଙ୍କ ଦ୍ୱାରା ଅଖଣ୍ଡ ଦୀପ ବସାଇଥିଲେ। ପ୍ରମୋଦ ଭାରତକୁ ବ୍ୟାଡମିଣ୍ଟନରେ ସ୍ୱର୍ଣ୍ଣପଦକ ଆଣି ଗର୍ବିତ କରିଛନ୍ତି। ଘଟଗାଁରେ ପହଞ୍ଚିବା ପରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମୁକୁନ୍ଦପୁର ପାଟଣା ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ସେ ମା' ତାରିଣୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ସଦସ୍ୟ ଆନନ୍ଦଚନ୍ଦ୍ର ସିଂହ, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ, ନିର୍ମଳ ମହାନ୍ତିଙ୍କ ସମେତ ମନ୍ଦିର କର୍ମଚାରୀ ଉପସ୍ଥିତ ଥିଲେ। ମା'ତାରିଣୀଙ୍କ ଆଶୀର୍ବାଦ ତଥା ଓଡ଼ିଶାବାସୀଙ୍କ ସ୍ନେହ ଓ ଶ୍ରଦ୍ଧା ଯୋଗୁ ତାଙ୍କୁ ଏହି ସଫଳତା ମିଳିଥିବା ସେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି।



## ମୂର୍ତ୍ତି ଉଚ୍ଚତା ପ୍ରସଙ୍ଗ: ଆଜି ୧୨ ଘଣ୍ଟିଆ କଟକ ବନ୍ଦ

କଟକ ଅଫିସ,୧୨।୯

୪ ଫୁଟ ମୂର୍ତ୍ତି ଉଚ୍ଚତା ପ୍ରସଙ୍ଗକୁ ନେଇ କଟକ ନଗର ଭାଜପା ପକ୍ଷରୁ ସୋମବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଏହି ବନ୍ଦ ପାଳନରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ହାଇକୋର୍ଟଙ୍କୁ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ଏଥିସହ ଜରୁରିକାଳୀନ ସେବାକୁ ଏହି ବନ୍ଦ୍‌ରୁ ବାଦ୍ ଦିଆଯାଇଛି ବୋଲି ରବିବାର କଟକ ଗୋପାଳଜୀଉ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସୁ କହିଛନ୍ତି। କଟକ ନଗର ଭାଜପା ପକ୍ଷରୁ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ବିବେକାନନ୍ଦ ନାଏକ, ବିଶ୍ୱରଞ୍ଜନ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ସବ୍ୟସାଚୀ ମହାପାତ୍ର, ମହମ୍ମଦ ସବିର, ପୂର୍ଣ୍ଣଚନ୍ଦ୍ର ଜେନା, ରତନ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ। ସେହିପରି ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସାହିର ମୁରବୀମାନେ କଟକ ସହରର ଦାୟିତ୍ୱ ନିଜ କାନ୍ଧକୁ ନିଅନ୍ତି। ସେମାନଙ୍କୁ ସରକାର ଭୁବନେଶ୍ୱର ଡାକିଲେ, କିନ୍ତୁ ସେମାନଙ୍କ କଥା ଶୁଣିଲେ ନାହିଁ। ଏପରି କରି ସରକାର ସେମାନଙ୍କୁ ଅପମାନିତ କରିଛନ୍ତି। ସେଥିପାଇଁ ଭାଜପା ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ସର୍ବସାଧାରଣଙ୍କ ସହିତ ସମସ୍ତ ପୂଜା କମିଟି ଓ ଶାନ୍ତି କମିଟିର ସଦସ୍ୟଙ୍କୁ ଏଥିରେ ସାମିଲ ହେବାକୁ ଅନୁରୋଧ କରୁଛୁ ବୋଲି କହିଛନ୍ତି।

## ଏନ୍‌ଇଇଟି ୟୁଜି ପରୀକ୍ଷା ଦେଲେ ୩୭ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର,୧୨।୯(ବ୍ୟୁରୋ)



ମଦର୍ସ ପବ୍ଲିକ୍ ସ୍କୁଲରେ ଏନ୍‌ଇଇଟି ପରୀକ୍ଷା ନିମନ୍ତେ ଆସିଥିବା ଛାତ୍ରୀଛାତ୍ରଙ୍କ ସାନିଟାଇଜ୍ କରାଯାଉଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ସାରା ଦେଶରେ ରବିବାର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ୟୁଜି ୨୦୨୧ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଦେଶର ମୋଟ ୨୦୨ ସହରର ୩,୮୬୨ କେନ୍ଦ୍ରରେ ପ୍ରାୟ ୧୬ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ଦେଶ ବାହାରେ କୁଏତ୍ ଓ ଦୁବାଇରେ ବି ଏଥର ପରୀକ୍ଷା କରାଯାଇଛି। ଓଡ଼ିଶାର ୧୬ ସହରରେ ୮୩ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ପ୍ରାୟ ୩୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଭୁବନେଶ୍ୱରରେ ୧୬ଟି ସେଣ୍ଟର କରାଯାଇଥିଲା। ଭୁବନେଶ୍ୱରରେ ମୋଟ ୧୦,୯୯୭ ପିଲା ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ୧୦,୪୭୭ଜଣ ପରୀକ୍ଷା ଦେଇଛନ୍ତି ଓ ୫୨୦ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ପରୀକ୍ଷାରେ ପିଲାଙ୍କ ଉପସ୍ଥିତ ହାର ୯୫.୨୭% ରହିଥିଲା।

ଚଳିତବର୍ଷ ଓଡ଼ିଆ ସମେତ ୧୩ଟି ଭାଷାରେ ଏହି ପରୀକ୍ଷା ହୋଇଥିଲା। ଅପରାହ୍ନ ୨ଟାରୁ ପରୀକ୍ଷା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ସରିଥିଲା। ପରୀକ୍ଷା କେନ୍ଦ୍ରରେ କୋଭିଡ୍ କଟକଣା ଓ ଗାଇଡ୍‌ଲାଇନକୁ ପାଳନ କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କାଶୀନଗର/ପାରଳାଖେମୁଣ୍ଡି,୧୨।୯(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ଥାନା ଅଞ୍ଚଳରେ ଶନିବାର ରାତିରେ ଗଣେଶ ପୂଜା ଦେଖିବା ପାଇଁ ଯାଇଥିବା ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲା କ୍ରମେ କାଶୀନଗର ପୋଲିସ ରବିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କାଶୀନଗର ଥାନା ଅଞ୍ଚଳର ବି. କିରଣ (୧୮)। ଏ ନେଇ କାଶୀନଗର ଥାନାରେ ନଂ. ୯୭/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୯ଟାରେ କାଶୀନଗରର ଏକ ସାହିରେ ଗଣେଶ ପୂଜା ପାଇଁ ନାଚ ଗୀତର ଆସର ଚାଲିଥିଲା। ଏହା ଦେଖିବା ପାଇଁ ନାବାଳିକା ଜଣକ ପରିବାର ଲୋକଙ୍କ ସହ ନିଜ ସାହିରୁ ଆସିଥିଲେ। ପରିବାର ଲୋକେ ନାଚଗୀତ ଦେଖୁଥିବା ବେଳେ ନାବାଳିକା ପୂଜା ମଣ୍ଡପ ନିକଟରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ତାଙ୍କୁ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ନାବାଳିକା ଗୁରୁତର ଅବସ୍ଥାରେ ଏ ଘଟଣା ସମ୍ପର୍କରେ ମା' ବାପାଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲାକୁ ଭିତ୍ତି କରି କାଶୀନଗର ପୋଲିସ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରିବା ପରେ ଗିରଫ କରିଥିଲା। ନାବାଳିକାଙ୍କୁ ମଧ୍ୟ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି।

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**SPOT ADMISSION OPEN**
**HURRY UP!!! LIMITED SEATS AVAILABLE**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484

## 'ୟୁପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ପ୍ରିୟଙ୍କା'

ଆଗ୍ରା, ୧୨।୯: ଉତ୍ତରପ୍ରଦେଶରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଦଳର ବରିଷ୍ଠ ନେତା ସଲମାନ୍ ଖୁର୍ଶିଦ ରବିବାର କହିଛନ୍ତି। ୟୁପି ନିର୍ବାଚନରେ କଂଗ୍ରେସ କୌଣସି ଦଳ ସହ ମେଣ୍ଟ କରିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମେଣ୍ଟ ପାଇଁ ଦଳ ମନ ଖୋଲା ରହିଛି ବୋଲି ପୂର୍ବରୁ ପ୍ରିୟଙ୍କା କହିଥିଲେ ହେଁ ଖୁର୍ଶିଦଙ୍କ ଏପରି ମନ୍ତବ୍ୟ ଚର୍ଚ୍ଚାକୁ ଆସିଛି। ଗଣମାଧ୍ୟମକୁ ସୂଚନା ଦେଇ ଖୁର୍ଶିଦ କହିଛନ୍ତି, ଦଳର ସମସ୍ତ ହିସାବ ଆମ ନିକଟରେ ଅଛି। ତେଣୁ ମେଣ୍ଟ କରିବାର ଆବଶ୍ୟକତା ନାହିଁ। ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନେଇ ପ୍ରିୟଙ୍କା ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରି ନାହାନ୍ତି। କିନ୍ତୁ ତାଙ୍କ ନେତୃତ୍ୱରେ ହିଁ କଂଗ୍ରେସ ଉତ୍ତରପ୍ରଦେଶରେ ଲଢ଼ିବ ବୋଲି ଖୁର୍ଶିଦ କହିଛନ୍ତି।



ଲଘୁଚାପ ପ୍ରଭାବରେ ରବିବାର ହୋଇଥିବା ପ୍ରବଳ ବର୍ଷାରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଜଳାର୍ଣ୍ଣବ।

DSPL-143

# ରାଷ୍ଟ୍ରୀୟ ଲୋକ ଅଦାଲତ

ତା ୧୯।୦୯।୨୦୨୧ରିଖ (ରବିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।
୩. ତା୧୯।୦୯।୨୦୨୧ରିଖ (ରବିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬. ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧
ମୋ: ୯୪୩୮୫୭୮୫୮୬ ଏବଂ ୧୫୧୬
OIPR-18008/13/0006/2122

## ମୋବାଇଲ ଏକ୍ସ-ରେ କଣ୍ଟେନର ସ୍କାନର ସେବା

ପାରାଦୀପ ,୧୨।୯(ସ୍ୱ.ପ୍ର.)



ପାରାଦୀପ ପୋର୍ଟର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ ପ୍ରଥମ ଥର ପାଇଁ ମୋବାଇଲ ଏକ୍ସ-ରେ କଣ୍ଟେନର ସ୍କାନର ସେବା ଆରମ୍ଭ ହୋଇଛି। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯାଇଛି। ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ପ୍ରଥମ ଥର ପାଇଁ ଏଭଳି ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ସ୍କାନର ଜରିଆରେ ଘଣ୍ଟାକୁ ୨୫ଟି କଣ୍ଟେନର ସ୍କାନ ହୋଇପାରିବ। ଏହାକୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯାଇପାରିବ।

କଣ୍ଟେନର ଭିତରେ ଶିଳ୍ପସଂସ୍ଥାର ବିଭିନ୍ନ ସାମଗ୍ରୀ ଓ ଶୃଙ୍ଖଳା ପଣ୍ୟ ଆସିଥାଏ। ତାହା ସମ୍ପୂର୍ଣ୍ଣ ସିଲ୍ ଥାଏ। ଫଳରେ ଏହା ଭିତରେ କ'ଣ ଥାଏ ତାହା ଯାଞ୍ଚ କରିବା ସମୟ ସାପେକ୍ଷ ହୋଇଥାଏ। ଏଥିପାଇଁ କଷ୍ଟମ୍ସ ବିଭାଗକୁ ବେଳେବେଳେ ଅଧିକ ସମୟ ଲାଗିଥାଏ। ମାତ୍ର ନୂତନ ବ୍ୟବସ୍ଥା ଦ୍ୱାରା ସୁରକ୍ଷା ଓ ନିରାପତ୍ତା ଠିକ୍ ହେବା ସହ ସମୟ ଓ ଅର୍ଥ ଖର୍ଚ୍ଚ କମିଯିବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ସ୍କାନରକୁ କଷ୍ଟମ୍ସ ବିଭାଗ ପକ୍ଷରୁ ମଧ୍ୟ ସ୍ୱୀକୃତି ଦିଆଯାଇଥିବା ଜଣାଯାଇଛି।

## ଏସ୍‌ସିବିର ଏକ୍‌ମୋ ସପୋର୍ଟରେ ୩ ରୋଗୀ

କଟକ ଅଫିସ, ୧୨।୯

### ଜଣେ ଆଖିବୁଜିଲେ

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ରବିବାର ସୁଦ୍ଧା ଏକ୍‌ମୋ ସପୋର୍ଟରେ ମୋଟ୍ ୩ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଅନ୍ନପୂର୍ଣ୍ଣା ନାୟକ(୫୮), ବଲାଙ୍ଗୀର ଜିଲାର ଜ୍ୟୋତିର୍ମୟୀ ପଣ୍ଡା(୩୮) ଓ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟାରି ଦିଲୀପ କୁମାର ଅଗ୍ରୱାଲ(୫୭)। ଅଗ୍ରୱାଲ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଗତ ୧୧ ତାରିଖରେ ସ୍ଥାନାନ୍ତର ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଅନ୍ୟପକ୍ଷରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଗନ୍ନାଥ ପ୍ରଧାନ(୩୨)। ଏହା ଏସ୍‌ସିବିରେ ପ୍ରଥମ ଏକ୍‌ମୋ ମୃତ୍ୟୁ ବୋଲି ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି। ପ୍ରଧାନ କୋଭିଡ୍‌ରେ ଆକ୍ରାନ୍ତ ହୋଇ ବହୁଦିନ ଧରି ଚିକିତ୍ସିତ ହେବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। କୋଭିଡ୍ ଯୋଗୁ ତାଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହେବାରୁ ଶ୍ୱାସକ୍ରିୟା ଜନିତ ସମସ୍ୟା ସହ ଏକାଧିକ ସମସ୍ୟା ଦେଖାଦେଇଥିଲା। ଫଳରେ ତାଙ୍କୁ ଏସ୍‌ସିବିରେ ଏକ୍‌ମୋ ସପୋର୍ଟରେ ରଖି ଚିକିତ୍ସା କରାଯାଉଥିଲା। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, କୋଭିଡ୍ ଯୋଗୁ ଅନ୍ନପୂର୍ଣ୍ଣା ଓ ଜ୍ୟୋତିର୍ମୟୀଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହେବାରୁ ଶ୍ୱାସକ୍ରିୟାରେ ସମସ୍ୟା ହୋଇଥିଲା। ଗତ ୨୮ରେ ଅନ୍ନପୂର୍ଣ୍ଣା ଓ ୨୯ରେ ଜ୍ୟୋତିର୍ମୟୀ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ଚିକିତ୍ସା ଜାରି ରହିଥିବାବେଳେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

## ୧୭ରୁ ମିଳିବନି ଜୋମାଟୋରେ ଗ୍ରୋସରି ସାମଗ୍ରୀ

ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ଜୋମାଟୋ ତା’ର ଗ୍ରୋସରି ଡେଲିଭରି ସେବାକୁ ୧୭ ସେପ୍ଟେମ୍ବରରୁ ବନ୍ଦ କରିବ ବୋଲି ସୂଚନା ମିଳିଛି। ଫଳରେ ଦିଲ୍ଲୀ ଏନ୍‌ସିଆରବାସୀ ଆଉ ଏହି ସେବା ମିଳିବ ନାହିଁ। ନିକଟରେ ଆରମ୍ଭ ହୋଇଥିବା ଗ୍ରୋସରି ସେବା ଗ୍ରାହକମାନେ ଆଉ ଜୋମାଟୋରୁ ପାଇପାରିବେ ନାହିଁ। ଉପଭୋକ୍ତା ନିକଟରେ ଅର୍ଡର ପହଞ୍ଚାଇବାରେ ବିଳମ୍ବ ସହ ଗ୍ରାହକଙ୍କ ଖରାପ ରେଟିଂ ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ସେବା ଆରମ୍ଭରୁ କମ୍ପାନୀ ଗ୍ରାହକଙ୍କୁ ୧୫ ମିନିଟରେ ଏକ୍ସପ୍ରେସ ଡେଲିଭରି ପାଇଁ ପ୍ରତିଶ୍ରୁତି ଦେଇଥିଲା।

### ସଂକ୍ଷେପରେ

## ଇପିଏଫ୍ ଲାଗି ଆଧାର ଲିଙ୍କ ଅବଧି ବଢ଼ିଲା

ନୂଆଦିଲ୍ଲୀ,୧୨।୯: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ପକ୍ଷରୁ ଇପିଏଫ୍ ଆକାଉଣ୍ଟଗୁଡ଼ିକୁ ଆଧାର ସହ ଲିଙ୍କ କରାଇବାର ଅବଧିକୁ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ଏଥି ଲାଗି ଶେଷ ତାରିଖ ଅଗଷ୍ଟ ମାସ ୩୧ ରହିଥିଲା। ଇପିଏଫ୍‌ଓ ଉପଭୋକ୍ତାମାନେ ଯଦି ସେମାନଙ୍କ ଆକାଉଣ୍ଟର ଆଧାର ସହ ଲିଙ୍କ ନ କରାନ୍ତି ତେବେ ନିଜ ଖାତାରେ କମ୍ପାନୀ ପକ୍ଷରୁ ମିଳୁଥିବା ଯୋଗଦାନକୁ ରୋକିଦିଆଯିବ। ଏହାବାଦ ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇବା ସମୟରେ ମଧ ବିଭିନ୍ନ ସମସ୍ୟା ଦେଖାଯାଇପାରେ। ଇପିଏଫ୍ ଆକାଉଣ୍ଟଧାରୀଙ୍କ ଆକାଉଣ୍ଟ ଆଧାର ସହ ଲିଙ୍କ ହୋଇ ନ ଥିଲେ ଇପିଏଫ୍‌ଓ ସର୍ଭିସ ବ୍ୟବହାର କରିବା କଷ୍ଟକର ହୋଇପଡ଼ିବ।

## ଅଟଳ ବିମିତ ବ୍ୟକ୍ତି କଲ୍ୟାଣ ଯୋଜନା ସୀମା ବୃଦ୍ଧି

ନୂଆଦିଲ୍ଲୀ,୧୨।୯: ମହାମାରୀ ସ୍ଥିତି ସମ୍ପୂର୍ଣ୍ଣ ଭାବେ ସୁଧୁରି ନ ଥିବାରୁ କର୍ମଚାରୀ ରାଜ୍ୟ ବୀମା ନିଗମ(ଇଏସ୍‌ଆଇସି) ପକ୍ଷରୁ ଅଟଳ ବିମିତ ବ୍ୟକ୍ତି କଲ୍ୟାଣ ଯୋଜନାର ସୀମାକୁ ୨୦୨୧ ଜୁନ ୩୦ ଯାଏ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଯୋଜନାର ଲାଭ ୨୦୨୧ ଜୁନ ମାସ ଯାଏ ଉପଲବ୍ଧ ଥିଲା। ମାତ୍ର ବର୍ତ୍ତମାନ ୨୦୨୧ ଜୁଲାଇ ପହିଲାରୁ ୨୦୨୨ ଜୁନ ଯାଏ ଏହି ଯୋଜନାର ଲାଭ ନେଇ ହେବ। ଅଦ୍ୟାବଧି ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ଯୋଜନା ଦ୍ୱାରା ଲାଭବାନ ହୋଇଛନ୍ତି। ବେରୋଜଗାର ଥିବା ବ୍ୟକ୍ତି ୩ ମାସ ଲାଗି ଭତ୍ତା ପାଇବାକୁ ସକ୍ଷମ ହେବେ। ୩ ମାସ ହାରାହାରି ବେତନର ୫୦% କ୍ଲେମ କରାଯାଇପାରିବ। ବେରୋଜଗାର ହେବାର ୩୦ ଦିନ ପରେ ଏହି ଯୋଜନାର ଲାଭ ଉଠାଇ ହେବ। ବ୍ୟକ୍ତିବିଶେଷଙ୍କୁ ମାତ୍ର ଥରୁଟିଏ ଏହି ଯୋଜନାର ଲାଭ ମିଳିପାରିବ। ଯେଉଁ ବ୍ୟକ୍ତିବିଶେଷ ୨୧ ହଜାର ଟଙ୍କା ଯାଏ ବେତନ ଲାଭ କରୁଛନ୍ତି ସେମାନେ ଏଥିଲାଗି ଯୋଗ୍ୟ ବିବେଚିତ ହେବେ। ଦିବ୍ୟାଙ୍ଗଙ୍କ ଲାଗି ଏହି ସୀମା ୨୫ ହଜାର ଟଙ୍କା ରହିଛି।

# ‘ଅର୍ଥ ବ୍ୟବସ୍ଥା ଲାଗି ଟିକାକରଣ ଗୁରୁତ୍ୱପୂର୍ଣ୍ଣ’

ନୂଆଦିଲ୍ଲୀ,୧୨।୯

ଦେଶର ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଲାଗି ଟିକାକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଟିକାକରଣ ପରେ ଲୋକମାନେ ସେମାନଙ୍କ ବାଣିଜ୍ୟ କାରବାର ନିୟମିତ ଭାବେ କରିପାରିବେ। ସେହିଭଳି କୃଷକମାନେ ମଧ କୃଷିକାର୍ଯ୍ୟ ଠିକ୍ ଭାବେ କରିପାରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କହିଛନ୍ତି। ତାମିଲନାଡ ମର୍ଚ୍ଚାଣ୍ଟାଇଲ ବ୍ୟାଙ୍କର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ପୁଣି କହିଛନ୍ତି, ଅଦ୍ୟାବଧି ଦେଶର ୭୩ କୋଟି ଲୋକ ଟିକା ନେଲେଣି। ଟିକାକରଣ କାର୍ଯ୍ୟକ୍ରମ ବ୍ୟବସ୍ଥିତ ଢଙ୍ଗରେ ଚାଲୁ ରହିଛି। ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର



ଫାଇଦା ନେବା ଦ୍ୱାରା ଗ୍ରାମାଞ୍ଚଳର ହସ୍ପିଟାଲଗୁଡ଼ିକ ସମ୍ପ୍ରସାରଣ କରିବାକୁ ସକ୍ଷମ ହେଉଛନ୍ତି। ଏହା ମଧ୍ୟରେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସମେତ ଅନ୍ୟ ସ୍କିମଗୁଡ଼ିକ ସାମିଲ ରହିଛି।

ତାମିଲନାଡ ମର୍ଚ୍ଚାଣ୍ଟାଇଲ ବ୍ୟାଙ୍କର ସେବା ୨୬ ରାଜ୍ୟ ଏବଂ ୪ କେନ୍ଦ୍ର ଶାସିତ ଅଞ୍ଚଳରେ ପହଞ୍ଚିପାରିଛି। ଏହି ବ୍ୟାଙ୍କ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ସାରା ଦେଶରେ ବ୍ୟାଙ୍କ ନିକଟରେ ୪୧ ହଜାର କୋଟି ଟଙ୍କାର ଜମା ରହିଛି। ବାଣିଜ୍ୟ ବୃଦ୍ଧି ଲାଗି ଏହି ବ୍ୟାଙ୍କ ବିଭିନ୍ନ ସତର୍କତା ପଦକ୍ଷେପ ହାତକୁ ନେଇଛି। ଫଳରେ ପ୍ରାୟ ୧୦୦ ବର୍ଷ ହେବ ସେବା ଯୋଗାଣ ଦିଗରେ ଏହା ସକ୍ଷମ ହୋଇଛି। ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟକୁ ପହଞ୍ଚାଇବା ଦିଗରେ ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇକ୍ଷେତ୍ର ବ୍ୟାଙ୍କଗୁଡ଼ିକ ନିରନ୍ତର ଯୋଗଦାନ ରଖୁଥିବା ସେ ମତ ପ୍ରକାଶ କରିଛନ୍ତି।

### ଆର୍ଥିକ ସୁଧାର ପ୍ରକ୍ରିୟା ତ୍ୱରାନ୍ୱିତ

କୋଭିଡ୍-୧୯ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇଛି। ହେଲେ ବର୍ତ୍ତମାନର ଅର୍ଥନୈତିକ ସୁଧାର ପ୍ରକ୍ରିୟା କ୍ଷତି ତୁଳନାରେ ଅଧିକ ତ୍ୱରାନ୍ୱିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ ସମେତ ସାରା ବିଶ୍ୱ କୋଭିଡ୍ ଯୋଗୁ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ମାତ୍ର ଭାରତୀୟ ଅର୍ଥ ବ୍ୟବସ୍ଥାର ସୁଧାର ପ୍ରକ୍ରିୟା ଦୃଢ଼ ରହିଛି ବୋଲି ଅହମ୍ମଦାବାଦଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶିଳ୍ପ କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନା ଘୋଷଣା କରିଛନ୍ତି। କଟକଣା ଧୀରେ ଧୀରେ କୋହଳ ହେଉଥିବାରୁ ଜିଡିପି ଅଭିବୃଦ୍ଧି ଜାରି ରହିଛି। ଏପ୍ରିଲ-ଜୁନ୍ ତ୍ରୈମାସରେ ଏହା ୨୦.୧% ବୋଲି ସେ ସୂଚନା ଦେଇଛନ୍ତି।

## ଟାଟା ମୋଟର୍ସର ନୂଆ ଡିଲରଶିପ



ଭୁବନେଶ୍ୱର,୧୨।୯

ସ୍ଥାନୀୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଟାଟା ମୋଟର୍ସ ପାସେଞ୍ଜର କାର ଡିଭିଜନର ଏକ ନୂଆ ଡିଲରଶିପ ଶୁଭାରମ୍ଭ ହୋଇଛି। ଗୁଗନାନୀ ଅଟୋକାର୍ସ ପ୍ରାଇଭେଟ ଲିମିଟେଡ ପରିସରରେ ଏହା କାର୍ଯ୍ୟ କରିବ। ନୂଆ ଶୋ’ରୁମକୁ ଟାଟା ମୋଟର୍ସର ରିଜିଓନାଲ ମ୍ୟାନେଜର ଶିଶିର ଶ୍ରୀବାସ୍ତବ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଗୁଗନାନୀ ଅଟୋକାର୍ସର ଏମ୍‌ଡି ରାଜନ ଗୁଗନାନୀ, ଶୋ’ରୁମ ପକ୍ଷରୁ ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଗ୍ରାହକ ଟାଟା ପାସେଞ୍ଜର କାରର ବିଭିନ୍ନ ମଡେଲ ଏବଂ ସେବା ଲାଭ କରିପାରିବେ। ଶୋ’ରୁମରେ ଉପଲବ୍ଧ ଥିବା ଟିଆଗୋର ଆରମ୍ଭ ମୂଲ୍ୟ ୪.୯୯ ଲକ୍ଷ ଟଙ୍କା ଥିବା ବେଳେ ଟିଗୋର ୫.୬୪ ଲକ୍ଷ, ଅଲଟ୍ରୋଜ ୫.୮୪ ଲକ୍ଷ, ନେକ୍ସନ ୭.୨୮ ଲକ୍ଷ, ହ୍ୟାରିୟର ୧୪.୩୯ ଲକ୍ଷ ଏବଂ ସଫାରି ମଡେଲର ଆରମ୍ଭ ମୂଲ୍ୟ ୧୪.୯୯ ଲକ୍ଷ ଟଙ୍କା ରହିଥିବା ଶୋ’ରୁମ ପକ୍ଷରୁ ସୂଚନା ମିଳିଛି।

## ଏଏମ୍‌ଏନ୍‌ଏସ୍‌ର ସାଗାସାହି ଖଣି କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୧୨।୯

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ଘୋରାବୁରହାନି-ସାଗାସାହି ଲୁହାପଥର ଖଣି କାର୍ଯ୍ୟ ଆରମ୍ଭ ବିଷୟରେ ଆର୍ସେଲର ମିତଲ ଆଣ୍ଡ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଘୋଷଣା କରାଯାଇଛି। କୋଇରା ତହସିଲ ଅନ୍ତର୍ଗତ ୧୩୯.୧୬୫ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପ୍ତ ଏହି ଖଣି ଚତୁଃପାର୍ଶ୍ୱରେ ଘୋରାବୁରହାନି ସାଗାସାହି ଓ କଳାମଙ୍ଗା ଆଦି ଗ୍ରାମ ରହିଛି। ଏହି ଖଣିରେ ୯୮.୬୧ମିଲିୟନ୍ ଟନ୍ ଖଣିଜ ଦ୍ରବ୍ୟ ମହଜୁଦ ରହିଛି। ଏହା ମିନେରାଲ ଅକ୍ସନ୍ ରୁଲ୍ ୨୦୧୫ ଅନ୍ତର୍ଗତ ପ୍ରଥମ ନିଲାମ ହୋଇଥିବା ଖଣି । ଚଳିତବର୍ଷ ଉକ୍ତ ଖଣିରୁ କମ୍ପାନୀ ମିଲିୟନ୍ ଟନ୍‌ର ଉଚ୍ଚମାନର ଲୁହାପଥର ଉତ୍ତୋଳନ କରିବ ଏବଂ ପରବର୍ତ୍ତୀ ସମୟରେ ବାର୍ଷିକ ୭.୧୬ମିଲିୟନ୍ ଟନ୍ ଉତ୍ତୋଳନ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ଖଣି କାର୍ଯ୍ୟ ଆରମ୍ଭରେ କମ୍ପାନୀ ୬୦୦ ଜଣଙ୍କୁ ପ୍ରତ୍ୟକ୍ଷ ଓ ୨୫୦୦ ଜଣଙ୍କୁ ପରୋକ୍ଷ ଭାବେ ନିଯୁକ୍ତି ଦେବ ବୋଲି କୁହାଯାଇଛି। ଏ ସମ୍ପର୍କରେ କମ୍ପାନୀର ବରିଷ୍ଠ ଅଧିକାରୀ ଦିଲ୍ଲୀପ୍ ଓମେନ୍ କହିଛନ୍ତି ଯେ, ଖଣି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଆମେ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବୁ। ଉକ୍ତ ଖଣି କାର୍ଯ୍ୟ ଆରମ୍ଭ ସହ ରାଜ୍ୟ ସରକାରଙ୍କ ଏକ ଟ୍ରିଲିୟନ୍ ଡଲାର ଇକୋନମିର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବୁ ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି କମ୍ପାନୀର ଉକ୍ତ ଖଣି କାର୍ଯ୍ୟ ସମ୍ପର୍କରେ ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି ଯେ, ଖଣି କାର୍ଯ୍ୟ ଆରମ୍ଭ ହେବା ଏକ ଖୁସିର ବିଷୟ। ରାଜ୍ୟ ସରକାର ଶିଳ୍ପ କ୍ଷେତ୍ରରେ ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଶିଳ୍ପକରଣ ପାଇଁ ଆମେ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବୁ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଏସ୍‌ପିଭିକୁ ଏୟାର ଇଣ୍ଡିଆ ସମ୍ପତ୍ତି ସ୍ଥାନାନ୍ତର ଟିକସ ମୁକ୍ତ

ନୂଆଦିଲ୍ଲୀ,୧୨।୯

ଏୟାର ଇଣ୍ଡିଆର ସମ୍ପତ୍ତିକୁ ଏସ୍‌ପିଭି ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡକୁ ସ୍ଥାନାନ୍ତର କ୍ଷେତ୍ରରେ ସରକାର ଟିକସ ଛାଡ କରିଛନ୍ତି। ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀରୁ ଷ୍ଟ୍ରାଟେଜିକ ପୁଞ୍ଜି ପ୍ରତ୍ୟାହାର ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ଲାଗି ସରକାର ୨୦୧୯ରେ ଏକ ସ୍ପେଶାଲ ପର୍ପଜ ଭେଇକିଲ (ଏସ୍‌ପିଭି) ଗଠନ କରିଥିଲେ। ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡ ନାମରେ ସ୍ଥାପନ ହୋଇଥିବା ଏହି କମ୍ପାନୀକୁ ସରକାର ଏୟାର ଇଣ୍ଡିଆ ଗ୍ରୁପର ଋଣ ଏବଂ ନନ୍ କୋର୍ ସମ୍ପତ୍ତି ହସ୍ତାନ୍ତର ନେଇ ପ୍ରସ୍ତାବ ରହିଥିଲା। ସିବିଡିଟିର ସୂଚନା ଅନୁସାରେ ଏୟାର ଇଣ୍ଡିଆ ସମ୍ପତ୍ତି ସ୍ଥାନାନ୍ତର ବେଳେ କୌଣସି ଟିଡିଏସ୍ ଲାଗୁ ହେବ ନାହିଁ।

## ପର୍ଯ୍ୟଟନ ଲାଗି ଲିଜ୍‌ରେ କୋଚ୍ ଦେବ ରେଲୱେ

ନୂଆଦିଲ୍ଲୀ,୧୨।୯

ରେଲୱେ ଦ୍ୱାରା ସାରା ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଯୋଜନା ରଖିଛନ୍ତି। ସ୍ପେଶାଲ ଥିମ୍ ବିଶିଷ୍ଟ ସାଂସ୍କୃତିକ, ଧାର୍ମିକ ଏବଂ ଟୁରିଷ୍ଟ ସର୍କିଟ ଟ୍ରେନ ଚଳାଚଳ କରାଇବାକୁ କୋଚ୍‌ଗୁଡ଼ିକୁ ଦୀର୍ଘ ମିଆଦୀ ଭିତ୍ତିରେ ଲିଜ୍‌ରେ ଦେବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ସାରା ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା କ୍ଷମତାର ଫାଇଦା ଉଠାଇବାକୁ ସରକାର ଚାହୁଁଛନ୍ତି। ଟୁରିଷ୍ଟ ସର୍କିଟଗୁଡ଼ିକୁ ଲୋକପ୍ରିୟ କରାଇବା ଏବଂ ଏହାର ଉନ୍ନତୀକରଣ ଲାଗି ମାର୍କେଟିଂ ଏବଂ ହସ୍ପିଟାଲିଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞଙ୍କ ସହାୟତା ମଧ ଲୋଡ଼ାଯିବ।

ରେଳ ମନ୍ତ୍ରଣାଳୟ ପକ୍ଷରୁ ପର୍ଯ୍ୟଟନ ନୀତି ପ୍ରସ୍ତୁତି ଲାଗି ନିୟମ ଏବଂ ସର୍ତ୍ତ



ସଂକ୍ରାନ୍ତ କାର୍ଯ୍ୟନିର୍ବାହୀ ସ୍ତରର ଏକ କମିଟି ଗଠନ କରାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ମଧ ଜାରି କରାଯାଇଛି। ଏହି ଯୋଜନା ଲାଗି ଇଚ୍ଛୁକ ଥିବା ବ୍ୟକ୍ତିବିଶେଷଙ୍କୁ ରେଳ କୋଚ୍‌ଗୁଡିକୁ ଅତିକମ୍‌ରେ ପାଞ୍ଚବର୍ଷ ଲାଗି ପ୍ରଦାନ କରାଯିବ। ରେଳ କୋଚ୍‌ଗୁଡିକୁ କ୍ରୟ କରାଯାଇପାରିବ। ସେହିଭଳି ଏହାର ଡିଜାଇନ ଲାଗି କିଛିଟା ପରିବର୍ତ୍ତନ ମଧ କରାଯାଇପାରିବ। ରେଳ ଟ୍ରାକ, ସିଗନାଲିଂ ଭଳି ଭିତ୍ତିଭୂମି ଖର୍ଚ୍ଚ ଏହା ମାଧ୍ୟମରେ ମଧ ଆଦାୟ କରାଯିବ। କୋଚ୍‌ଗୁଡିକ ନିଜ ପରିସରରେ ଛିଡା କରିବା କ୍ଷେତ୍ରରେ ମଧ ରେଲୱେ ଭଡା ନେବ ବୋଲି ଜଣାପଡିଛି।

ପ୍ରାଇଭେଟ ଅପରେଟରଙ୍କୁ ଏହି ଟ୍ରେନଗୁଡିକର ବିଜନେସ ମଡେଲ ପ୍ରସ୍ତୁତ କରିବା ଲାଗି ଅଧିକାର ମିଳିବ। ରୁଟ ଏବଂ ଭଡା ସକ୍ରାନ୍ତ ନିଷ୍ପତ୍ତି ମଧ ଏମାନେ ଗ୍ରହଣ କରିବେ। ଅତିରିକ୍ତ ଆୟ କରିବା ଲାଗି ରେଲୱେ ଏହି ଟ୍ରେନଗୁଡିକରେ ତୃତୀୟ ପକ୍ଷଙ୍କୁ ବିଜ୍ଞାପନ ଦେବାର ସୁଯୋଗ ମିଳିବ। ରେଳପଥ ପକ୍ଷରୁ କୁହାଯାଇଛି, ଏହି ଟ୍ରେନଗୁଡିକ ଲାଗି ସମୟକୁ ସମ୍ପୂର୍ଣ୍ଣ ଭାବେ ନଜରରେ ରଖାଯିବ। କୋଚ୍‌ଗୁଡିକର ଡିଜାଇନ ଏବଂ ରୁଟ ସମ୍ପର୍କରେ ମଞ୍ଜୁରୀ ଠିକ୍ ସମୟରେ ପ୍ରଦାନ କରାଯିବ ବୋଲି କୁହାଯାଇଛି।

### ଫୁରସତ

# ଗୋଆରେ ବଢ଼ୁଛି ତାଲାବନ୍ଦ ଘର

**ପର୍ଯ୍ୟଟନ ସମ୍ଭାରରେ ଭରପୂର ଗୋଆ। ଭାରତର ମିନି ପର୍ତ୍ତୁଗାଲ ନାମରେ ପରିଚିତ ଏହି ସ୍ଥାନ ସୁନ୍ଦର ବେଳାଭୂମି ପାଇଁ ଅର୍ଜନ କରିଛି ପ୍ରସିଦ୍ଧି। ହେଲେ ନିକଟରେ ଭିନ୍ନ କାରଣରୁ ଏହି ଛୋଟ ସହର ଆସିଛି ଚର୍ଚ୍ଚାକୁ। ଏଠାରେ ନିଜର ଘରଟିଏ ତୋଳିବାକୁ ଅନେକେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି ସତ, ହେଲେ ଗୃହ ନିର୍ମାଣ ପରେ ସେଠାରେ ରହିବାକୁ ଆଗ୍ରହୀ ହେଉନାହାନ୍ତି। ଏହି କାରଣରୁ ଗୋଆରେ ଏବେ ତାଲା ବନ୍ଦ ଘର ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ପରିଲକ୍ଷିତ ହୋଇଛି।**

**ପଣଜୀ:** ଗୋଆରେ ରିୟଲ୍ ଇଷ୍ଟେଟ୍ ବିଜ୍‌ନେସ୍ ଏବେ ଶିଖରରେ। ଏହି ଛୋଟିଆ ସହରରେ ସ୍ୱପ୍ନର ଘରଟିଏ ତୋଳିବାକୁ ଅନେକେ ଇଚ୍ଛା ରଖିବା ସ୍ୱାଭାବିକ। ହେଲେ ଏବେ ଏଠାରେ ଅଧିକାଂଶ ନବନିର୍ମିତ ଘରେ ଝୁଲୁଛି ତାଲା। ଜନସଂଖ୍ୟା ଅନୁପାତ ଏବଂ କ୍ଷେତ୍ରଫଳକୁ ତୁଳନା କଲେ ଏହାର ଆନୁପାତିକ ହାର ବଡ଼ ରାଜ୍ୟ ତୁଳନାରେ ଯଥେଷ୍ଟ ଅଧିକ।

ସ୍ୱାସ୍ଥ୍ୟପ୍ରଦ ସାମୁଦ୍ରିକ ଜଳବାୟୁ, ସୁସ୍ଥ ବାତାବରଣ ଏବଂ ପର୍ଯ୍ୟାପ୍ତ କର୍ମ ନିଯୋଜନ ଲାଗି ଗୋଆ ସୁପରିଚିତ। ଏବେ ଏଥିରେ ଯୋଡ଼ିହୋଇଛି ତାଲା ବନ୍ଦ ଘର। ଜନଗଣନା ଅନୁଯାୟୀ, ଗୋଆରେ ମୋଟ ବାସଗୃହ ମଧ୍ୟରୁ ୧.୪% ହେଉଛି ଅଧିକୃତ ତାଲାବନ୍ଦ ଘର (ଅକ୍ୟୁପାଇଡ୍ ଲକ୍‌ଡ ହାଉସ୍)। ଅଧିକୃତ ତାଲାବନ୍ଦ ଘର ସୂଚୀରେ ମେଘାଳୟ ୧.୧% ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଆସାମ, ଆନ୍ଧ୍ରପ୍ରଦେଶ, ବିହାର, ଝାଡ଼ଖଣ୍ଡ, କର୍ନାଟକ, ମଧ୍ୟପ୍ରଦେଶରେ ଏହି ସଂଖ୍ୟା ୦.୫%। ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଭଳି ବଡ଼ ରାଜ୍ୟରୁ ଅଧିକ ସଂଖ୍ୟାରେ ଲୋକ ଅନ୍ୟତ୍ର ସ୍ଥାନାନ୍ତରଣ ହେଉଥିଲେ ମଧ ଏଠାରେ ଏଭଳି ସମସ୍ୟା ଦୃଷ୍ଟିଗୋଚର ହୁଏନାହିଁ।

ଗୋଆରେ ଏଭଳି ସ୍ଥିତି ସମ୍ପର୍କରେ ଜନଗଣନା ବିଭାଗ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ତେବେ ‘ଡାଉନ୍ ଟୁ ଆର୍ଥ’ର ଏକ ରିପୋର୍ଟରେ ମଣ୍ଡଗାଓଁର ପ୍ରପର୍ଟି ଏଜେଣ୍ଟ ହର୍ଷ ନାୟକ କହିଛନ୍ତି, ଗୋଆର ମୂଳ ବାସିନ୍ଦାଙ୍କ ମନରେ ଭିଟାମାଟିରେ ନିଜସ୍ୱ ଘରକୁ ନେଇ ଏକ ବଦ୍ଧମୂଳ ଧାରଣା ରହିଛି। ଘରେ ରୁହନ୍ତୁ ଅବା ନ ରୁହନ୍ତୁ, ନିଜର ଏକ ବାସଗୃହ ନିର୍ମାଣ କରିବା ଲାଗି ସେମାନଙ୍କ ମାନସିକତା ସମୟକ୍ରମେ ବୃଦ୍ଧିପାଇଛି। ଅନ୍ୟତ୍ର କାମ କରୁଥିବା କର୍ମଜୀବୀମାନେ ଅବସର ପରେ ଗୋଆରେ ଅବଶିଷ୍ଟ ଜୀବନ ବିତାଇବାକୁ ଇଚ୍ଛା ରଖନ୍ତି। ଏଭଳି ଚାକିରିଆମାନେ ବୟସ୍କ ତ ନୁହନ୍ତି, ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୫୦ ଉପରେ। ହର୍ଷ ନିଜ ମନ୍ତବ୍ୟରେ ଆଉ ଏକ ରୋଚକ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, ଗୋଆରେ ଏଠାକାର ମୂଳବାସିନ୍ଦାଙ୍କ ବ୍ୟକ୍ତିଗତ ଘର ରହିଛି। ସେମାନେ ଏଠାରେ ଆସି ସ୍ୱଳ୍ପ ସମୟ ବିତାଇବାକୁ ଚାହାନ୍ତି। ହେଲେ ଦୀର୍ଘବର୍ଷ ଧରି ସହାବସ୍ଥାନ କରିବାକୁ



ଇଚ୍ଛୁକ ନୁହନ୍ତି। ସେହିପରି ଗୋଆର ବହୁ ବ୍ୟକ୍ତି ବିଦେଶରେ ଚାକିରି କରୁଛନ୍ତି। ଭିଟାମାଟି ପ୍ରତି ସେମାନଙ୍କ ଦୁର୍ବଳତା ରହିଛି। ଗୋଆରେ ଥିବା ସେମାନଙ୍କ ପୈତୃକ ଘର ଏବେ ଖାଲିପଡ଼ିଛି। ସେମାନେ ଏହାକୁ ବିକ୍ରି କରିବା କିମ୍ବା ଭଡ଼ାରେ ଲଗାଉନାହାନ୍ତି। ତାଲା ବନ୍ଦ କରି ରଖିଛନ୍ତି। ଗୋଆ ସହରରେ ୮,୦୦୦ରୁ ଉର୍ଦ୍ଧ୍ୱ ତାଲା ବନ୍ଦ ଘର ରହିଛି। ତାମିଲନାଡୁରେ ୧.୬୨ ଲକ୍ଷ, ଉତ୍ତର ପ୍ରଦେଶରେ ୧. ୨୭ ଲକ୍ଷ, ମହାରାଷ୍ଟ୍ରରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ତାଲାବନ୍ଦ ଘର ରହିଛି। ହେଲେ କ୍ଷେତ୍ରଫଳ ତୁଳନାରେ ଗୋଆ ଏହି ରାଜ୍ୟଗୁଡ଼ିକଠାରୁ ଯଥେଷ୍ଟ ଆଗରେ।

ଗତ ଦଶନ୍ଧିରେ ଗୋଆର ଜନସଂଖ୍ୟା ୩ଗୁଣା ବଢ଼ିଛି। ମୋଟ ବାସଗୃହ ମଧ୍ୟରୁ ୭୬% ବାସୋପଯୋଗୀ। ବର୍ତ୍ତମାନର ରିୟଲ ଇଷ୍ଟେଟ୍ ସେକ୍ଟର ସ୍ଥିତି ଦେଖିଲେ ନିକଟ ଭବିଷ୍ୟତରେ ସେଭଳି ବଡ଼ ଧରଣର ପରିବର୍ତ୍ତନ ଆଶା କରାଯାଇ ନ ପାରେ। ଗୋଆ ସହିତ ଦେଶର ଅନ୍ୟ ସ୍ଥାନରେ ପୂର୍ବସ୍ଥିତି ବଳବତ୍ତର ରହିବ। ଏଭଳି ସମୟରେ ବିଲ୍‌ଡର ନବନିର୍ମିତ ଘରଗୁଡ଼ିକୁ ଭଡ଼ାସୂତ୍ରରେ ଦେଇ ଅର୍ଥ ଉପାର୍ଜନ କରିବା ସୁଯୋଗରେ ରହିଛନ୍ତି।

# ମରୁଭୂମିରେ ସ୍ୱପ୍ନର ସହର

**ୱାଶିଂଟନ:** ମରୁଭୂମିରେ ୫୦ ଲକ୍ଷ ଲୋକଙ୍କ ପାଇଁ ନିର୍ମାଣ କରାଯିବ ସ୍ୱପ୍ନର ସହର। ଏନେଇ ଆମେରିକାର କୋଟିପତି ବ୍ୟବସାୟୀ ମାର୍କ ଲୋରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ୧୫୦,୦୦୦ ଏକର ପରିମିତ ଜମିରେ ସହର ନିର୍ମାଣ କରାଯିବ। ଏଥିରେ ୪୦୦ ଶହ କୋଟି ଡଲାରରୁ ଅଧିକ ଖର୍ଚ୍ଚ ହେବ। ମାର୍କ ଏହି ପ୍ରକଳ୍ପ ପାଇଁ ଏବେ ଜମି ଏବଂ ପାଣ୍ଠି ଯୋଗାଡ଼ରେ ବ୍ୟସ୍ତ ରହିଛନ୍ତି। ଏହି ସ୍ୱପ୍ନ ସହରରେ ଅନ୍ୟ ବଡ଼ ସହର ଭଳି ସମସ୍ତ ବିକଶିତ ସୁବିଧା ରହିବ। ସହରରେ ଟୋକିଓ ପରି ପରିଷ୍କାର ପରିଚ୍ଛନ୍ନତା, ନ୍ୟୁୟର୍କ ପରି ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଷ୍ଟକହୋମ ପରି ସାମାଜିକ ସୁବିଧା ସୁଯୋଗ ଆଦି ରହିବ। ଏହି ସ୍ୱପ୍ନର ସହରକୁ ‘୧୫ ମିନିଟ ସିଟି ଡିଜାଇନ’ ଦ୍ୱାରା ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ନେଭାଡା, ୟୁଟା, ଇଡାହୋ, ଏରିଜୋନା, ଟେକ୍ସାସ ଏବଂ ଆପାଲାଚିଆନ ଭଳି ଅଞ୍ଚଳରେ ଜମିର ସନ୍ଧାନ ଜାରି ରହିଛି। ଏଠାରେ ଉଭୟ ଆବାସିକ କୋଠା ଏବଂ ସବୁଜ ସ୍ଥାନ ରହିବ। ସହରରେ ପେଟ୍ରୋଲ, ଡିଜେଲ ଆଦିରେ ଚାଲୁଥିବା ଯାନ ଉପରେ ପ୍ରତିବନ୍ଧକ ଲଗାଯିବ।

CLASSIFIED DISPLAY

MORE SPACE • SAME PRICE

TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅକ୍ଷୟ କୁମାର ମହାକୁଡ
ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫
ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରି, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମର ପାଖେପାଖେ ଥିଲା ଭଳି ଲାଗୁଛ।
ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ ।
ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ ।
ଧ-୭୧୦୦୫

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋକୁଳାନନ୍ଦ କର
ବଗୁଲି ଭାଇନା
ବାଲିଅନ୍ତା ପାଟଣା, ଭୁବନେଶ୍ୱର
ଆବିର୍ଭାବ: ୦୨।୦୩।୧୯୫୦
ତିରୋଧାନ: ୦୨।୦୯।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ପୁତ୍ର: ଅଜିତ, ରଣଜିତ ଓ ବନ୍ଧୁ, ପରିବାରବର୍ଗ ।
ଧ-୭୧୨୦୪

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଜଳଧର ପାଣି
ବତାସିଂହ, ପର୍ଜଙ୍ଗ, ଢେଙ୍କାନାଳ
ଆବିର୍ଭାବ : ୧୯.୦୬.୧୯୪୧
ତିରୋଧାନ : ୦୪.୦୯.୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ପାର୍ଥିବ ଅନୁପସ୍ଥିତ, ମୋ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି, ତାହା ଅପୂରଣୀୟ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଦଶାହ ଉପଲକ୍ଷେ ପ୍ରିୟ ପରିଜନମାନଙ୍କର ସହିତ ମୋର ଭଗବାନଙ୍କ ନିକଟରେ ପ୍ରାର୍ଥନା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ: ପତ୍ନୀ- ଅନ୍ନପୂର୍ଣ୍ଣା ପାଣି, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୩୦

## ୨.୪୩ କୋଟିର କାର୍ କିଣିଲେ କ୍ରିତି



କ୍ରିତି ସାନନ

**ମୁମ୍ବାଇ:** ବଲିଉଡର ଅଭିନେତ୍ରୀ କ୍ରିତି ସାନନ ମର୍ସିଡିଜ-ବେଞ୍ଜ ମେବ୍ୟାକ ଜିଏଲଏସ ୬୦୦ ବିଳାସପୂର୍ଣ୍ଣ କାର କିଣିଛନ୍ତି। ଏହି କାର୍‌ର ମୂଲ୍ୟ ୨.୪୩ କୋଟି ଟଙ୍କା। ନିକଟରେ କ୍ରିତି ସାନନଙ୍କୁ ତାଙ୍କ ନୂଆ କାରରେ ମୁମ୍ବାଇର ସାଣ୍ଟା କ୍ରୁଜରେ ଥିବା ମେବ୍ୟାକ ଫିଲ୍ମ ଅଫିସରେ ଦେଖିବାକୁ ମିଳିଥିଲା। କ୍ରିତି ତାଙ୍କ ଫିଲ୍ମ ‘ମିମି’ର ସଫଳତା ପରେ ନିଜକୁ ଏହି ନୂତନ କାର ଉପହାର ଦେଇଛନ୍ତି। ଏହି କାର କିଣିବାରେ କ୍ରିତି ପ୍ରଥମ ବଲିଉଡ ଅଭିନେତ୍ରୀ। ନୂଆ କାର କିଣିବାର ଆନନ୍ଦ ତାଙ୍କ ମୁହଁରେ ସ୍ପଷ୍ଟ ଦେଖାଯାଉଥିଲା। ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଦୀନେଶ ଭାଇଜାନଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା କ୍ରିତି ଏହି ସମୟରେ ଗୋଲାପୀ ରଙ୍ଗର ଶାର୍ଟ ସହିତ ଜିନ୍ସ ପିନ୍ଧିଥିଲେ। ଏହି ବିଳାସପୂର୍ଣ୍ଣ କାର ସହିତ କ୍ରିତିଙ୍କ ଫଟୋଗୁଡିକ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି । ନିକଟରେ ଅର୍ଜୁନ କପୁର ମଧ ୨.୪୩ କୋଟି ଟଙ୍କା ମୂଲ୍ୟର ଏହି କାର କିଣିଥିଲେ। ଏହି କାରଟି ନେବାବେଳେ ସେ ସୋସିଆଲ ମିଡିଆରେ ନିଜର ଫଟୋ ଶେୟାର କରିଥିଲେ।

## ପାଣିରେ ଭାସିଲା ରାଜଧାନୀ



ବର୍ଷା ପାଣି ଘେରରେ ଭୁବନେଶ୍ୱର ବମିଖାଲ କଲୋନୀ।



ନଦୀର ଭ୍ରମ ସୃଷ୍ଟି କରୁଛି ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା।

# ପ୍ରବଳ ବର୍ଷିଲା, ବୁଡ଼ାଇଦେଲା









ଜନପଥର ଗୁରୁଦ୍ୱାର ନିକଟ ଏକ ଦୋକାନରେ ପଶିଥିବା ପାଣିକୁ କର୍ମଚାରୀମାନେ ବାହାର କରୁଛନ୍ତି।

ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

ଲଘୁଚାପଜନିତ ଲଗାଣ ବର୍ଷାରେ ରାଜଧାନୀ ଭୁବନେଶ୍ୱରରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ରାତିରୁ ବର୍ଷା ଆରମ୍ଭ ହୋଇଥିଲା। ତେବେ ରବିବାର ସକାଳଠାରୁ ବର୍ଷା ପରିମାଣ ବଢ଼ିବା ସହ ମଧ୍ୟାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରବଳ ବର୍ଷିଥିଲା। ଦିନ ତମାମ ବର୍ଷା ପାଣି ଜମି ରହିବା ଓ ପାଣି ସୁଅ ଯୋଗୁ କେଉଁଠି ପାଚେରି ଓ ଡ୍ରେନ୍ ଭୁଶୁଡ଼ିଥିଲା ତ ପୁଣି ଆଉ କେଉଁଠି ଘର ଭିତରେ ପାଣି ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା। ବସ୍ତିଠାରୁ ଆରମ୍ଭ କରି ଭିଭିଆଇପି ଅଞ୍ଚଳ ଓ ଆପାର୍ଟମେଣ୍ଟ ପରିସର ସବୁଠି ଜଳମଗ୍ନ ହୋଇଯାଇଥିଲା।

ବମିଖାଲ ସ୍ଥିତି ସବୁଠୁ ଉଦ୍‌ବେଗଜନକ ଥିଲା। ସନ୍ତୋଷୀ ମା' ମନ୍ଦିର ନିକଟ ଏକ ଆପାର୍ଟମେଣ୍ଟରେ ବର୍ଷା ସହ ଆର୍ବଜନା ପାଣି ପଶିଯିବାରୁ କିଛି ଅଂଶ ବୁଡି ଯାଇଥିଲା। ବର୍ଷା ଛାଡିବାର ଦେଢଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ବମିଖାଲ କଲୋନୀ ଅଞ୍ଚଳ, କଟକରୋଡ, ରସୁଲଗଡ, ଲକ୍ଷ୍ମୀସାଗର ତଳସାହି ଓ ଉପରସାହି, ଶାସ୍ତ୍ରୀ ନଗର, ନୟାପଲ୍ଲୀ, ଜୟଦେବ ବିହାର, ୟୁନିଟ୍‌-୯, ଶିଶୁଭବନ ଛକ ଆଦି ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିଲା। ଡ୍ରେନ୍ ଉଛୁଳି ରାସ୍ତାକୁ ମାଡ଼ି ଆସିବା ସହ ଘରେ ପଶିଥିଲା। ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ନଦୀର ଭ୍ରମ ସୃଷ୍ଟି ହୋଇଥିଲା। ବହୁ ଗାଡ଼ି ପାଣି ଭିତରେ ଫସି ରହିଥିଲା। ପଟିଆ ଅହଲ୍ୟା ନଗରରେ ଲୋକଙ୍କ ଘରେ ପାଣି ପଶିଯିବା ଦ୍ୱାରା ସେମାନେ ନାନା ଦୁର୍ଦ୍ଦଶାରେ ରହିଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିଥିଲା। ଜିଜିପି କଲୋନୀ ଅଞ୍ଚଳରେ ଡ୍ରେନ୍ ସହ ବାଟଘାଟ ଏକାକାର ହୋଇଯାଇଥିଲା। ଜାଇକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ସମ୍ପୃକ୍ତ ଅଞ୍ଚଳର ରାସ୍ତା ଖୋଳାଯାଇ ବାଟ ବନ୍ଦ କରାଯାଇଛି। ପ୍ରବଳ ବର୍ଷା ହେବାରୁ ଡ୍ରେନ ପାଣି ରାସ୍ତାରେ ଲହଡି ଭାଙ୍ଗୁଥିଲା। ବିଶେଷକରି ୧୮, ୩୨ ଓ ୩୩ ନମ୍ବର ୱାର୍ଡର ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ସେହିପରି ପଣାକୋଦିଆରୀ ବସ୍ତି, ଜଗନ୍ନାଥ ବସ୍ତି, ମଇଁଷିଖାଲ ବସ୍ତି ଓ ଜାଗମରା ଆଇଟିଆର୍ ପଛପଟେ ଥିବା ବସ୍ତି ଅଞ୍ଚଳରେ ପାଣି ଘରେ ପଶିଥିଲା। ରାସ୍ତାପାର୍ଶ୍ୱରେ ଥିବା ବିଭିନ୍ନ ଦୋକାନରେ ମଧ୍ୟ ବର୍ଷା ପାଣି ପଶି ରହିଥିବା ଦେଖାଯାଇଥିଲା।

### ଭୂମିକମ୍ପ ଭାବି ଭୟରେ ଦୌଡ଼ିଲେ

ଡୁମୁଡୁମା ନିକଟ ରଘୁନାଥ ନଗରରେ ଥିବା ଏକ ୩ମହଲା କୋଠା ବି ଦବିଯାଇଥିବାବେଳେ ଏହାର କିଛି ଅଂଶ ଧସିବା ସହ କାନ୍ଥ ମଧ୍ୟ ଫାଟି ଯାଇଛି। ପ୍ରବଳ ବର୍ଷା ଲାଗି ରହିଥିବାବେଳେ ହଠାତ୍ ଘରଟି ଥରି ଉଠିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଥିଲା। ଉକ୍ତ ଘରେ ଭଡ଼ାରେ ରହୁଥିବା ପରିବାର ଲୋକେ ଭୂମିକମ୍ପ ହୋଇଥିବା ଭାବି ଭୟରେ ଚିତ୍କାର କରି ବାହାରକୁ ବାହାରି ଆସିଥିଲେ। ଘଟଣା ସମ୍ପର୍କରେ ଘର ମାଲିକ ଶିବ ନାୟକ ଖବର ପାଇ ସେଠାରେ ପହଞ୍ଚିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିନିଷପତ୍ର ବାହାରକୁ ବାହାର କରିଥିଲେ। ଏଥିସହ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ସ୍ଥିତିର ଯାଞ୍ଚ କରିବା ସହ ସମ୍ପୃକ୍ତ ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଘର ପାଖରେ ବର୍ଷା ପାଣି ଜମି ରହିଥିବାରୁ ଏପରି ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଘରଟି ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଲୋକଙ୍କୁ ସେଠାକୁ ଯିବାକୁ ବାରଣ କରିଛି ପୋଲିସ।



ଶିଶୁଭବନ ଛକରୁ ଏୟାରପୋର୍ଟ ରାସ୍ତା।







ସତ୍ୟନଗରରେ ରହୁଥିବା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ଘରେ ଡ୍ରେନ୍ ଓ ବର୍ଷା ପାଣି ପଶିଯାଇଛି। ୟୁନିଟ୍‌-୯ ଭଗବତୀ କଲୋନୀ।

### ସମାଲୋଚନା କଲେ ଅପରାଜିତା

ରାଜଧାନୀ ଭୁବନେଶ୍ୱରର ଜଳାର୍ଣ୍ଣବ ଅବସ୍ଥାକୁ ଦେଖି ଏମ୍‌ପି ଅପରାଜିତା ଷଡଙ୍ଗୀ ସମାଲୋଚନା କରିଛନ୍ତି। ୨୧ବର୍ଷର ଶାସନ ପରେ ଏହା କ'ଣ ଆମର ସ୍ମାର୍ଟ ସିଟି ବୋଲି ସେ ଟୁଇଟ୍ କରି ପ୍ରଶ୍ନ କରିଛନ୍ତି। ଭାରତ ସରକାରଙ୍କ ସଂସଦୀୟ ଷ୍ଟାଣ୍ଡିଂ କମିଟି ରାଜ୍ୟ ସରକାରଙ୍କୁ ଡ୍ରେନେଜ୍ ବ୍ୟବସ୍ଥା ସୁଦୃଢ କରିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କହି ସାରିଥିବାବେଳେ ଏହା ଆମର ଉଦାସୀନତା ନା ଅଳସୁଆମି ବୋଲି ସେ ପ୍ରଶ୍ନ କରିଛନ୍ତି।



ଚନ୍ଦ୍ରଶେଖରପୁରର ଏକ ରାସ୍ତା।

ଭୁବନେଶ୍ୱର ରେଳଷ୍ଟେଶନରେ ଜମି ରହିଥିବା ପାଣି।

## ୧୦ଲକ୍ଷ ଟପିଲା ଭୁବନେଶ୍ୱରରେ ଟିକାକରଣ

ଭୁବନେଶ୍ୱର, ୧୨।୯ (ବ୍ୟୁରୋ): ଟିକାକରଣରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ବିଏମ୍‌ସି ପକ୍ଷରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଭୟ ଡୋଜ୍ ଟିକା ଦିଆଯାଇଛି। ରବିବାର ସୁଦ୍ଧା ମୋଟ୍ ୨୨ଲକ୍ଷ ୬୮ହଜାର ୨୪୧ ଡୋଜ କୋଭାକ୍ସିନ୍ ଟିକା ଦିଆଯାଇଛି। ସେଥିମଧ୍ୟରୁ ୧୨ଲକ୍ଷ ୬୪ହଜାର୫୮୦ଜଣ ପ୍ରଥମ ଡୋଜ୍ ନେଇ ସାରିଥିବାବେଳେ ୧୦ଲକ୍ଷ ୩ହଜାର ୬୬୧ଜଣ ଉଭୟ ଡୋଜ ଟିକା ନେଇଛନ୍ତି। ଟିକାକରଣକୁ ଆହୁରି ସହଜ ଓ ସୁଗମ କରିବା ପାଇଁ ଏବେ ବିଏମ୍‌ସି ପକ୍ଷରୁ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ସ୍ଲଟ ବୁକିଂରେ ଟିକା ଦିଆଯାଉଛି। ସେହିପରି ରବିବାରରେ ମଧ ଟିକାକରଣ ହେଉଛି।

## 'ନିଜକୁ ସୁସ୍ଥ ରଖିବା ଏବେ ବଡ଼ ଆହ୍ୱାନ'

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ସତସଙ୍ଗୀ ଜର୍ନାଲିଷ୍ଟ ଫୋରମ ପକ୍ଷରୁ ରବିବାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତ୍‌ସଙ୍ଗ ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। ପ୍ରଥମ ଆଲୋଚକ ଭାବେ ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ମିଶନ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ହେମନ୍ତ ନାୟକ ତଥା ସହ-ପ୍ରତି-ଋତିକ ଯୋଗଦେଇ କହିଲେ, ଈଶ୍ୱରଙ୍କ ପାଖରେ ନିଷ୍କାମ ପ୍ରାର୍ଥନା କରିବାକୁ ହୁଏ। ଆଉ ନିଷ୍କାମ ପ୍ରାର୍ଥନାକୁ ହିଁ ସବୁ ସମୟରେ ଠାକୁର ମଞ୍ଜୁର କରିଥାନ୍ତି। ସେହିପରି ପ୍ରତି-ଋତିକ ତଥା ଚେନ୍ନାଇ ସତ୍‌ସଙ୍ଗ ବିହାରର ମୁଖ୍ୟ ପ୍ରତାପ ଚନ୍ଦ୍ର ଦାସ କହିଲେ, ବର୍ତ୍ତମାନ ମହାମାରୀ କାଳରେ ନିଜକୁ ସୁସ୍ଥ ରଖିବା ସବୁଠାରୁ ବଡ଼ ଆହ୍ୱାନ। ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ସ୍ୱାସ୍ଥ୍ୟ ଓ ସଦାଚାର ସୂତ୍ର ସମସ୍ତେ ନିଷ୍ଠାର ସହ ଅନୁସରଣ କରିବା ଏକାନ୍ତ ପ୍ରୟୋଜନ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା 'ୱିପ୍ରୋ'ର ଗ୍ଲୋବାଲ ହେଡ୍ ସୂର୍ଯ୍ୟପ୍ରକାଶ ମହାପାତ୍ର କହିଲେ, ଜୀବନରେ ଗୁରୁବରଣ ମାଧ୍ୟମରେ ହିଁ ସୁଖଶାନ୍ତି ଲାଭ କରିହୁଏ। ସହ-ପ୍ରତି-ଋତିକ କୃତିକାମ ମହାନ୍ତି ବିନତି ପ୍ରାର୍ଥନା ପରିବେଷଣ କରିଥିବାବେଳେ ଶୁଭ୍ରାଂଶୁ ଭୂଷଣ ସାହୁ, ସିଦ୍ଧାର୍ଥ ରଞ୍ଜନ ଧଳ, ଡା.ପ୍ରଦୀପ୍ତ ମିଶ୍ର ଭକ୍ତିସଙ୍ଗୀତ, ସହ-ପ୍ରତି-ଋତିକ ଚକ୍ରଧାରୀ ନାୟକ ସମାପନୀ ସଙ୍ଗୀତ ଗାନ କରିଥିଲେ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ସହ-ପ୍ରତି-ଋତିକ ଗୋପୀନାଥ ତ୍ରିପାଠୀ, ଅଭୟ ପରି ଓ ଉମାକାନ୍ତ ସାହୁ ପରିଚାଳନା ଏବଂ ସାମ୍ବାଦିକ ବୀରଭଦ୍ର ବିଶ୍ୱାଳ ସଂଯୋଜନା କରିଥିଲେ।

## ସହରାଞ୍ଚଳ ବିକାଶରେ ମିଶନ ଶକ୍ତି ସହଭାଗିତା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ସହଭାଗିତା ଯୋଗୁ ବର୍ତ୍ତମାନ ରାଜ୍ୟରେ ମହିଳା ଗୋଷ୍ଠୀ ଏବଂ ମହିଳା ନେତୃତ୍ୱାଧୀନ ସହରାଞ୍ଚଳ ବିକାଶ ମଡେଲ ଆଗକୁ ବଢ଼ିଛି। ଏହି ମଡେଲ ୧୬,୦୦୦ରୁ ଅଧିକ ମିଶନ୍ ଶକ୍ତି ମହିଳା ଏବଂ ଅନ୍ୟାନ୍ୟ ଗୋଷ୍ଠୀକୁ ସଶକ୍ତ ଓ ଆତ୍ମନିର୍ଭର କରିପାରିଛି। ମହିଳା ଗୋଷ୍ଠୀଗୁଡ଼ିକ ବର୍ତ୍ତମାନ ସେବା ବିତରଣରେ ଏବଂ ସହରୀ ବିକାଶ କାର୍ଯ୍ୟକ୍ରମରେ ଅଂଶୀଦାର ଭାବେ କାର୍ଯ୍ୟ କରୁଛନ୍ତି। କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ଯୋଗାଣଠାରୁ ରିହାତିଯୁକ୍ତ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଜୀବିକା ନିର୍ବାହ ପର୍ଯ୍ୟନ୍ତ ସବୁଥିରେ ଏମାନଙ୍କ ଯୋଗଦାନ ରହୁଥିବା ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ମନ୍ତ୍ରୀ ଜେନା ସହରାଞ୍ଚଳ ବିକାଶ ମଡେଲ କାର୍ଯ୍ୟର ସମୀକ୍ଷା କରି ରବିବାର କହିଛନ୍ତି, ମିଶନ୍ ଶକ୍ତି ମହିଳା ଏସ୍‌ଏଚ୍‌ଜି ମାଧ୍ୟମରେ ସହରୀ ସେବା ବିତରଣରେ ଗୋଷ୍ଠୀ ଯୋଗଦାନ ବର୍ତ୍ତମାନ ଏକ ଅଣ-ବୁଝାମଣାକାରୀ ଏଜେଣ୍ଡା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ଗୋଷ୍ଠୀର ପଦକ୍ଷେପ, ମହିଳାଙ୍କ ସାମାଜିକ-ଅର୍ଥନୈତିକ ସଶକ୍ତୀକରଣ ଏବଂ ଏକ ଦୃଢ଼ ଅର୍ଥନୀତି ପାଇଁ ଉଦ୍ୟୋଗ ବିକାଶ ଲାଗି ଆଗେଇ ଆସିଛି ବୋଲି ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ୧୩, ୫୦୦ରୁ ଅଧିକ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକ ବର୍ତ୍ତମାନ ସହରୀ ରୋଜଗାର ସୃଷ୍ଟିକାରୀ ଯୋଜନା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) କାର୍ଯ୍ୟକାରୀ କରିବାରେ ସହଭାଗୀ ତଥା କାର୍ଯ୍ୟକାରୀ ସଂସ୍ଥା ଭାବେ ନିୟୋଜିତ ଅଛନ୍ତି। ମହିଳା ଏସ୍‌ଏଚ୍‌ଜି ପାଇଁ ଏହି ସ୍କିମ୍ ଏକ ଟ୍ରେଲର ; ଯେଉଁଠାରେ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘ ମାଧ୍ୟମରେ କାର୍ଯ୍ୟକାରୀ ଏଜେନ୍ସି ଭାବେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ସିଧାସଳଖ କାର୍ଯ୍ୟକାରୀ ହେଉଛି। ଗତ ୧୫ ମାସରେ ରାଜ୍ୟର ୧୧୪ ପୌରାଞ୍ଚଳ ମଧ୍ୟରେ ସହର ସୌନ୍ଦର୍ଯ୍ୟକରଣ ଏବଂ ଖୋଲା ସ୍ଥାନର ବିକାଶ ଭଳି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିକଟରେ ସାରା ରାଜ୍ୟରେ ୧୦ ହଜାର ବର୍ଷା ଜଳ ଅମଳ ସରଞ୍ଜନା ସୃଷ୍ଟି କରିବାରେ ଏସ୍‌ଏଚ୍‌ଜିଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୩୫ଟି ଗୋଷ୍ଠୀ ବର୍ତ୍ତମାନ ୩୪ଟି ନୂତନ କାରଖାନା ପରିଚାଳନା ପାଇଁ ତାଲିମପ୍ରାପ୍ତ ହୋଇଛନ୍ତି। ଏସ୍‌ଏଚ୍‌ଜିଗୁଡ଼ିକ ସମଗ୍ର ରାଜ୍ୟରେ ୧୫୦ରୁ ଅଧିକ ଗୋଷ୍ଠୀ ଏବଂ ସାଧାରଣ ଶୌଚାଳୟ ପରିଚାଳନା କରୁଛନ୍ତି। ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି (ସୁଡା) ନିୟମିତ ଭାବେ ଗୋଷ୍ଠୀଗୁଡ଼ିକ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିଥାଏ ବୋଲି ମନ୍ତ୍ରୀ ଜେନା କହିଛନ୍ତି।



# ସୁସ୍ଥ ରହିବ ଦାନ୍ତ

ବୟସ ବଢ଼ିବା ସହିତ ଆମେ କେତେକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଶରୀରର ଅନ୍ୟତମ ମୁଖ୍ୟ ଅଙ୍ଗ ଦାନ୍ତକୁ ସୁସ୍ଥ ତଥା ଦୃଢ଼ ରଖିବା ଦରକାର। ସେ ସମ୍ପର୍କରେ ଆସନ୍ତୁ ଜାଣିବା କିଛି ସହଜ ତଥା ସରଳ ଉପାୟ...

➤ ଦିନକୁ ଅତିକମ୍‌ରେ ଦୁଇ ଥର ବ୍ରସ୍ କରିବା ଆବଶ୍ୟକ। ଅଧିକାଂଶ ଲୋକ ରାତିରେ ଶୋଇବା ପୂର୍ବରୁ ବ୍ରସ୍ କରନ୍ତି ନାହିଁ। ତେଣୁ ରାତିରେ ବେଡ୍‌କୁ ଯିବା ପୂର୍ବରୁ ବ୍ରସ୍ କରିବାକୁ ଭୁଲନ୍ତୁ ନାହିଁ।

➤ ଦାନ୍ତର ସୁରକ୍ଷା ପାଇଁ ଆମକୁ ବ୍ରସ୍ କରିବାର ପ୍ରଣାଳୀକୁ ମଧ୍ୟ ଜାଣିବାକୁ ହେବ। ଅତିକମ୍‌ରେ ଦୁଇ ମିନିଟ୍ ବ୍ରସ କରନ୍ତୁ। ଆମେ ଏଭଳି ବ୍ରସ୍ କରିବା, ଯେମିତି ବ୍ରସ୍ ଦାନ୍ତର ସବୁ ଭାଗକୁ ଛୁଉଁଥିବ। ଫଳରେ ଖାଇଥିବା ଖାଦ୍ୟର କଳକାଂଶଗୁଡ଼ିକ ସହଜରେ ବାହାରି ପାରିବ।

➤ ଫ୍ଲୋରାଇଡ୍‌ଯୁକ୍ତ ଟୁଥ୍‌ପେଷ୍ଟକୁ ବ୍ୟବହାର କରିବା ନିହାତି ଦରକାର।

➤ ବ୍ରସ୍ କରିବା, ଜିଭକୁ ପରିଷ୍କାର ରଖିବା ସହ ଭଲ ଭାବରେ କୁଳି କରିବା ମଧ୍ୟ ନିହାତି ଜରୁରୀ।

➤ସାଧାରଣତଃ ଯୁବକ ଓ ବୟସ୍କମାନେ, ଯେଉଁମାନେ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଥାଆନ୍ତି, ସେମାନଙ୍କୁ କୁଳି କରିବା କଷ୍ଟ ହୋଇଥାଏ। ତେଣୁ ସେମାନେ ଏହାର ବିକଳ୍ପ ଭାବେ କୁଳି କରିବା ଟୁଲ୍‌କୁ ବ୍ୟବହାର କରିବା ଆବଶ୍ୟକ।

➤ ଦାନ୍ତକୁ ସୁସ୍ଥ ତଥା ଦୃଢ଼ ରଖିବାକୁ ହେଲେ ଆମକୁ ଖାଦ୍ୟ ପ୍ରତି ମଧ ସଚେତନ ରହିବାକୁ ହେବ । ଯାହା ଖାଇବା ଉପଯୋଗୀ, ଅର୍ଥାତ୍ ଯାହାକୁ ଖାଇବା ଦ୍ୱାରା ଦାନ୍ତ ଦୃଢ଼ ରହିବ ସେପରି ଖାଦ୍ୟ ଖାଆନ୍ତୁ।

➤ ମିଠାଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ, ତାହା ଦାନ୍ତ ପାଇଁ ସେତେ ଭଲ।

➤ ଯଦି ଦାନ୍ତଜନିତ କୌଣସି ସମସ୍ୟାର ଲକ୍ଷଣ ବିଷୟରେ ଜାଣିପାରିଲେ ତେବେ ଦନ୍ତ ବିଶେଷଜ୍ଞଙ୍କ ସହ ତୁରନ୍ତ ପରାମର୍ଶ କରନ୍ତୁ।



# ମଣ୍ଟ୍ରିଲ ପ୍ରୋଟୋକଲ୍ ଓ ବିଶ୍ୱତାପନ ବୃଦ୍ଧି



ଇଂ. ମାୟାଧର ସ୍ୱାଇଁ

"୧୯୭୦ ଓ ୧୯୮୦ ଦଶକରେ ଜଣାଗଲା ଯେ, ଓଜୋନ୍ ସ୍ତରର ସ୍ୱଚ୍ଛତା ହ୍ରାସପାଉଛି । ଆଣ୍ଟାର୍କଟିକା ଉପରେ ଏହା ଏତେ ପରିମାଣରେ କମିଗଲା ଯେ, ସେଠାରେ ଓଜୋନ୍ ଗର୍ତ୍ତ ସୃଷ୍ଟି ହୋଇଥିବାର କୁହାଗଲା। ମାନବ ସମାଜ ବ୍ୟବହାର କରୁଥିବା କେତେକ ରାସାୟନିକ ପଦାର୍ଥରୁ କ୍ଲୋରିନ୍, ବ୍ରୋମିନ୍ ଆଦି ନିର୍ଗତ ହୋଇ ତାହା ଓଜୋନ୍‌କୁ କ୍ଷୟ କରି ଦେଇଥାଏ ।"

ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିୟରରେ ଭୂପୃଷ୍ଠରୁ ୨୦କି.ମିରୁ ୩୫କି.ମି ଉଚ୍ଚତା ମଧ୍ୟରେ ଓଜୋନ୍ ସ୍ତର ଅଛି । ବାୟୁମଣ୍ଡଳର ମୋଟ ଓଜୋନର ୯୦ ପ୍ରତିଶତ ଓଜୋନ୍ ଏଠିାରେ ହିଁ ଅଛି । ଓଜୋନ୍ ସୂର୍ଯ୍ୟକିରଣର 'ଅତିବାଇଗଣି ରଶ୍ମି-ଖ'କୁ ଶୋଷଣ କରିଦିଏ । ଫଳରେ ତାହା ପୃଥିବୀ ପୃଷ୍ଠରେ ପହଞ୍ଚିପାରେ ନାହିଁ। ଅତିବାଇଗଣି ରଶ୍ମି-ଖ ଅଧିକ ପରିମାଣରେ ପୃଥିବୀରେ ପ୍ରବେଶ କଲେ ଚର୍ମ କର୍କଟ ରୋଗ ଓ ଚକ୍ଷୁ ରୋଗ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଦିଏ। ଓଜୋନ୍ ସ୍ତର ଏହି ରଶ୍ମିକୁ ପୃଥିବୀକୁ ଆସିବାକୁ ନ ଦେଇ ଆମର ରକ୍ଷାକବଚ ଭାବେ କାର୍ଯ୍ୟ କରୁଛି ।

୧୯୭୦ ଓ ୧୯୮୦ ଦଶକରେ ଜଣାଗଲା ଯେ, ଓଜୋନ୍ ସ୍ତରର ସ୍ୱଚ୍ଛତା ହ୍ରାସ ପାଉଛି । ଆଣ୍ଟାର୍କଟିକା ଉପରେ ଏହା ଏତେ ପରିମାଣରେ କମିଗଲା ଯେ, ସେଠାରେ ଓଜୋନ୍ ଗର୍ତ୍ତ ସୃଷ୍ଟି ହୋଇଥିବାର କୁହାଗଲା। ମାନବ ସମାଜ ବ୍ୟବହାର କରୁଥିବା କେତେକ ରାସାୟନିକ ପଦାର୍ଥରୁ କ୍ଲୋରିନ୍, ବ୍ରୋମିନ୍ ଆଦି ନିର୍ଗତ ହୋଇ ତାହା ଓଜୋନ୍‌କୁ କ୍ଷୟ କରି ଦେଇଥାଏ । ଏହିସବୁ ପଦାର୍ଥ ମଧ୍ୟରେ କ୍ଲୋରୋଫ୍ଲୋରୋକାର୍ବନ (ସିଏଫ୍‌ସି), ହାଲୋନ୍, ମିଥାଇଲ୍ ବ୍ରୋମାଇଡ୍, କାର୍ବନ ଟେଟ୍ରାକ୍ଲୋରାଇଡ୍, ମିଥାଇଲ୍ କ୍ଲୋରୋଫର୍ମ, ହାଇଡ୍ରୋ କ୍ଲୋରୋଫ୍ଲୋରୋକାର୍ବନ ଆଦି ହେଉଛି ପ୍ରଧାନ। ଏ ସବୁ ରେଫ୍ରିଜିରେଟ, ଅଗ୍ନି ନିର୍ବାପକ ଯନ୍ତ୍ର, ଫୋମ୍, ଏରୋଜଲ୍, କୀଟନାଶକ ଔଷଧ ଆଦିରେ ବ୍ୟବହୃତ ହେଉଥିଲା । ଏଗୁଡ଼ିକ ମଧ୍ୟରେ ସି.ଏଫ୍.ସି ଅଧିକ କ୍ଷତିକାରକ ଥିଲା ।

୧୯୮୭ ମସିହାରେ କାନାଡ଼ାର ମଣ୍ଟ୍ରିଲ୍‌ଠାରେ ବିଭିନ୍ନ ଦେଶର ପ୍ରତିନିଧିମାନଙ୍କର ସମ୍ମିଳନୀ ହୋଇ ଓଜୋନ୍ କ୍ଷୟକାରୀ ପଦାର୍ଥଗୁଡ଼ିକରେ ଉତ୍ପାଦନ ଓ ବ୍ୟବହାରକୁ କ୍ରମଶଃ ହ୍ରାସ କରି ୨୦୧୦ ମସିହାରେ ଏହା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଠାରେ ହୋଇଥିବା ରାଜିନାମାକୁ 'ମଣ୍ଟ୍ରିଲ ପ୍ରୋଟୋକଲ୍' କୁହାଗଲା ଏବଂ ଏହା ସେହି ବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖରେ ସ୍ୱାକ୍ଷରିତ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ୍ ଦିବସ' ଭାବେ ପାଳନ କରାଯାଉଛି। ସୁଖର କଥା, ପ୍ରତ୍ୟେକ ଦେଶ ଏହି ପ୍ରୋଟୋକଲ୍ ଅନୁଯାୟୀ ପଦକ୍ଷେପ ନେଇ ଓଜୋନ୍ କ୍ଷୟକାରୀ ପଦାର୍ଥଗୁଡ଼ିକର ଉତ୍ପାଦନ ଓ ବ୍ୟବହାର ବନ୍ଦ କରି ଦେଇଛନ୍ତି। ଏଣୁ ମଣ୍ଟ୍ରିଲ ପ୍ରୋଟୋକଲ୍‌କୁ ଏକ ସଫଳ ଅନ୍ତର୍ଜାତୀୟ ସହଯୋଗର ନିଦର୍ଶନ ଭାବେ କୁହାଯାଇଛି।

ମଣ୍ଟ୍ରିଲ ପ୍ରୋଟୋକଲ୍ ଯୋଗୁ ଓଜୋନ୍ ସ୍ତର ତାହାର ପୂର୍ବାବସ୍ଥାକୁ ଫେରିଆସୁଛି। ଏହି ପ୍ରୋଟୋକଲ ପରୋକ୍ଷ ଭାବେ ଅନ୍ୟ ଏକ ପାରିବେଶିକ ସମସ୍ୟା ସମାଧାନରେ ମଧ୍ୟ ସାହାଯ୍ୟ କରିଛି। ତାହା ହେଉଛି ବିଶ୍ୱତାପନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ। ଏଥିପାଇଁ କେତେଗୁଡ଼ିଏ ସବୁଜଗୃହ ଗ୍ୟାସ୍ ହେଉଛି ଦାୟୀ। ଏହି ଗ୍ୟାସ୍‌ଗୁଡ଼ିକ ମଧ୍ୟରେ କେତେଗୁଡ଼ିଏ ଓଜୋନ୍ କ୍ଷୟକାରୀ ଗ୍ୟାସ୍ ମଧ ରହିଛି। କିନ୍ତୁ ମଣ୍ଟ୍ରିଲ ପ୍ରୋଟୋକଲ୍‌ରେ ସେହି ଗ୍ୟାସ୍‌ଗୁଡ଼ିକର ଉତ୍ପାଦନ ଓ ବ୍ୟବହାର ବନ୍ଦ ହୋଇଯିବା ଫଳରେ ବିଶ୍ୱତାପନ ବୃଦ୍ଧି କିଛି ପରିମାଣରେ ହ୍ରାସ ପାଇଛି। ଜଣାଯାଇଛି ଯେ, ଯଦି ମଣ୍ଟ୍ରିଲ ପ୍ରୋଟୋକଲ୍‌ରେ ଏହି ଗ୍ୟାସ୍‌ଗୁଡ଼ିକୁ ନିଷିଦ୍ଧ କରାଯାଇନଥା'ନ୍ତା, ତା'ହେଲେ ଏହି ଶତାବ୍ଦୀର ଶେଷ ସୁଦ୍ଧା ଅଙ୍ଗାରକାମ୍ଳ ଯୋଗୁ ଯେତିକି ତାପମାତ୍ରା ବୃଦ୍ଧି ପାଇବ, ତା'ଠାରୁ ଅଧିକ ୨୫° ସେଲ୍‌ସିଅସ୍ ବୃଦ୍ଧି ପାଇଥାଆନ୍ତା। ପ୍ୟାରିସ୍ ରାଜିନାମା ଅନୁଯାୟୀ ପୃଥିବୀର ତାପମାତ୍ରା ବୃଦ୍ଧିକୁ ପ୍ରାକ୍-ଶିଳ୍ପ ସଭ୍ୟତା ତାପମାତ୍ରାଠାରୁ ସର୍ବାଧିକ ୧.୫° ସେଲ୍‌ସିୟସ୍ ମଧ୍ୟରେ ରଖିବା ପାଇଁ ସମସ୍ତ ଦେଶ ରାଜି ହୋଇଛନ୍ତି । ଏଥିପାଇଁ ପ୍ରତ୍ୟେକ ଦେଶ ନିଜ ନିଜର କାର୍ବନ ଉତ୍ସର୍ଜନକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଏତେ ସବୁ ସତ୍ତ୍ୱେ ଯଦି ମଣ୍ଟ୍ରିଲ ପ୍ରୋଟୋକଲ୍ ନ ଥାଆନ୍ତା, ତାହାହେଲେ ତାପମାତ୍ରା ୪° ସେଲ୍‌ସିୟସ୍ ବୃଦ୍ଧି ପାଇଥାଆନ୍ତା। ଜଣାଯାଇଛି ଯେ, ନିଷେଧ କରାଯାଇଥିବା ସିଏଫ୍‌ସି ଯୋଗୁ କେବଳ ୧.୫° ସେଲ୍‌ସିୟସ୍ ତାପମାତ୍ରା ବୃଦ୍ଧି ହୋଇଥାଆନ୍ତା। ସିଏଫ୍‌ସିର ତାପ ଆହରଣ କ୍ଷମତା ହେଉଛି ଅଙ୍ଗାରକାମ୍ଳର ଦଶ ହଜାର ଗୁଣ।

କେବଳ ସେତିକି ନୁହେଁ, ମଣ୍ଟ୍ରିଲ୍ ପ୍ରୋଟୋକଲ୍ ହୋଇ ନ ଥିଲେ, ଓଜୋନ୍ ସ୍ତର ଅଧିକ ହ୍ରାସ ହୋଇଥାଆନ୍ତା ଏବଂ ଭୂପୃଷ୍ଠକୁ ଅଧିକ ପରିମାଣର ଅତି ବାଇଗଣୀ ରଶ୍ମି-ଖ ଆସିଥାଆନ୍ତା। ଏହି ରଶ୍ମି ଉଦ୍ଭିଦ ଜଗତର ବୃଦ୍ଧିରେ ବାଧା ପହଞ୍ଚାଇଥାଏ। ପୃଥିବୀର ଉଦ୍ଭିଦ ଜଗତ ମନୁଷ୍ୟ ନିର୍ଗତ କରୁଥିବା ମୋଟ ଅଙ୍ଗାରକାମ୍ଳର ପ୍ରାୟ ୨୫% ଅବଶୋଷଣ କରିଥାଏ । ଏଣୁ ଅତି ବାଇଗଣୀ ରଶ୍ମି-ଖ ପ୍ରଭାବରେ ଉଦ୍ଭିଦ ଜଗତର ଅଙ୍ଗାରକାମ୍ଳ କ୍ଷମତା ହ୍ରାସ ପାଇଥାଆନ୍ତା, ଯାହା ବିଶ୍ୱତାପନ ବୃଦ୍ଧି କରିଥାଆନ୍ତା । ଇଂଲଣ୍ଡର ଲାଙ୍କାଷ୍ଟର୍ ବିଶ୍ୱବିଦ୍ୟାଳୟର ଗବେଷକ ପଲ୍ ୟଙ୍ଗ୍ ଓ ତାଙ୍କ ସହଯୋଗୀମାନେ ଏକ ମଡେଲ୍ ମାଧ୍ୟମରେ ଉପସ୍ଥାପନା କରିଛନ୍ତି ଯେ, ମଣ୍ଟ୍ରିଲ୍ ପ୍ରୋଟୋକଲ୍ ହୋଇ ନ ଥିଲେ, ସିଏଫ୍‌ସିର ବ୍ୟବହାର ଯୋଗୁ ୨୦୫୦ ମସିହା ସୁଦ୍ଧା ଓଜୋନ୍ ସ୍ତର ଭାଙ୍ଗି ଯାଇଥାଆନ୍ତା ଏବଂ ଫଳରେ ଅଧିକ ଅତି ବାଇଗଣୀ ରଶ୍ମି-ଖ ଆସି ଉଦ୍ଭିଦ ଜଗତ ଉପରେ ଏଭଳି ପ୍ରଭାବ ପକାଇଥା'ନ୍ତା ଯେ ୨୧୦୦ ମସିହା ବେଳକୁ ଉଦ୍ଭିଦ ଜଗତ ୨୦୦୦ ବିଲିୟନ୍ ଟନ୍ କମ୍ ଅଙ୍ଗାରକାମ୍ଳ ଅବଶୋଷଣ କରିଥାଆନ୍ତା। ଏହାଫଳରେ ବିଶ୍ୱତାପନ ୪° ସେଲ୍‌ସିୟସ୍ ବୃଦ୍ଧି ପାଇଥାଆନ୍ତା।

ମଣ୍ଟ୍ରିଲ୍ ପ୍ରୋଟୋକଲ୍‌କୁ ଯେଭଳି ଭାବେ ପ୍ରତ୍ୟେକ ଦେଶ ସୁଚାର ରୂପେ ପାଳନ କରି ଏହାକୁ ଏକ ସଫଳ ଅନ୍ତର୍ଜାତୀୟ ସହଯୋଗ ଭାବେ ଉପସ୍ଥାପନ କଲେ, ସେହିଭଳି ଭାବେ ସବୁ ଦେଶ ପ୍ୟାରିସ୍ ରାଜିନାମାକୁ ପାଳନ କଲେ ବିଶ୍ୱ ଏକ ବଡ଼ ସଙ୍କଟରୁ ରକ୍ଷା ପାଇପାରନ୍ତା ।

– ୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪







# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଶାଗ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ପୃଥିବୀ ସୃଷ୍ଟି ସମୟରୁ ମନୁଷ୍ୟ ପ୍ରକୃତିଜାତ ଦ୍ରବ୍ୟ ଉପରେ ନିର୍ଭର କରି ବଞ୍ଚି ଆସୁଛି । ପ୍ରକୃତିଦତ୍ତ ପାଣି, ପବନ, ବୃକ୍ଷଲତା, ଜୀବଜନ୍ତୁ ଆଦିଙ୍କ ସହ ଓତପ୍ରୋତ ଭାବେ ଜଡ଼ିତ ରହି ପ୍ରକୃତିର ଭାରସାମ୍ୟ ରକ୍ଷାକରି ଚଳିଆସୁଛି ମାନବ ସମାଜ।

ଆମ ଦେଶର ଆୟୁର୍ବେଦ ବିଶାରଦ ଚରକ, ଶୁଶ୍ରୁତ, ବାଗଭଟ ପ୍ରମୁଖଙ୍କ ରଚିତ ବିଭିନ୍ନ ପ୍ରାଚୀନ ଚିକିତ୍ସା ସଂହିତାରେ ପୃଥକ୍ ପୃଥକ୍ ବୃକ୍ଷଲତାର ପତ୍ର ଓ ଶାଗକୁ କଞ୍ଚା ଓ ସିଝାଇ କରି ଖାଦ୍ୟ ରୂପେ ଖାଇବା ଦ୍ୱାରା ମନୁଷ୍ୟ ଶରୀରରେ ବିଭିନ୍ନ ଔଷଧୀୟ ଗୁଣ ଓ ଜୀବନୀୟ ଶକ୍ତି ଶରୀର ଭିତରକୁ ପ୍ରବେଶ କରିଥାଏ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

ଆଜିକାଲି କେତେକ ଦେଶୀୟ ପାରମ୍ପରିକ ଖାଦ୍ୟ ସାମଗ୍ରୀକୁ ଗୌଣ କରି ଫାଷ୍ଟ ଫୁଡ୍, ପିଜ୍ଜା, ବର୍ଗର ଆଦି ପାଶ୍ଚାତ୍ୟ ରାଷ୍ଟ୍ରର ଖାଦ୍ୟକୁ ଆପଣେଇବାର ଦେଖିବାକୁ ମିଳୁଛି। ବିଭିନ୍ନ ପ୍ରକାର ଶାଗରେ ଭିନ୍ନ ଭିନ୍ନ ମୁଖ୍ୟତଃ ଭିଟାମିନ୍-ସି, ଶ୍ୱେତ ରକ୍ତକଣିକା ଓ ବିଭିନ୍ନ ଭିଟାମିନ୍ ନିତାନ୍ତ ଜରୁରୀ, ଯାହାକି ଆମ ଶରୀରରେ ବିଭିନ୍ନ ଜୀବାଣୁ, ଭୂତାଣୁ ଆଦି ସଂକ୍ରମଣକୁ ପ୍ରତିରୋଧ କରିଥାଏ। ତା'ସହ ବିଭିନ୍ନ ରୋଗକୁ ପ୍ରତିହତ କରି ଶରୀରକୁ ସୁସ୍ଥ ତଥା ଦୀର୍ଘାୟୁ ନିମନ୍ତେ ସହାୟକ ହୋଇଥାଏ । ଯେପରିକି ସଜନା ଶାଗ ଖାଦ୍ୟ ରୂପେ ଖାଇବା ଦ୍ୱାରା ଶରୀରରେ ଉଚ୍ଚ ରକ୍ତଚାପ ହ୍ରାସ ପାଇ ସ୍ୱାଭାବିକ ଅବସ୍ଥାକୁ ଆସିଥାଏ। ପୋଦିନା ପତ୍ର ଓ ଧନିଆପତ୍ରକୁ ବାଟି ଖାଇବା ଦ୍ୱାରା ଖାଦ୍ୟ ସୁଚାରୁ ରୂପେ ହଜମ ହୋଇଥାଏ। ନିମ୍ବପତ୍ରକୁ ବାଟି ଖାଇବା ଦ୍ୱାରା ମଧୁମେହ



ଭିଟାମିନ୍ ରହିଥିବାରୁ ଶରୀରରେ ଏହା ବିଭିନ୍ନ ରୋଗକୁ ନିୟନ୍ତ୍ରିତ କରି ଶରୀରକୁ ସୁସ୍ଥ ରଖିଥାଏ। ତେଣୁ ବିଭିନ୍ନ ପ୍ରକାର ଶାଗ ଖାଦ୍ୟ ରୂପେ ଖାଇବାର ଆବଶ୍ୟକତା ରହିଛି।

ସଜନା, ସୁନୁସୁନିଆ, ଆଟିକା ପୋଡ଼ି, କଳମ୍ବ ଶାଗ, କୋଶଳା, ଖଡ଼ା, ପୋଇ, ଡାଲି ଶାଗ, ଅଗସ୍ତି, ସାରୁପତ୍ର, ସୋରିଷ, ମେଥି, ମୂଳା, ବନ୍ଧାକୋବି, ଫୁଲକୋବି ପତ୍ର, ଗଣ୍ଠିକୋବି ପତ୍ର ଆଦି ଶାଗକୁ ସିଝାଇ ଖିଆଯାଉଥିବା ବେଳେ ପୋଦିନା ପତ୍ର, ଧନିଆପତ୍ର, ନିମ୍ବପତ୍ର ଆଦିକୁ ବାଟି ଖିଆଯାଇଥାଏ। ବିଭିନ୍ନ ପ୍ରକାର ଶାଗରେ ଭିନ୍ନ ଭିନ୍ନ ଭାବେ ଭିଟାମିନ୍- ଏ, ବି, ସି ଏବଂ କେ, ମ୍ୟାଗ୍ନେସିୟମ, ଜିଙ୍କ୍, କପର, ପ୍ରୋଟିନ୍, ଆମିନୋ ଏସିଡ୍, ପୁଷ୍ଟିସାର ଆଦି ଜୀବନୀୟ ଶକ୍ତି ସଂଯୁକ୍ତ ହୋଇ ରହିଛି। ଚିକିତ୍ସା ଶାସ୍ତ୍ର ମତ ଅନୁସାରେ ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ତଥା ବିଭିନ୍ନ ଚର୍ମ ରୋଗ ଦୂର ହୋଇଥାଏ। ବ୍ରାହ୍ମୀ ପତ୍ରକୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ। ସୁନୁସୁନିଆ ଶାଗ ଖାଇବା ଦ୍ୱାରା ଭଲ ନିଦ୍ରା ହେବା ସହ ମାନସିକ ଅବସାଦ ଦୂର ହୋଇଥାଏ।

ଶାଗ ଜାତୀୟ ଖାଦ୍ୟ ତଥା ବିଭିନ୍ନ ପତ୍ରକୁ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ, ରକ୍ତକଣିକା ପ୍ରଭୃତି ଏବଂ ହିମୋଗ୍ଲୋବିନର ମାତ୍ରା ଶରୀରରେ ବୃଦ୍ଧି ପାଇବା ସହ ନୂତନ କୋଷ ନିର୍ମାଣରେ ସହାୟକ ହୋଇଥାଏ। ତା'ସହ ଶରୀର ସୁସ୍ଥ, ସତେଜ ଓ ନୀରୋଗ ରହିଥାଏ। ବର୍ତ୍ତମାନ କରୋନା ତାହାର କାୟା ବିସ୍ତାର କରି ରଖିଛି। ତେଣୁ ଆମେ ନିଜ ରୋଗ ପ୍ରତିରୋଧକ ଶକ୍ତି ପ୍ରତି ସଚେତନ ରହିବା ଜରୁରୀ। ଏହାକୁ ବୃଦ୍ଧି କରିବା ପାଇଁ ଆମେ ଖାଦ୍ୟ ସହ ଭିନ୍ନ ଭିନ୍ନ ଶାଗଜାତୀୟ ଖାଦ୍ୟ ଖାଇବା ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

# ସ୍ୱାସ୍ଥ୍ୟ ସୂଚନା

➔ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଖାଦ୍ୟ ଖାଇବା ଏବଂ ପାଣି ପିଇବା ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ।

➔ଯଦି ଆପଣ ଗ୍ୟାଷ୍ଟ୍ରିକ୍ ସମସ୍ୟା ସହ ଜଡ଼ିତ, ତେବେ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➔ଯଦି କୌଣସି ଔଷଧ ଉପରେ ନିଜର ଭଲ ଜ୍ଞାନ ରହିଛି, ତେବେ ସେ ନେଇ ଅନ୍ୟକୁ ପରାମର୍ଶ ଦେଇପାରନ୍ତି। ହେଲେ ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରି ଔଷଧ ଖାଇବା ହିଁ ଠିକ୍।

➔କୌଣସି ରୋଗର କାରଣ ବିଷୟରେ ଅବଗତ ହେବା ପରେ ତାହାକୁ ଅବହେଳା କରନ୍ତୁ ନାହିଁ। ହୁଏତ ଭବିଷ୍ୟତରେ ଏପରି ସମୟ ଆସିବ, ଯେତେବେଳେ ରୋଗଟି ଗୁରୁତର ଆକାର ଧାରଣ କରିସାରିଥିବ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

➔ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ।



# ଦୃଷ୍ଟିଶକ୍ତିକୁ ତୀକ୍ଷ୍ଣ କରେ ସେଓ ଚୋପା

ସେଓ ଚୋପାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରିହଛି। ଏହାକୁ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ତୀକ୍ଷ୍ଣ କରିବାରେ ସହାୟକ ହୋଇଥାଏ। ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ 'ସେଓ ଚୋପା ଓ ଦୃଷ୍ଟିଶକ୍ତି' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରିଥିଲେ। ଯେଉଁମାନେ ପ୍ରାୟ ନିୟମିତ ସେଓ ଚୋପା ଖାଉଥିଲେ ସେମାଙ୍କର ଦୃଷ୍ଟିଶକ୍ତି ପୂର୍ବାପେକ୍ଷା ଅନେକାଂଶରେ ତୀକ୍ଷ୍ଣ ହେଉଥିବାର ସମ୍ପୃକ୍ତ ୟୁନିଭର୍ସିଟିର ବିଶେଷଜ୍ଞ ମାନେ ଦେଖିବାକୁ ପାଇଥିଲେ। ଏହା ମଧ୍ୟ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।



# କଥାବାର୍ତ୍ତା ଶୈଳୀ ବଢ଼ାଏ ଆତ୍ମବିଶ୍ୱାସ

ଆତ୍ମବିଶ୍ୱାସ ଦୃଢ଼ ରହିଲେ ଆମେ ନିଜର କାମକୁ ସୁଚାରୁ ରୂପେ ସମ୍ପାଦନ କରିପାରିଥାଉ। ହେଲେ କାମଟି ନିଜ ସାମର୍ଥ୍ୟ ମୁତାବକ ହେବା ଦରକାର। ତେବେ ଆତ୍ମବିଶ୍ୱାସ ବଢ଼ାଇବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ନିଜର କଥାବାର୍ତ୍ତା ଶୈଳୀ ନମ୍ର, ଭଦ୍ର ହୋଇଥାଏ, ତେବେ ତାହା ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କଥାବାର୍ତ୍ତା ଶୈଳୀ ନିଜର ଆତ୍ମବିଶ୍ୱାସକୁ କେତେ ପ୍ରଭାବିତ କରୁଛି, ତାହା ଜାଣିବା ପାଇଁ ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀ ଭଦ୍ର ତଥା ନମ୍ର ସ୍ୱଭାବର ଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆତ୍ମବିଶ୍ୱାସ ପୂର୍ବାପେକ୍ଷା ଦୃଢ଼ ହେଉଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।



# ଅବସାଦ ଦୂର କରିବା ଲାଗି...

ଅତ୍ୟଧିକ କାମର ଚାପ କିମ୍ବା କେତେକ କାରଣରୁ ଅନେକେ ଡିପ୍ରେସନ ବା ଅବସାଦର ସମ୍ମୁଖୀନ ହୋଇଥାଆନ୍ତି। ପୁଣି କେତେକ ଏପରି ସମସ୍ୟା ସହ ଦୀର୍ଘ ଦିନ ଧରି ଜଡ଼ିତ ଥାଆନ୍ତି। ତେବେ ଏଥିରୁ ମୁକ୍ତି ପାଇବାର ଏକ ସହଜ ଉପାୟ ରହିଛି। ତାହା ହେଲା 'ଡ୍ୟାନ୍ସ ଥେରାପି'। ନିଜର ମନପସନ୍ଦର ଗୀତ ତାଳେ ତାଳେ ନାଚିଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କୁ ଅବସାଦଠାରୁ ଅନେକାଂଶରେ ଦୂରେଇ ରଖିଥାଏ। କେବଳ ସେତିକି ନୁହେଁ, ଏହା ଚିଡ଼ିଚିଡ଼ାପଣରୁ କେତେକାଂଶରେ ମୁକ୍ତି ଦେଇଥାଏ। ଡ୍ୟାନ୍ସ ଥେରାପି କିପରି ଅବସାଦ ଦୂର କରିବାରେ ସହାୟକ ହେଉଛି ସେନେଇ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାକୁ ନିୟମିତ ଭାବରେ ଆପଣେଇ ନେଇଥିବା କେତେକ ବ୍ୟକ୍ତି ନିଜକୁ ଅନେକାଂଶରେ ଅବସାଦଠାରୁ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# କ୍ୱାଲିଫାୟରରୁ ଚାମ୍ପିୟନ ରାଡୁକାନୁ

**ନ୍ୟୁୟର୍କ,୧୨।୯**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ୍‌ରେ ବ୍ରିଟେନର ଏମା ରାଡୁକାନୁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ୧୮ ବର୍ଷୀୟା ରାଡୁକାନୁ ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ କାନାଡାର ଲେଲା ଫର୍ନାଣ୍ଡିଜଙ୍କୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଦୀର୍ଘ ୪୪ ବର୍ଷ ପରେ ସେ ବ୍ରିଟେନର ପ୍ରଥମ ଖେଳାଳି ଭାବେ ମହିଳା ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୭୩ତମ ସ୍ଥାନରେ ଥିବା ୧୯ ବର୍ଷୀୟା ଫର୍ନାଣ୍ଡିଜ୍‌ଙ୍କୁ

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ଏହାପୂର୍ବରୁ ୧୯୭୮ରେ ଭର୍ଜିନିଆ ୱେଡ ବ୍ରିଟେନ ଖେଳାଳିଭାବେ ଶେଷଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ।

ବିଶ୍ୱର ୧୫୦ ନମ୍ବର ଖେଳାଳି ରାଡୁକାନୁ ପ୍ରଥମ କ୍ୱାଲିଫାୟର ଭାବେ ଓପନ ଏରାରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେ ମଧ୍ୟ ସର୍ବକନିଷ୍ଠ ବ୍ରିଟେନ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ରୁଷିଆର ମାରିଆ ସାରାପୋଭାଙ୍କ ପରେ ସେ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୦୪ରେ ୧୭ ବର୍ଷୀୟା ସାରାପୋଭା ସର୍ବକନିଷ୍ଠ ଖେଳାଳିଭାବେ ୱିମ୍ବଲେଡନ ଟାଇଟଲ ହାସଲ କରିଥିଲେ। ସେରେନା ୱିଲିୟମ୍ସଙ୍କ ପରେ କୌଣସି ସେଟ୍ ଡ୍ରପ୍ ନ କରି ସେ ୟୁଏସ ଓପନ ଜିତିଛନ୍ତି। ପୂର୍ବରୁ ସେରେନା ୨୦୧୪ରେ କୌଣସି ସେଟ୍ ଡ୍ରପ୍ ନ କରି ଏହି ସଫଳତା ପାଇଥିଲେ। ସୋମବାର ପ୍ରକାଶିତ ହେବାକୁ ଥିବା ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ରାଡୁକାନୁ ୨୩ଟି ସ୍ଥାନ ଉପରକୁ ଉଠିବେ। ଟାଇଟଲ ଜିତିବା ସହ ସେ ୨.୫ ମିଲିୟନ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ମଧ୍ୟ ହାସଲ କରିବେ।

ବ୍ରିଟେନ ମହାରାଣୀ ଏଲିଜାବେଥ-୨ ରାଡୁକାନୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ମଧ୍ୟ ଚତୁର୍ଥ ଖେଳାଳିଭାବେ ପଦାର୍ପଣରେ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ରାଡୁକାନୁଙ୍କ ପୂର୍ବରୁ ପାମ ସ୍କ୍ରାଇବର ୧୯୭୮ରେ, ଭେନସ ୱିଲିୟମ୍ସ ୧୯୯୭ରେ, ବାଇଆଙ୍କା ଆଣ୍ଡ୍ରେସ୍କୁ ୨୦୧୯ରେ ପଦାର୍ପଣ କରି ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ର୍ୟାଙ୍କର ଦ୍ୱିତୀୟ ଖେଳାଳି ଭାବେ ରାଡୁକାନୁ ୟୁଏସ୍ ଓପନ ଟାଇଟଲ ଜିତିଛନ୍ତି। ତାଙ୍କ ପୂର୍ବରୁ ୨୦୦୯ରେ କିମ୍ କ୍ଲିଷ୍ଟର୍ସ ଏହି ସଫଳତା ପାଇଥିଲେ।

କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଖେଳିଥିବା ରାଡୁକାନୁ କ୍ରମାଗତ ୨୦ଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ଏଥିରେ କ୍ୱାଲିଫାଇଂରେ ୩ ଓ ମୁଖ୍ୟ ଡ୍ର ୬ଟି ମ୍ୟାଚ ସାମିଲ ରହିଛି। ୨୦୧୬ରେ ଆଞ୍ଜେଲିକ କର୍ବରଙ୍କ ପରେ ସେ କୌଣସି ସେଟ୍‌ରେ ନ ହାରି ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିବାରେ ପ୍ରଥମ ମହିଳା ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

୧୯୯୯ ପରେ ପ୍ରଥମଥର ପାଇଁ ଦୁଇ ସ୍ୱଳ୍ପ ବୟସ୍କ ଖେଳାଳି ୟୁଏସ୍ ଓପନ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ରାଡୁକାନୁ ୧୮ ଓ ଫର୍ନାଣ୍ଡିଜ ୧୯ ବର୍ଷରେ ପଦାର୍ପଣ କରିଛନ୍ତି। ଏହାପୂର୍ବରୁ ୧୯୯୯ରେ ୟୁଏସ୍ ଓପନ ଫାଇନାଲରେ ୧୭ ବର୍ଷୀୟା ସେରେନା ୱିଲିୟମ୍ସ ଓ ୧୮ ବର୍ଷୀୟା ମାର୍ଟିନ ହିଙ୍ଗିସ୍ ପରସ୍ପରକୁ ଭେଟିଥିଲେ। ସେତେବେଳେ ହିଙ୍ଗିସଙ୍କୁ ହରାଇ ଭେନସ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ।

ଟାଇଟଲ ଜିତିବା ପରେ ରାଡୁକାନୁ ଖୁସିରେ ଆତ୍ମହରା ହୋଇଥିଲେ ଓ ଏହି ସଫଳତା ଅବିଶ୍ୱସନୀୟ ବୋଲି କହିଥିଲେ। ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ମାତ୍ର ୧୮ ବର୍ଷରେ ପଦାର୍ପଣ କରିଥିବାରୁ ମୋ ଉପରେ ଆଦୌ ଚାପ ନ ଥିଲା ଓ ଏହାର ଫାଇଦା ମଧ୍ୟ ମୋତ ମିଳିଥିଲା। ସବୁବେଳେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ଚାହୁଁଥିଲି। ଏବେ ଏହି ସ୍ୱପ୍ନ ପୂରଣ ହୋଇଛି। ଗତ ଦୁଇ ସପ୍ତାହ ଧରି ଯେଉଁ ଭଳି ଭାବେ ପ୍ରଦର୍ଶନ କରିଛି, ତାକୁ ନେ ମୁଁ ଗର୍ବିତ ବୋଲି ସେ କହିଛନ୍ତି। ରାଡୁକାନୁଙ୍କ ସଫଳତା ମହିଳା ଟେନିସକୁ ନୂଆ ମୋଡରେ ପହଞ୍ଚାଇଛି। ତାଙ୍କର ଏହି ପ୍ରଦର୍ଶନ ପ୍ରଶଂସନୀୟ। ଫାଇନାଲରେ ପରାସ୍ତ ହୋଇଥିବାରୁ ଫର୍ନାଣ୍ଡିଜ ନୈରାଶ୍ୟ ପ୍ରକାଶ କରିଛନ୍ତି। ପ୍ରଥମଥର ପାଇଁ ଅଣସିଡ୍ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚ୍ ଦେଖିବାକୁ ଆର୍ଥର ଆଶ ଷ୍ଟାଡିୟମରେ ୨୩,୭୦୦ ଦର୍ଶକ ଉପସ୍ଥିତ ଥିଲେ। କାନାଡାର ଟରଣ୍ଟୋରେ ଜନ୍ମିତ ରାଡୁକାନୁଙ୍କୁ ଯେତେବେଳେ ୨ ବର୍ଷ ହୋଇଥିଲା ତାଙ୍କ ପରିବାର ଇଂଲଣ୍ଡ ଚାଲିଆସିଥିଲେ। ସେ ୫ ବର୍ଷରୁ ଟେନିସ ଖେଳିବା ଆରମ୍ଭ କରିଥିଲେ।



ଫାଇନାଲରେ ଏକ ପଏଣ୍ଟ ଜିତିବା ଅବସରରେ ଏମା ରାଡୁକାନୁ।

# ରିକାର୍ଡୋ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

**ମୋଞ୍ଜା, ୧୨।୯**

ମ୍ୟାକଲରେନ ଟିମ୍‌ର ଇଟାଲିଆନ ଡ୍ରାଇଭର ଡାନିଏଲ ରିକାର୍ଡୋ ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ନୋରିସଙ୍କଠାରୁ ସେ ୧.୭୪୭ ସେକେଣ୍ଡ ବ୍ୟବଧାନରେ ଆଗରେ ରହିଥିଲେ। ଚାମ୍ପିୟନଶିପ୍ ଲିଡର ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଓ ଗତଥରର ଚାମ୍ପିୟନ ମର୍ସିଡିଜର ଲୁଇସ୍ ହାମିଲଟନ ଦୁର୍ଘଟଣା ଯୋଗୁ ଦୁଇ ଡ୍ରାଇଭର ରେସ୍‌ରୁ ବାଦ୍ ପଡ଼ିଥିଲେ। ୨୦୧୨ ପରେ ମ୍ୟାକଲରେନର ଏହା ହେଉଛି ପ୍ରଥମ ବିଜୟ। ରିକାର୍ଡୋ ପୂର୍ବରୁ ୨୦୧୮ରେ ରେଡ୍‌ବୁଲ୍‌ରୁ ପ୍ରତିନିଧିତ୍ୱ କରିବା ସହ ମୋନାକୋଠାରେ ଟାଇଟଲ ବିଜୟୀ ହୋଇଥିଲେ। ଏହାପରଠାରୁ ରିକାର୍ଡୋଙ୍କର ଏହା ପ୍ରଥମ ବିଜୟ। ରେସ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଗ୍ରଣୀ ରହିଆସିଥିବା ରିକାର୍ଡୋ କହିଛନ୍ତି, ତାଙ୍କ ଟିମ୍ ଉଭୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସେ ଖୁବ୍ ଆନନ୍ଦିତ। ଏଠାରେ ବିଜୟ ହାସଲ ଦ୍ୱାରା ସେ ୮ମ ଥର ଗ୍ରାଁପ୍ରି ଟାଇଟଲ ବିଜେତା ହୋଇପାରିଛନ୍ତି। ଅନ୍ୟପକ୍ଷରେ ଶନିବାର ସ୍ପ୍ରିଣ୍ଟ ରେସ୍ ଜିତିବା ପରେ ଇଞ୍ଜିନ ପେନାଲ୍ଟି ଯୋଗୁ ଗ୍ରୀଡ୍‌ର ଶେଷ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ମର୍ସିଡିଜର ଭାଲଟେରି ବୋଟାସ ତୃତୀୟ ହୋଇଥିଲେ। ରବିବାର ରେସ୍‌ରେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ସର୍ଗିଓ ପେରେଜ (ରେଡ୍‌ବୁଲ୍), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ), ଫର୍ନାଣ୍ଡୋ ଆଲୋଁସୋ (ଆଲପାଇନ୍), ଜର୍ଜ ରେସଲ( ୱିଲିୟମ୍ସ), ଏଷ୍ଟିବାନ ଓକନ (ଅଲପାଇନ୍) ପ୍ରମୁଖ ଯଥାକ୍ରମେ ୪ଥରୁ ୧୦ମ ସ୍ଥାନରେ ରହିଥିଲେ।



ରେସ୍ ଜିତିବାପରେ ଡାନିଏଲ ରିକାର୍ଡୋ ।

# ଅଶ୍ୱିନଙ୍କ ସପକ୍ଷରେ ଚାପେଲ



**ନୂଆଦିଲ୍ଲୀ, ୧୨।୯ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ମିଡ୍‌ଲ ଅର୍ଡରରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସ୍ଥାନ ଦେଲେ ସେଥିରୁ ସୁଫଳ ମିଳିବ ବୋଲି କହିଛନ୍ତି ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଇଆନ ଚାପେଲ। ଭାରତର ଏହି ଭେଟରାନ ଅଫ୍ ସ୍ପିନର ଅଲରାଉଣ୍ଡର ସମସ୍ତ କଣ୍ଡିଶନରେ ଚମତ୍କାର ବୋଲିଂ କରିପାରନ୍ତି ବୋଲି ଅଷ୍ଟ୍ରେଲିଆରେ ପ୍ରମାଣ କରି ଦେଖାଇ ସାରିଛନ୍ତି। ଚୟନକର୍ତ୍ତାମାନେ ତାଙ୍କୁ ଅଗ୍ରାଧିକାର ଦେବା ଉଚିତ ବୋଲି ଚାପେଲ କହିଛନ୍ତି। ଭାରତ ଏକ ଉତ୍ତମ ଅଲରାଉଣ୍ଡ ଟିମ୍ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ। ଅଷ୍ଟ୍ରେଲିଆରେ କ୍ରମାଗତ ଦୁଇଟି ସିରିଜ ବିଜୟ ଏବଂ ବର୍ତ୍ତମାନ ଇଂଲଣ୍ଡରେ ସଫଳତା ହେଉଛି ଏହାର ପ୍ରମାଣ। ଭାରତକୁ ନିଜ ଦେଶରେ ପରାସ୍ତ କରିବା ସହଜ ନୁହେଁ। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌ଗୁଡ଼ିକ ଲାଗି ଅଶ୍ୱିନଙ୍କ ପରିବର୍ତ୍ତେ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କୁ ଅଗ୍ରାଧିକାର ଦେଇଥିଲା। ଜାଡେଜା, ଅଶ୍ୱିନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଷଭ ପନ୍ତ ଉପସ୍ଥିତ ରହିଲେ ଭାରତର ଲୋୟର ମିଡ୍‌ଲ ଅର୍ଡର ଖୁବ୍ ଶକ୍ତିଶାଳୀ ହୋଇପାରିବ। ଓଭାଲ ଟେଷ୍ଟ ପାଇଁ ମିଡ୍‌ଲ ଅର୍ଡରରେ ଡାହାଣ ଓ ବାମହାତୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଯାଇ ହୁଏତ ଟିମ୍ ମ୍ୟାନେଜମେଣ୍ଟ ଜାଡେଜାଙ୍କୁ ୫ମ ସ୍ଥାନରେ ବ୍ୟାଟିଂ ପାଇଁ ମନୋନୀତ କରିଥାଇପାରନ୍ତି। ଲଣ୍ଡନର ଓଭାଲଠାରେ ଭାରତ ଓ ଇଂଲଣ୍ଡ ଚତୁର୍ଥ ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ଜାଡେଜା ଯଦି ତାଙ୍କ ସ୍ଥାନରେ ଉପଯୁକ୍ତ ମନେହୁଅନ୍ତି ତେବେ ଦଳରେ ଯେଉଁ ସିମ୍ ବୋଲର ଅଲରାଉଣ୍ଡରଙ୍କୁ ନିଆଯିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଏକ୍ଷେତ୍ରରେ ବର୍ତ୍ତମାନ ସମ୍ପୂର୍ଣ୍ଣ ଫିଟ୍ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ଉପଯୁକ୍ତ ମନେହୁଅନ୍ତି। ସେମାନଙ୍କ ପାଇଁ ଦ୍ୱିତୀୟ ବିକଳ୍ପ ରହିଛନ୍ତି ଶାର୍ଦ୍ଦୁଳ ଠାକୁର। ମିଡ୍‌ଲ ଅର୍ଡରରେ ଜାଡେଜା, ରିଷଭ ପନ୍ତ ଓ ଅଶ୍ୱିନ ରହିଲେ ଏମାନଙ୍କଠାରୁ ଭଲ ସ୍କୋର ଆଶା କରାଯାଇ ପାରିବ। ଏହା ପରେ ୩ ଫାଷ୍ଟ ବୋଲର ବ୍ୟାଟିଂ କରିବାକୁ ଆସିବେ। ଦଳ ବେଶ୍ ସନ୍ତୁଳିତ ହୋଇପାରିବ।

# ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ଦ୍ୱାରା ନୀରଜଙ୍କ ସମେତ ଅନ୍ୟମାନେ ସମ୍ବର୍ଦ୍ଧିତ

**ବିଜୟନଗର (କର୍ନାଟକ), ୧୨।୯ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଏବଂ ଟୋକିଓ ଗେମ୍ସରେ ଭାଗ ନେଇଥିବା ଅନ୍ୟ କେତେଜଣ ପ୍ରତିଯୋଗୀ କ୍ରୀଡ଼ା ଏନ୍‌ଜିଓ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ପୁରୁଷ ହକି ଦଳ ସହ ରେସଲର ବଜରଙ୍ଗ ପୁନିଆ (ବ୍ରୋଞ୍ଜ) ଓ ରବି ଦହିୟା (ରୌପ୍ୟ) ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ପୁରୁଷ ହକି ଦଳ ତରଫରୁ ଗୋଲକିପର ପିଆର୍ ଶ୍ରୀଜେସ୍ ପ୍ରତିନିଧିତ୍ୱ କରିଥିଲେ। ଶନିବାର ବେଲାରିସ୍ଥିତ ଇନ୍‌ସ୍ପାୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ (ଆଇଆଇଏସ୍)ଠାରେ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ମୀରାବାଇ ଚାନୁ (ଭାରୋତ୍ତୋଳନରେ ରୌପ୍ୟ), ଲଭଲିନା ବର୍ଗୋହେନ୍ (ବକ୍ସିଂରେ ବ୍ରୋଞ୍ଜ) ଓ ପି.ଭି. ସିନ୍ଧୁ (ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ୍) ପ୍ରମୁଖ ଇଭେଣ୍ଟରେ ଯୋଗଦାନ କରିପାରି ନ ଥିଲେ। ଆଇଆଇଏସ୍‌ଠାରେ ଟ୍ରେନିଂ ନେଇ ଟୋକିଓ ଗେମ୍ସରେ ଭାଗ ନେଇଥିବା ଅନ୍ୟ ୮ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଶ୍ରୀଶଙ୍କର ମୁରଲୀ (ଲଙ୍ଗଜମ୍ପ), ସୁଶିଲା ଦେବୀ (ଜୁଡୋକା), ବିକାଶ କ୍ରିଷନ ଯାଦବ (ବକ୍ସର), ସତୀଶ କୁମାର (ବକ୍ସର), ଆଶିଷ କୁମାର (ବକ୍ସର), ଅନୁ ରାଣୀ (ଜାଭେଲିନ୍ ଥ୍ରୋୟର), ଅବିନାଶ ସାବ୍‌ଲେ (୩୦୦୦ମିଟର ଷ୍ଟିପଲ ଚେଜ୍) ଓ ସୀମା ବିସ୍‌ଲା (ରେସ୍‌ଲର)। ଆଥ୍‌ଲେଟମାନଙ୍କୁ ମୋଟ ୨.୫ କୋଟି ଟଙ୍କା ପୁରସ୍କୃତ କରାଯାଇଥିଲା।

**ୟୁକ୍ରେନ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ**

# ପ୍ରିୟାଂଶୁଙ୍କୁ ଟାଇଟଲ

**ଖରକିଭ,୧୨।୯**

ଏଠାରେ ଖେଳାଯାଇଥିବା ୟୁକ୍ରେନ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ପ୍ରିୟାଂଶୁ ରାଜାୱତ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ୧୯ ବର୍ଷୀୟ ପ୍ରିୟାଂଶୁ ଫାଇନାଲ ମୁକାବିଲାରେ ନିଜ ଦେଶର ସତୀଶ କରୁଣାକରନଙ୍କୁ ୨୧-୧୭, ୨୧-୧୮ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଦୁଇ ଫାଇନାଲିଷ୍ଟ ଏହି ୪ ଦିନିକିଆ ଟୁର୍ନାମେଣ୍ଟର ଅଣସିଡ୍ ଖେଳାଳି ଥିଲେ। ଏଥିସହ ପ୍ରିୟାଂଶୁ କ୍ୟାରିୟରର ଦ୍ୱିତୀୟ ସିନିୟର ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ବାହାରିନ ଇଣ୍ଟରନ୍ୟାଶନାଲ ଟାଇଟଲ ଜିତିଥିଲେ। ଏହି ଟୁର୍ନାମେଣ୍ଟରେ ୨୬ଟି ଦେଶର ୧୫୦ଜଣ ଖେଳାଳି ଏଣ୍ଟ୍ରି କରିଥିଲେ। ପ୍ରିୟାଂଶୁ ମଧ୍ୟ ସେମିଫାଇନାଲରେ ଆଉ ଜଣେ ଭାରତୀୟ ମେଇରାବା ଲୁୱାଙ୍ଗ ମେସନାମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।




# ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍ ଦଳ ଘୋଷିତ

**କଲମ୍ବୋ, ୧୨।୯ (ଏପି):** ଆସନ୍ତା ମାସରେ ଖେଳାଯିବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ପୂର୍ବତନ ଅଧିନାୟକ ଦୀନେଶ ଚାଣ୍ଡିମଲ, ବର୍ତ୍ତମାନର ଅଧିନାୟକ ଦାସୁନ ଶାନକା ଓ ଓପନିଂ ବ୍ୟାଟ୍ସମ୍ୟାନ କୁସାଲ ପେରେରାଙ୍କୁ ସ୍ଥାନ ମିଳିଛି। ମୋଟ ଉପରେ ୬ ବ୍ୟାଟ୍ସମ୍ୟାନ, ୫ ଅଲରାଉଣ୍ଡର ଓ ୪ ବୋଲରଙ୍କୁ ସ୍ଥାନ ମିଳିଛି। ଏହାଛଡ଼ା ଇଞ୍ଜୁରି ପାଇଁ ବଦଳ ଖେଳାଳି ଭାବେ ଅତିରିକ୍ତ ୪ ଖେଳାଳିଙ୍କୁ ନିଆଯାଇଛି। **ଶ୍ରୀଲଙ୍କା ଟି୨୦ ଦଳ:** ଦାସୁନ ଶାନକା (ଅଧିନାୟକ), ଧନଞ୍ଜୟ ଡି'ସିଲ୍‌ଭା, କୁସାଲ ପେରେରା, ଦୀନେଶ ଚାଣ୍ଡିମଲ, ଅଭିଷ୍କା ଫର୍ନାଣ୍ଡୋ, ଭାନୁକା ରାଜପାକ୍‌ସେ, ଚରିଥ ଆସାଲାଙ୍କା, ୱାନିନ୍ଦୁ ହସରଙ୍ଗା, କାମିନ୍ଦୁ ମେଣ୍ଡିସ, ଚାମିକା କରୁଣାରତ୍ନେ, ନୁୱାନ ପ୍ରଦୀପ, ଦୁଷ୍ମନ୍ତ ଚାମିରା, ପ୍ରବୀନ ଜୟବିକ୍ରମା, ଲାହିରୁ ମଦୁଶାନକା, ମହେଶ ଥିକ୍‌ସାନା। **ରିଜର୍ଭ ଖେଳାଳି:** ଲାହିରୁ କୁମାରା,ବିନୁରା ଫର୍ନାଣ୍ଡୋ, ଆକିଲା ଧନଞ୍ଜୟ, ପୁଲିନା ଥରଙ୍ଗା।

# ଦୁବାଇରେ ପହଞ୍ଚିଲେ କୋହଲି, ଦିଲ୍ଲୀ ଖେଳାଳି

**ଦୁବାଇ, ୧୨।୯:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅବଶିଷ୍ଟାଂଶ ଖେଳିବାପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଓ ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ ଦିଲ୍ଲୀ କ୍ୟାପିଟାଲ୍ସର ଖେଳାଳିମାନେ ରବିବାର ମାଞ୍ଚେଷ୍ଟରରୁ ଆସି ଦୁବାଇରେ ପହଞ୍ଚିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପରକିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଆଦି ଅନ୍ୟ ଫ୍ରାଞ୍ଚାଇଜ୍ ଗୁଡ଼ିକ ସେମାନଙ୍କ ଖେଳାଳି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବାନେଇ ପୂର୍ବରୁ ସୂଚନା ଦେଇଥିଲେ। ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରରେ ହେବାକୁଥିବା ୫ମ କ୍ରିକେଟ ଟେଷ୍ଟ ବାତିଲ ହୋଇଥିବାରୁ ଖେଳାଳିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ୟୁଏଇରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଭାରତୀୟ କୋଚ୍‌ଙ୍କ ସମେତ ମୁଖ୍ୟ ଫିଜିଓ, ସହକାରୀ ଫିଜିଓ ଓ ଅନ୍ୟ କେତେକ ସଦସ୍ୟ କରୋନା

**ଇଣ୍ଡିଆନ ପ୍ରିମିୟର ଲିଗ୍**

ପଜିଟିଭ୍ ଆସିବାପରେ ଉଭୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ ମଧ୍ୟରେ ବୁଝାମଣା ଭିତ୍ତିରେ ୫ମ ଟେଷ୍ଟକୁ ବାତିଲ କରାଯାଇଥିଲା। ଆଇପିଏଲର ପ୍ରଥମଭାଗ ଭାରତରେ ଅନୁଷ୍ଠିତ ହୋଇଥିଲା। ୨୯ଟି ମ୍ୟାଚ ହେବାପରେ କେତେକ ଫ୍ରାଞ୍ଚାଇଜ୍‌ର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପଜିଟିଭ୍ ଆସିବାରୁ ଆଇପିଏଲକୁ ଅଧାରୁ ସ୍ଥଗିତ ରଖା ଯାଇଥିଲା। ଏହାର ଅବଶିଷ୍ଟ ୩୧ଟି ମ୍ୟାଚ ୟୁଏଇରେ ଅନୁଷ୍ଠିତ ହେବ। ୟୁଏଇରେ ଆରସିବି ଏହାର ପ୍ରଥମ ମ୍ୟାଚ ସେପ୍ଟେମ୍ବର ୨୦ରେ ଆବୁ ଧାବିସ୍ଥିତ ଶେଖ ଜାୟେଦ ଷ୍ଟାଡିୟମରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଖେଳିବ।

ସେହିପରି ଆଇପିଏଲ୍ ଖେଳିବା ପାଇଁ ରବିବାର ଖେଳାଳିମାନେ ଏଠାରେ ପହଞ୍ଚିଥିବାନେଇ ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ କୁହାଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ଅଜିଙ୍କ୍ୟ ରାହାନେ, ଈଶାନ୍ତ ଶର୍ମା, ଅକ୍ଷର ପଟେଲ, ପୃଥ୍ୱୀ ଶ ଓ ଉମେଶ ଯାଦବ ଏଠାରେ ପହଞ୍ଚିବା ପରେ କୋଭିଡ୍-୧୯ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଆଇପିଏଲ୍ ପ୍ରୋଟୋକଲ ଅନୁସାରେ ଏହି ଖେଳାଳିମାନେ ୬ ଦିନିଆ କଠିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଏହି ଅବସରରେ ସେମାନେ ୩ ଥର କରୋନା ଟେଷ୍ଟର ସମ୍ମୁଖୀନ ହେବେ।




ଦୁବାଇରେ ପହଞ୍ଚିବା ପରେ ବିରାଟ କୋହଲି ଓ ରିଷଭ ପନ୍ତ

# ଜାତୀୟ କ୍ୟାମ୍ପରେ ଓଡ଼ିଶାରୁ ୫

**ବେଙ୍ଗାଲୁରୁ, ୧୨।୯(ପି.ଟି.)**

ସୋମବାରଠାରୁ ଏଠାରେ ଭାରତୀୟ ସିନିୟର ମହିଳା ହକି ଦଳର କ୍ୟାମ୍ପ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ରବିବାର ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ୍ ଦଳରେ ଓଡ଼ିଶାର ୫ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ, ନମିତା ଟପ୍ପୋ, ରଶ୍ମିତା ମିଞ୍ଜ ଓ ମାରିଆନା କୁଜୁର।

**ସିନିୟର ମହିଳା ହକି**

ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିବା ୧୬ ଖେଳାଳିଙ୍କୁ କୋର୍ ଗ୍ରୁପ୍‌ରେ ନିଆଯାଇଛି। ଖେଳାଳିମାନେ ରବିବାର ରିପୋର୍ଟ କରିଛନ୍ତି। ଜାତୀୟ କ୍ୟାମ୍ପ ଅକ୍ଟୋବର ୨୦ ପର୍ଯ୍ୟନ୍ତ ଚାଲିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ଜୁନିୟର ର୍ୟାଙ୍କ୍‌ରୁ ସିନିୟର କୋର୍ ଗ୍ରୁପ୍‌ରେ ପ୍ରବେଶ କରିଥିବା ଖେଳାଳିମାନେ ହେଲେ ଗଗନଦୀପ କୌର, ମାରିଆନା କୁଜୁର, ସୁମନ ଦେବୀ ଥୌଡମ ଓ ମହିମା ଚୌଧାରୀ। ଅଭିଜ୍ଞ ଖେଳାଳି ଲିଲିମା, ରଶ୍ମିତା, ଜ୍ୟୋତି, ରାଜୱିନ୍ଦର କୌର ଓ ମନପ୍ରୀତ କୌର ମଧ୍ୟ କ୍ୟାମ୍ପକୁ ଡାକରା ଦିଆଯାଇଛି। ଅଲିମ୍ପିକ୍ ଦଳରେ ସାମିଲ ଥିବା ସାଲିମା ଟେଟେ, ଲାଲରେମସିଆମି ଓ ଶର୍ମିଳାଙ୍କୁ ଜୁନିୟର କ୍ୟାମ୍ପରେ ଯୋଗ ଦେବାକୁ କୁହାଯାଇଛି। ଉଭୟ ସିନିୟର ଓ ଜୁନିୟର ଦଳର କୋଚିଂ କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ସାଇ କ୍ୟାମ୍ପସରେ ଅନୁଷ୍ଠିତ ହେବ। ଅଲିମ୍ପିକ୍ କୋର୍ ଗ୍ରୁପ୍‌ରେ ଥିବା ବିଚୁ ଦେବୀ ଖରିବାମଙ୍କୁ ମଧ୍ୟ ଜୁନିୟର କ୍ୟାମ୍ପରେ ସାମିଲ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଶେଷ ଭାଗରେ ଦକ୍ଷିଣ ଆଫ୍ରିକାରେ ଗୁରୁତ୍ୱପୂର୍ଣ୍ଣ ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏଥିପାଇଁ ଜୁନିୟର ଦଳ ଏଠାରେ ଟ୍ରେନିଂ ନେଇ ନିଜକୁ ପ୍ରସ୍ତୁତ କରିବ।

"ଟୋକିଓ ଅଲିମ୍ପିକ୍ସରେ ପଦକର ନିକଟବର୍ତ୍ତୀ ହୋଇ ହାତଛଡ଼ା କରିଥିବାରୁ ଭାରତୀୟ ମହିଳା ହକି ଦଳ ନିରାଶ ହୋଇଥିଲେ ହେଁ ଗତ କିଛି ସପ୍ତାହଧରି ଦେଶବାସୀଙ୍କ ଭଲପାଇବା ଓ ସମର୍ଥନରେ ଅଭିଭୂତ ହୋଇଛନ୍ତି। ଫଳରେ ସେମାନେ ଭବିଷ୍ୟତରେ ଅଧିକ ଭଲ ପ୍ରଦର୍ଶନ ପାଇଁ ପ୍ରେରଣା ପାଇଛନ୍ତି" ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ ପ୍ରକାଶ କରିଛନ୍ତି। **ସମ୍ଭାବ୍ୟ କୋର୍ ଗ୍ରୁପ୍:** ସବିତା, ରଜନୀ ଇଟିମାରପୁ, ଦୀପ୍ ଗ୍ରେସ୍ ଏକ୍କା, ରୀନା ଖୋଖର, ମନପ୍ରୀତ କୌର, ଗୁରଜିତ କୌର, ନିଶା, ନିକ୍କି ପ୍ରଧାନ, ମୋନିକା, ନେହା, ଲିଲିମା ମିଞ୍ଜ, ସୁଶିଳା ଚାନୁ ପୁଖରାମବାମ, ନମିତା ଟପ୍ପୋ, ରାଣୀ ରାମପାଲ, ବନ୍ଦନା କାଟାରିଆ, ନଭଜୋତ କୌର, ନଭନୀତ କୌର, ରାଜୱିନ୍ଦର କୌର, ଉଦିତା, ରଶ୍ମିତା ମିଞ୍ଜ, ଜ୍ୟୋତି, ଗଗନଦୀପ କୌର, ମାରିଆନା କୁଜୁର, ସୁମନ ଦେବୀ ଥୌଡମ, ମହିମା ଚୌଧାରୀ।



ଦୀପ୍ ଗ୍ରେସ୍ ଏକ୍କା



ଲିଲିମା ମିଞ୍ଜ



ନମିତା ଟପ୍ପୋ



ରଶ୍ମିତା ମିଞ୍ଜ



ମାରିଆନା କୁଜୁର

# ଜୋତା ପାଇଁ ଅଯୋଗ୍ୟ ବିବେଚିତ ହେଲେ ବିଜେତା

**ଭିଏନା, ୧୨।୯ (ଏପି):** ଇଥିଓପିଆର ଦେରାରା ହୁରିସା ଭିଏନା ମାରାଥନ ଜିତିବା ପରେ ସେ ତାଙ୍କ ଜୋତା ପାଇଁ ଅଯୋଗ୍ୟ ବିବେଚିତ ହୋଇଛନ୍ତି। ୨୪ ବର୍ଷୀୟ ହୁରିସା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩ ସେକେଣ୍ଡ ସମୟ ବ୍ୟବଧାନରେ ପ୍ରଥମ ହୋଇଥିଲେ। ମାତ୍ର ରେସ୍ ପାଇଁ ପ୍ରତିଯୋଗୀଙ୍କ ଜୋତା ସୋଲ୍‌ର ମୋଟେଇ ୪ ସେଣ୍ଟିମିଟର ପର୍ଯ୍ୟନ୍ତ ଅନୁମତି ଥିବାବେଳେ ହୁରିସାଙ୍କ ସୋଲ୍‌ର ମୋଟେଇ ୧ ସେଣ୍ଟିମିଟର (୦.୪ ଇଞ୍ଚ) ଅଧିକ ଥିଲା। ଆୟୋଜକ କହିଛନ୍ତି, ହୁରିସା ରେସ୍ ପାଇଁ ଯେଉଁ ଜୋତା ପଞ୍ଜୀକୃତ କରିଥିଲେ ତାହାକୁ ବ୍ୟବହାର କରି ନ ଥିଲେ। ବରଂ ସେ ତାଙ୍କ ଟ୍ରେନିଂରେ ବ୍ୟବହାର କରୁଥିବା ଜୋତା ପିନ୍ଧିଥିଲେ। ୨ଘଣ୍ଟା ୯ ମିନିଟ୍ ୨୫ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନିଆର ଲିଓନାର୍ଡ ଲଙ୍ଗାଟ୍‌ଙ୍କୁ ବିଜେତା ଘୋଷଣା କରାଯାଇଛି। ଇଥିଓପିଆର ବେଟିସ୍‌ଫା ଜିତାହୁନ୍ ଓ କେନିଆର ଏର୍ଭିନ୍ କୋସ୍‌ଗେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ନବାଗତ କେନିଆର ଭିବିଆନ୍ ଚେପ୍‌କିରୁଇ ୨:୨୪:୨୯ ଟାଇମିଂରେ ମହିଳା ରେସ୍ ଜିତିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବୁଡ଼ିଲା ମାର୍କେଟ କମ୍ପ୍ଲେକ୍ସ, ଫସିଲା ଆମ୍ବୁଲାନ୍ସ

ଲଗାଣ ବର୍ଷା





**ଖୋର୍ଦ୍ଧା ଅଫିସ,୧୨।୯**

ଲଘୁଚାପଜନିତ ଲଗାଣ ବର୍ଷାରେ ରବିବାର ଖୋର୍ଦ୍ଧା ସହର ଜଳାର୍ଣ୍ଣବ ହୋଇଛି। ଚାରିଆଡ଼େ ବର୍ଷାଜଳ ଜମିରହି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ପାଣିଘେରରେ ରହିଛି। ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ କାର୍, ବାଇକ ବୁଡ଼ିଯାଇଛି। ପାଣି ନିଷ୍କାସନ ଲାଗି ବ୍ୟବସ୍ଥା ନ ଥିବାରୁ ଅଳିଆ ଆବର୍ଜନା ଭାସୁଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ବର୍ଷାଜଳ ଜମିଥିବାରୁ ଜଣେ ଗୁରୁତର ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ଏକ ଆମ୍ବୁଲାନ୍ସ ଫସି ରହିଥିଲା।

ସେହିପରି ପୁରୁଣା ମେଡିକାଲ ରୋଡ୍, ଶ୍ରୀବିହାର, ଶ୍ରୀରାମନଗର କଲୋନୀ, ବିଡିଏ କଲୋନୀ ପ୍ରଭୃତି ସ୍ଥାନରେ ୨ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଦୀପ ତଳ ଅନ୍ଧାର ଭଳି ପୌର ପ୍ରଶାସନର ଶହେ ମିଟର ପରିଧିରେ ଥିବା ସାହି ଓ ରାସ୍ତା ଜଳାର୍ଣ୍ଣବ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ମାରୱାଡି ପଟ୍ଟି, ତଳସାହି, ଉପରସାହି, ମୁକୁନ୍ଦପ୍ରସାଦ, ସାମନ୍ତରାପୁର, ଠେଙ୍ଗାହାଟ, ସମବାୟ ଛକରୁ ମ୍ୟୁନିସପାଲଟି ଛକ, ମାଛ ମାର୍କେଟ, ରାଧାବଲ୍ଲଭ ସାହି, ହାବେଳି ପଡ଼ିଆ, ମହିଳା କଲେଜ ରୋଡ୍, ଖ୍ରୀଷ୍ଟିଆନ ରୋଡ୍, ମସଜିଦ୍ ରୋଡ୍ ପ୍ରଭୃତି ଅଞ୍ଚଳର ସାହିଗଳି ଜଳମଗ୍ନ ହୋଇଛି। ଏପରି କି ସହର ତଳି ଅଞ୍ଚଳର କେତେକ ପାଣି ଘରେ ପଶିଛି। ସନ୍ଧ୍ୟା ସୁଦ୍ଧା ଜଳ ନିଷ୍କାସନ ପାଇଁ ପୌର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। କେତେକ ସାହିରେ ନାଳ ନର୍ଦ୍ଦମା ପୋତି ହୋଇପଡ଼ିଥିବାବେଳେ ରବିବାର ଦିନତମାମ ବର୍ଷା ଯୋଗୁ ଅଧିକାଂଶ ସ୍ଥାନରେ ଆବର୍ଜନା

**ଖୋର୍ଦ୍ଧା ସହର ଜଳମଗ୍ନ**

- ତଳି ଅଞ୍ଚଳର ଘରେ ପଶିଲା ବର୍ଷାପାଣି
- ପଦାରେ ପଡ଼ିଲା ପରିମଳ ବ୍ୟବସ୍ଥା

ଉଠିପାରିନାହିଁ। ବର୍ଷାଜଳରେ ଅଳିଆ ଭାସୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ବର୍ଷାଜଳ ଲହଡ଼ି ମାରୁଛି। ଅନେକ ସାହିରେ ଖାଲଖମା ସୃଷ୍ଟି ହୋଇଛି। କଂଗ୍ରେସ ନେତା ରଞ୍ଜିତ ମହାପାତ୍ର କହିଛନ୍ତି, ଡ୍ରେନ ବ୍ୟବସ୍ଥା କଥା ନ କହିଲେ ଭଲ। ମୁଖ୍ୟ ରାସ୍ତାରେ ଥିବା ଡ୍ରେନକୁ ବାଦ୍ ଦେଲେ ଅନ୍ୟ ସାହିରେ ଡ୍ରେନ ସଫା ନ ହେବାରୁ ପୋତି ହୋଇଗଲାଣି। ବିଶେଷତଃ ଖ୍ରୀଷ୍ଟିଆନ ସାହି, ମସଜିଦ୍ ଲେନ୍, ତଳ ସାହି, କାମନାବର ସାହି ଅବସ୍ଥା ଶୋଚନୀୟ। ୪୬ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ମଧ୍ୟରୁ ୨୦ଟି ୱାର୍ଡକୁ ଘରୋଇ କରାଯାଇଛି। ଏଥିଲାଗି ଲକ୍ଷାଧିକ ଟଙ୍କା ପୌର ପ୍ରଶାସନ ପକ୍ଷରୁ ଭରଣା କରାଯାଉଛି। ତଥାପି ସହରର ଚିତ୍ର ବଦଳି ପାରୁନାହିଁ। ସ୍ୱଚ୍ଛଭାରତ ସର୍ବେକ୍ଷଣ ତାଲିକାରେ ସ୍ଥାନ ପାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଅର୍ଥ ଶ୍ରାଦ୍ଧ କରାଯାଇଛି। ତଥାପି ଫଳ ଶୂନ। ସହରରୁ ଅଳିଆ ହଟୁ ନ ଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। କେତେଜଣ ଅଧିକାରୀ ଓ ଠିକା ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏଭଳି ସ୍ଥିତି ଉପୁଜୁଛି। ଏଥିପାଇଁ ପୌର ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତି ଏବଂ ଦାୟିତ୍ୱହୀନତାକୁ ସାଧାରଣରେ ଦାୟୀ କରାଯାଇଛି।



## ଭାଙ୍ଗିଗଲା ଗଛ, ପାଣିରେ କାର୍

**ଜଟଣୀ,୧୨।୯(ଡି.ଏନ୍.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବାବେଳେ ରବିବାର ଦିନତମାମ ବର୍ଷା ଯୋଗୁ ଜଟଣୀ ସହର ଏବଂ ପାଖଆଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଣି ଜମିରହିଥିଲା। ଫଳରେ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଲୱେ ଟ୍ରାଫିକ୍ କଲୋନୀସ୍ଥ ଖୋର୍ଦ୍ଧା ରୋଡ୍ ରେଲୱେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଏବଂ ନିୟୁ କଲୋନୀରେ ପବନରେ ଗଛ ଉପୁଡି ରାସ୍ତା ଅବରୋଧ ହେବା ଯୋଗୁ କିଛି ସମୟ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଲୋକେ। ସେହିପରି ଜଟଣୀ ମୁଖ୍ୟ ରାସ୍ତା ହରିଭାଇନା ଛକ ପେଟ୍ରୋଲ୍ ପମ୍ପ ନିକଟରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଜମିରହିବା ଫଳରେ ଜଟଣୀ ଖୋର୍ଦ୍ଧା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ସୀତାରାମ ଛକ ଅଣ୍ଡରପାସ ରାସ୍ତାରେ ବର୍ଷା ପାଣି ଜମିରହିବା ଫଳରେ ଖୋର୍ଦ୍ଧା ପିପିଲି ମୁଖ୍ୟ ରାସ୍ତା ଜଳମଗ୍ନ ହୋଇଥିଲା। ଏପରିକି ଅଣ୍ଡରପାସ ମଧ୍ୟରେ ଏକ କାର୍ ପାଣିରେ ଫସି ରହିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ କାର୍‌ରେ ଥିବା ଯାତ୍ରୀଙ୍କୁ ପାଣିରୁ ଉଦ୍ଧାର କରିବା ସହିତ କାର୍‌ଟିକୁ ଦଉଡ଼ି ଲଗାଇ ଟାଣି ବାହାରକୁ ଆଣିଥିଲେ।



### ସଂକ୍ଷେପରେ

## ୨୪ରୁ ଜୁନିୟର ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

ଜଟଣୀ,୧୨।୯(ଡି.ଏନ୍.ଏ.)- ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ-୮ରେ ଥିବା ଜଟଣୀର ସ୍ୱେଚ୍ଛାସେବୀ ସଂଗଠନ ଆଶ୍ରୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଆସୋସିଏଶନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଏଫ୍‌ଜେଡ୍ ଫୋରଜା ଅଲ୍ ଓଡ଼ିଶା ଓଏସ୍‌ବିଏ ଜୁନିୟର ଅଣ୍ଡର-୧୯, ଷ୍ଟେଟ୍ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟ-୨୦୨୧ ଚଳିତ ମାସ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ହେବା ନେଇ କହିଥିଲେ। ଏହି ପ୍ରତିଯୋଗିତା ସ୍ଥାନୀୟ ଆଶ୍ରୟ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ହେବ। ପ୍ରଥମ ଥର ପାଇଁ ଖୋର୍ଦ୍ଧା ଜିଲା ବ୍ୟାଡମିଣ୍ଟନ୍ ଆସୋସିଏଶନ୍ ସହ ଓଡ଼ିଶା ବ୍ୟାଡମିଣ୍ଟନ୍ ଆସୋସିଏଶନ୍‌ର ସହଭାଗିତାରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ପାଖାପାଖି ୧୫୦ଜଣ ବାଳିକା ଏବଂ ବାଳକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କରୋନା ନିମନ୍ତେ ଗତ ୨୦୧୯ରୁ ବନ୍ଦ ରହିଥିବା ଏହି ପ୍ରତିଯୋଗିତା ଚଳିତ ମାସରେ ସରକାରଙ୍କ କରୋନା ଗାଇଡ୍‌ଲାଇନ୍ ମୁତାବକ ଅନୁଷ୍ଠିତ ହେବ। ଉକ୍ତ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ସର୍ବଭାରତୀୟ ଟୁର୍ନାମେଣ୍ଟରେ ଭାଗନେବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ଉପ-ସଭାପତି ଏମ୍.ଡି.ଫ୍ୟାଜ୍ ଜାଫର, ଅଜିତ କୁମାର ମହାନ୍ତିଙ୍କ ସହିତ ଆଶ୍ରୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରଶାନ୍ତ ବେହେରା, ରଣିକ ପଟେଲ, ବିଷ୍ଣୁ ସାହୁ, ଏମ୍‌ଡି.ରଜାକ ପ୍ରମୁଖ ଉପସ୍ଥିତ ଥିଲେ।

## କଳାକାରଙ୍କୁ ପ୍ରୋତ୍ସାହନ ସମ୍ପର୍କିତ ଆଲୋଚନା

ବାଲୁଗାଁ,୧୨।୯(ଡି.ଏନ୍.ଏ.)

ମା'ଭଗବତୀ କଳା ନିକେତନ, ସଂସ୍କୃତି ଓ କଳା ପରିଷଦ ତରଫରୁ ସମଗ୍ର ଚିଲିକା ଅଞ୍ଚଳର କଳାକାରମାନଙ୍କୁ ନେଇ ଏକ ଆଲୋଚନାଚକ୍ର ରବିବାର ସ୍ଥାନୀୟ ଉମାମହେଶ୍ୱର ଦେବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶେଷକରି ଗ୍ରାମାଞ୍ଚଳରେ ଲୁକ୍କାୟିତ ଭାବେ ରହିଥିବା କଳା ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ଲୋକଲୋଚନକୁ ଆଣିବା ସହ କଳାକାରଙ୍କର ଦୁଃଖ ଦୁର୍ଦ୍ଦଶାକୁ ସରକାରଙ୍କ ନିକଟରେ ଉପସ୍ଥାପନ ଏବଂ ଭତ୍ତା ପାଇବା ନେଇ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ କଳା ପରିଷଦ, ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ବରିଷ୍ଠ କଳାକାର ତଥା ଗୀତିକାର ଅଶୋକ ପଟ୍ଟନାୟକ, ଦୂରଦର୍ଶନର ପୂର୍ବତନ ପ୍ରଯୋଜକ ଦୀପକ ଦାସ, ଆକାଶବାଣୀ କଟକର କଳାକାର ତଥା ସୁଲେଖିକା ଜାନକୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ସ୍ୱାଇଁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ କଳାକାରମାନେ ଯେଉଁ ଭଳି ଦୁର୍ଦ୍ଦିନ ଅବସ୍ଥାରେ ଅଛନ୍ତି ସରକାର ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। ପରିଶେଷରେ ଉପସ୍ଥାପିତ ସମସ୍ତ ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆସନ୍ତା ୨୦ତାରିଖରେ ଅବଗତ କରାଇବେ ବୋଲି ଅଧ୍ୟକ୍ଷ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଷ୍ଣୁପ୍ରିୟା ବାରିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ତ୍ରିଲୋଚନ ବାରିକ ଧନ୍ୟବାଦ ଦେଇଥିଲେ।

## ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ନିରାକାରପୁର,୧୨।୯(ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଖବରକାଗଜ ବିତରକ ନଳିନୀକାନ୍ତ ଷଡ଼ଙ୍ଗୀଙ୍କ ମାତୃ ମନୋରମା ଷଡ଼ଙ୍ଗୀଙ୍କ ନିଜ ବାସଭବନରେ ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୬ବର୍ଷ ହୋଇଥିଲା। ସ୍ୱର୍ଗତା ମନୋରମା ଜଣେ ପରୋପକାରୀ, ମେଳାପି, ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ପରଲୋକରେ ପରିବାର ସମେତ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ଲିଙ୍ଗରାଜ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ପରିବାରର ୩ପୁଅ ଓ ବୋହୂମାନେ ଉପସ୍ଥିତ ଥିଲେ। ଖବରପାଇ ଖବରଦାତା ମାନସଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ତାଙ୍କ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା



ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

**ଖୋର୍ଦ୍ଧା ଅଫିସ,୧୨।୯**

ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ରବିବାର ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ସଭାପତି ପ୍ରାଧାପକ ଗୋପାଳକୃଷ୍ଣ ଦାସ ଅଧ୍ୟକ୍ଷତା କରିଥିଲେ। କଥାକାର ଡ. ପଦ୍ମଜ ପାଲ, ଐତିହ୍ୟ ଗବେଷକ ପ୍ରଫେସର ନାରାୟଣ ରାଓ ଏବଂ ଗାଳ୍ପିକ ନିରଞ୍ଜନ ମହାନ୍ତି ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ କର୍ମୀ ରାମଶଙ୍କର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଲକ୍ଷ୍ମୀଧର ବଡ଼ଜେନା, ଶିକ୍ଷାବିତ୍ ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ବାହିନୀପତି, ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ରାଓ ନିକଟରେ ଭାରତ ସରକାରଙ୍କ ଜାତୀୟ ଇତିହାସ ଗବେଷଣା ପ୍ରତିଷ୍ଠାନର ନ୍ୟାଶନାଲ ଫେଲୋ ଭାବେ ମନୋନୀତ ହୋଇଥିବା ବେଳେ ଡ. ପାଲ ସାରସ୍ୱତ ସାଧନା ପାଇଁ ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ଗାଳ୍ପିକ ମହାନ୍ତି ବିଭିନ୍ନ ସମ୍ମାନ ହାସଲ କରିଛନ୍ତି। ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ଅତିଥି ପରିଚୟ ଏବଂ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ଶରତ ସଭାପତି, ଏଲ୍.ଡି. ମହାନ୍ତି ସମ୍ପାଦକ




ଶ୍ରମିକ କଂଗ୍ରେସର ନବନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟମାନେ।

**ଜଟଣୀ,୧୨।୯(ଡି.ଏନ୍.ଏ.)**

**ଶ୍ରମିକ କଂଗ୍ରେସର ଦ୍ୱିବାର୍ଷିକ ଅଧିବେଶନ, କର୍ମକର୍ତ୍ତା ଚୟନ**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଶ୍ରମିକ କଂଗ୍ରେସ ପକ୍ଷରୁ ଦ୍ୱିବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଓପେନ୍ ଲାଇନ୍ ଶାଖା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଘର ଉନ୍ନତି ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ଭଞ୍ଜ, ସୁବ୍ରତ ପଣ୍ଡା, ପ୍ରଭାକର ମହାନ୍ତି, ଆଶୁତୋଷ ମହାନ୍ତିଙ୍କ ସହିତ ବହୁ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ଭଗବାନ ମହାରଣା ସଂଘର ଆୟବ୍ୟୟ ହିସାବ ଉପସ୍ଥାପିତ କରିଥିବା ବେଳେ ଶାଖା ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ବିବରଣୀ ପାଠ କରିବା ସହିତ ଶାଖାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସୂଚନା ଦେଇଥିଲେ। ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀ ଏମ୍.ଜି.କେ ରାଓ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ଶରତ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଅକ୍ଷୟ ପ୍ରଧାନ, ସମ୍ପାଦକ ଏଲ୍.ଡି.ମହାନ୍ତି, ସହସମ୍ପାଦକ ଭାବେ ପି.ରାଜା ରାଓ, ରଜତ ମହନ୍ତି, ତ୍ରିଲୋଚନ ବେହେରା, ରାକେଶ ଘଡେଇ, ସଂଗଠକ ସମ୍ପାଦକ ଭାବେ ସୁନୀଲ ପରିଡା, କେ.ଟଡ.ରାଓ, କୋଷାଧ୍ୟକ୍ଷ ଭାବେ କୀର୍ତ୍ତି ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଉଲ୍ଲାସ ସାହୁ, ପି.ଶିବ କୁମାର ରେଡ୍ଡୀ, ସନ୍ତୋଷ ଖଟେଇ, ପି.ଶ୍ରୀନିବାସ ରାଓ, ପାପା ରାଓ, ଆୟୁଷ ହର୍ଷ, କେ.ଭି.ଏସ୍.ରାଓ, ତ୍ରିନାଥ ଶବର, କାର୍ତ୍ତିକ ସାହାଣୀ ଏବଂ ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଇନ୍‌ଡୋର ଗେମ୍-୨୦୨୧ ଉଦ୍‌ଘାଟିତ

**ଜଟଣୀ,୧୨।୯(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ(ଜଟଣୀ) ପକ୍ଷରୁ ଇନ୍‌ଡୋର ଗେମ-୨୦୨୧ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସ୍ପୋର୍ଟ୍ସ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଖେଳ ପ୍ରତିଯୋଗିତାକୁ ମଣ୍ଡଳ ରେଳ ପ୍ରବନ୍ଧକ ଲିଙ୍କେଶ ରୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରେଳ କଲୋନୀର ଖେଳପଡ଼ିଆ ପରିସରରେ ଥିବା ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୩୧ ଅକ୍ଟୋବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ କରୋନାର ଭୟାବହତାରୁ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ଚେସ, କ୍ୟାରମ ଏବଂ ଟେବୁଲ ଟେନିସ୍ ଇତ୍ୟାଦି ଖେଳ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏଭଳି ଖେଳ ପ୍ରତିଯୋଗିତାର ଆୟୋଜନ କରିଥିବାରୁ ରେଳ ପ୍ରବନ୍ଧକ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ୍ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଭେଣ୍ଡିଂ ଜୋନ୍ ନିର୍ମାଣରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

**ଜଟଣୀ,୧୨।୯(ଡି.ଏନ୍.ଏ.)**

ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥ ୱାର୍ଡ ନଂ-୦୮ରେ ଥିବା ଶିବସ୍ୱ ପାଠାଗାର ପରିସରରେ ଜଟଣୀ ପୌରପାଳିକାରେ ହୋଇଥିବା କାର୍ଯ୍ୟର ବିଭିନ୍ନ ଦୁର୍ନୀତିକୁ ନେଇ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଛି। ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ଏବଂ ପୂର୍ବତନ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ ମିଳିତ ଭାବେ ଏହି ସମ୍ମିଳନୀ କରିଥିଲେ। ସ୍ଥାନୀୟ ବିଡିଏ ବସଷ୍ଟାଣ୍ଡ ନିକଟରେ ଜଟଣୀ ସୀତାରାମ ଛକ ବ୍ୟବସାୟୀ ସଂଘର ବିସ୍ଥାପିତ ବ୍ୟବସାୟୀଙ୍କୁ ପୁନଃ ଅବସ୍ଥାନ କରିବା ନିମନ୍ତେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା। ନିୟମ ମୁତାବକ ୧ ଲକ୍ଷ ୯୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କୌଣସି କାର୍ଯ୍ୟ ସରକାରୀ ସ୍ତରରେ କରାଗଲେ ତାହା ଟେଣ୍ଡରରେ ହୋଇଥାଏ। ଉକ୍ତ ଭେଣ୍ଡିଂ ଜୋନ୍ ନିର୍ମାଣ ନିମନ୍ତେ କୋଟେଶନ୍ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଚିଠି ନଂ-୧୬୧/୧୮୭କୁ ସମସ୍ତ ଅଧିକାରୀ ଉଲ୍ଲଂଘନ କରିବା ସହ ଟେଣ୍ଡରରେ ଫିକ୍ସିଂ କରାଯାଇଥିବା ଅଭିଯୋଗ କରିଛନ୍ତି । ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ଜଟଣୀ ବିଡିଏ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ୧୪୬ଟି ୧୨ଫୁଟ୍‌ରେ ୧୦ଫୁଟ ଟିଣ ଚଦର ଦୋକାନ ଗୃହ ୧,୨୮,୭୦୭ ମୂଲ୍ୟରେ ନିର୍ମାଣ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ଜଟଣୀ ପୌରପାଳିକା ପ୍ରଶାସନ ଉକ୍ତ କାର୍ଯ୍ୟକୁ କୋଟେସନ୍ ମାଧ୍ୟମରେ ୮ଟି ଲେଖାଏ ଭାଗ କରି ଠିକାକାରଙ୍କୁ ଆଦେଶ ଦେଇଥିଲେ। ଗୋଟିଏ ଟିଣଚଦର ଦୋକାନକୁ ଧାର୍ଯ୍ୟ ଦରରୁ ଊର୍ଦ୍ଧ୍ୱ ଟଙ୍କାରେ ଠିକାଦାରଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ୧୩-୧୦-୨୦୨୦ରେ ଚିଠି ସଂଖ୍ୟା ୩୩୪୮ରେ ଟିଣ ଚଦର ଭେଣ୍ଡିଂ ଜୋନ୍ ନିର୍ମାଣରେ ଜିନିଷ ଯୋଗାଣ ନିମନ୍ତେ କୋଟେସନ ମଗାଯିବା ସମୟରେ କାର୍ଯ୍ୟାଦେଶରେ ଭେଣ୍ଡିଂ ଜୋନ ନିର୍ମାଣ ଉଲ୍ଲେଖ ରହିଛି। ଭେଣ୍ଡିଂ ଜୋନ ନିର୍ମାଣରେ ଅଧିକ ଖର୍ଚ୍ଚ ହୋଇଥିବାରୁ ଏଥିରେ ନାନା ଦୁର୍ନୀତି ସହ ଟେଣ୍ଡର ଫିକ୍ସିଂ ହୋଇଥିବା ସୌମେନ୍ଦ୍ର ପଟ୍ଟନାୟକ କହିଛନ୍ତି। ସେହିପରି ପୌରାଞ୍ଚଳରେ ଗତ ୧୦ମାସ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ସୂଚନାଫଳକ ଲଗାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଯଦି ଉଚ୍ଚ ପଦସ୍ଥ ଅଧିକାରୀ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ଜଟଣୀବାସୀ ଉଚିତ ଜବାବ ଦେବେ ବୋଲି ସଂଗ୍ରାମ କେଶରୀ ରାଉତରାୟ କହିଛନ୍ତି।



ଭୁବନେଶ୍ୱର କୁଆଖାଇ ବ୍ରିଜ ନିକଟରେ ବିଏମ୍‌ସି ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ରବିବାର ଲୋକମାନେ ଗଣେଶ ମୂର୍ତ୍ତି ବିସର୍ଜନ କରୁଛନ୍ତି।

## ଥାନା ଆଗରେ ସାମ୍ବାଦିକ ସଂଘର ଧାରଣା

**ବାଲୁଗାଁ,୧୨।୯(ଡି.ଏନ୍.ଏ.)**

ବାଲୁଗାଁର ଜଣେ ୱେବ୍ ମିଡିଆ ପ୍ରତିନିଧିଙ୍କୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଳିଗୁଲଜ କରିବା ଘଟଣାକୁ ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସଂଘ ପକ୍ଷରୁ ବାଲୁଗାଁ ଥାନା ସମ୍ମୁଖରେ ଏକ ପ୍ରତିବାଦ ସଭା ଓ ଗଣଧାରଣା ଦିଆଯାଇଛି। ସୂଚନା ଥାଉ କି, ଗତ ୮ ତାରିଖରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ବାଲୁଗାଁ ନଗର ମଣ୍ଡଳ ସଭାପତିଙ୍କୁ ଚିଲିକା ବିଧାୟକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଜଣେ କର୍ତ୍ତବ୍ୟରତ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। ଏଥିରେ ବିଧାୟକ ଉତ୍କ୍ଷିପ୍ତ ହୋଇ ଖବରଦାତାଙ୍କୁ ଗାଳି କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ଖବରଦାତା ଜଣକ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଆଜକୁ ୪ଦିନ ବିତିଯାଇଥିବା ବେଳେ ପୋଲିସ ମାମଲା ରୁଜୁ କରିନାହିଁ। ଏହାର ପ୍ରତିବାଦ ସ୍ୱରୂପ ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ସଂଘ ଅଭିଯୋଗକାରୀଙ୍କ ମାମଲା ରୁଜୁ ସହ ତୁରନ୍ତ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୋଲିସଙ୍କ ସହ ଆଲୋଚନାରେ ସଫଳ ନ ହେବା ପରେ ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାୟାଧର ସେଠୀ ଏବଂ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ପହଞ୍ଚି ଧାରଣାକାରୀଙ୍କ ସହ ବିଚାର ବିମର୍ଷ କରିଥିଲେ। ତେବେ ଭାଜପା ସଭାପତିଙ୍କୁ ମାଡ଼ ମରା ଘଟଣାକୁ ନେଇ ବିଧାୟକଙ୍କ ନାମରେ ରୁଜୁ ହୋଇଥିବା ମାମଲାରେ ଖବରଦାତାଙ୍କ ଅଭିଯୋଗର ତଦନ୍ତ କରାଯାଇ ସଂଶ୍ଳିଷ୍ଟ କରାଯିବ ଏବଂ ଅନ୍ୟ ଏକ ପୃଥକ ମାମଲା ରୁଜୁ ହେବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ପ୍ରଶାସନର ଏହି ନିଷ୍ପତ୍ତିକୁ ସଂଘ ଗ୍ରହଣ କରି ନ ଥିଲା। ମାମଲା ରୁଜୁ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଧାରଣାରେ ସଂଘ ଉପଦେଷ୍ଟା ଶୁଭ୍ରରଞ୍ଜନ ଦାସ, ପ୍ରଦୀପ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ଖବରଦାତାଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା**




ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି।

## ମନ୍ଦିରରୁ ୫ ଅଷ୍ଟଧାତୁ ମୂର୍ତ୍ତି ଚୋରି

ଗୋପ,(ଡି.ଏନ୍.ଏ.)- ଗୋପ ବଜାରସ୍ଥ ଆଖଣ୍ଡଳେଶ୍ୱର ଶିବ ମନ୍ଦିରରୁ ଶନିବାର ରାତିରେ ୫ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୪୫/୨୧) ରୁଜୁ କରି ମନ୍ଦିର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ମନ୍ଦିରରତାଲା ଭାଙ୍ଗି ୨ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଧାତୁ ମୂର୍ତ୍ତି, ପାର୍ବତୀ ମୂର୍ତ୍ତି ସମେତ ୫ଟି ମୂର୍ତ୍ତି ଚୋରି କରି ନିଆଯାଇଛି। ରବିବାର ପ୍ରାତଃରୁ ପୂଜକ ସନ୍ତୋଷ କୁମାର ମହାପାତ୍ର ମନ୍ଦିର ଆସି ତାଲା ଭାଙ୍ଗିପଡ଼ିଥିବା ଦେଖିଥିଲେ। ଚୋରି ହୋଇଥିବା ଜାଣି ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କୁ ଜଣାଇଥିଲେ। ପରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଥାନାଧିକାରୀ କାଳନ୍ଦୀ ବେହେରା, ଏସଆଇ ବଂଶୀଧର ବିଶ୍ୱାଳଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ଅନୁସନ୍ଧାନ କରି ଫେରିଛି।




୧୨।୦୯।୨୦୨୧

୧୫୭୪ ଟଙ୍କା

# ଦିଗବାରେଣୀ ଖୁଣ୍ଟି ପାର୍କିଂସ୍ଥଳୀରେ ଜୁଲମ

ପୁରୀ ଅଫିସ,୧୨।୯:

■ ବାଇକ୍ ପାଇଁ ନିଆଯାଉଛି ୩୦ ଟଙ୍କା

■ ଦର ତାଲିକାରେ ସୂଚନା ନାହିଁ




ପୁରୀ ଦିଗବାରେଣୀ ଖୁଣ୍ଟି ନିକଟ ବେଳାଭୂମି ପାର୍କିଂ ସ୍ଥଳୀରେ ବାଇକ୍ ପାର୍କିଂ ପାଇଁ ୩୦ ଟଙ୍କା ନିଆଯାଉଛି। ଯାହା ସ୍ୱାଭାବିକ ଦରଠାରୁ ଢେର ଅଧିକ। ଏନେଇ ଅଭିଯୋଗ କଲେ ଗାଡ଼ି ନ ରଖି ଚାଲିଯିବାକୁ କୁହାଯାଉଛି। ପୌରସଂସ୍ଥା ତରଫରୁ ଲାଗିଥିବା ପାର୍କିଂ ଦର ତାଲିକାରେ ସୂଚନା ଉପଲବ୍ଧ ନାହିଁ। ଦର ତାଲିକା ସମ୍ପର୍କିତ ଫଳକରେ ଦର ଲେଖାଥିବା ସ୍ଥାନକୁ ଚୂନ ଲଗାଇ ଲିଭାଇ ଦିଆଯାଇଛି। ଫଳରେ କେଉଁ ଯାନର ପାର୍କିଂ ପାଇଁ କେତେ ଦର ନିର୍ଦ୍ଧାରଣ ହୋଇଛି ସେନେଇ ସୂଚନା ମିଳିପାରୁନାହିଁ। ପର୍ଯ୍ୟଟକମାନେ ଦିଗବାରେଣୀ ଖୁଣ୍ଟି ପାଖରେ ଗାଡ଼ି ରଖିବାକୁ ଆସିଲେ ପାର୍କିଂସ୍ଥଳୀ ଦାୟିତ୍ୱରେ ଥିବା କର୍ମଚାରୀମାନେ ମନଇଚ୍ଛା ଦର ନେଉଛନ୍ତି। ଦର ପୋଷେଇଲେ ପର୍ଯ୍ୟଟକମାନେ ଗାଡ଼ି ରଖୁଛନ୍ତି ନଚେତ୍ ଗାଡ଼ି ଅନଧିକାର ସ୍ଥାନରେ ପାର୍କିଂ କରିବାକୁ ବାଧ ହେଉଛି। ପାର୍କିଂ ଦର ତାଲିକା କାହିଁକି ଟଙ୍ଗାଯାଇ ନାହିଁ ସେ ସମ୍ପର୍କରେ ପଚରାଯିବାରୁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ପାର୍କିଂ ଦର ତାଲିକାକୁ କିଏ ଲିଭାଇଛନ୍ତି ସେନେଇ କୌଣସି ସୂଚନା ନାହିଁ। ମାତ୍ର ଏହି ଘଟଣା ସାମ୍ନାକୁ ଆସିଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ନୂଆ ଫଳକ ଲଗାଯିବ। ତେବେ ବାଇକ୍ ପାର୍କିଂ ପାଇଁ ୩୦ ଟଙ୍କା ଦର ନେବା କିଭଳି ଭାବେ ଗ୍ରହଣୀୟ ବୋଲି ପଚାରିବାରେ ସେ କହିଛନ୍ତି, ଦର ଘଣ୍ଟା ପ୍ରତି ନିର୍ଦ୍ଧାରଣ ହୁଏ। ଅଧିକ ସମୟ ଗାଡ଼ି ପାର୍କିଂ କରିବା ଯୋଗୁ ୩୦ ଟଙ୍କା ଦର ନିଆଯାଇ ଥାଇପାରେ। ଅନ୍ୟପକ୍ଷରେ ପୁରୀର ପ୍ରବୀର ରୟ କହିଛନ୍ତି, ପାର୍କିଂ ଦର ତାଲିକା ଲଗା ନ ଯିବା ଫଳରେ ଯାତ୍ରୀମାନେ ଅନ୍ଧାରରେ ରହୁଛନ୍ତି। କେତେ ଦର ଦିଆଯିବ ତାହା ପୌରସଂସ୍ଥା କହିବା ଦରକାର। ଦର ତାଲିକା ନ ଥିବାରୁ ସେଠାରେ ଥିବା ବ୍ୟକ୍ତି ମନମୁଖି କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ପାର୍କିଂ ଦର ଚଢ଼ା ହୋଇଥିବାରୁ ଲୋକେ ବାଧ ହୋଇ ଏଣେତେଣେ ଗାଡ଼ି ରଖୁଛନ୍ତି। ଦର ସୁହାଇବା ଭଳି ନ ହେଲେ ଲୋକେ ଅନ୍ୟତ୍ର ପାର୍କିଂ କରିବେ। ଏ କ୍ଷେତ୍ରରେ ଯାତ୍ରୀମାନଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ।

## ଅଳଗୁମରେ କାଠିଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ, ୧୨।୯(ଡି.ଏନ୍.ଏ.)



**ମା' ଜାଗୁଳେଇଙ୍କ ମୁହଁରୁ ଖୋଲିଲା ବିରିଜାବ**

ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ଅଳଗୁମ ଗ୍ରାମରେ ଷଷ୍ଠୀଓଷା ଅବସରରେ ନବଦିନ ବ୍ୟାପୀ କାଠିଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳେଇ ଠାକୁରାଣୀଙ୍କ ବର୍ଷତମାମ ବନ୍ଦ ରହିଥିବା ମୁହଁ ଖୋଲାଯାଇଛି। ଦେବୀଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମୁଖମଣ୍ଡଳରେ ଦିଆଯାଇଥିବା ବିରିଜାବ ଖୋଲି ଦିଆଯାଇଛି। ମନ୍ଦିରର ଦୈନନ୍ଦିନ ଦେବନୀତି ମଧ୍ୟରେ ବ୍ରାହ୍ମଣ ସେବକ ଦେବୀ ପ୍ରତିମାଙ୍କୁ ଅଭିମନ୍ତ୍ରିତ ସୁଗନ୍ଧିତ ହଳଦୀ ପାଣିରେ ସ୍ନାନ କରିଥିଲେ। ଚୁଆ, ଚନ୍ଦନ, କର୍ପୂର, ସିନ୍ଦୂର, ନୂତନବସ୍ତ୍ର, ଫୁଲମାଳ ଲାଗି କରାଯାଇ ମାଜଣା ହୋଇଥିଲା। ସନ୍ଧ୍ୟା ଆଳତି ପରେ ୩ ଜଣ କରଣ ଓ ୧୧ ଜଣ ବରାଳ ସେବାୟତ ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ନିମନ୍ତେ ମନ୍ଦିରରେ ପ୍ରବେଶ କରିଥିଲେ। ଶାଢ଼ୀ, ଶଙ୍ଖା, ସିନ୍ଦୂର ଲାଗି କରାଯାଇ ଦେବୀଙ୍କୁ ବେଶ କରାଯାଇଥିଲା। ବିଳମ୍ବିତ ରାତିରେ ଢୋଲ, ମହୁରି, ବାଦ୍ୟ, କାହାଳି, ଛତିତ୍ରାସ ସହିତ ଦେବୀଙ୍କୁ ବଳି ଉତ୍ସର୍ଗ କରାଯାଇଥିଲା। ପରେ ସ୍ନାନ, ବେଶ ଏବଂ ଶଙ୍ଖୁଡ଼ିଭୋଗ ଧୂପ ଓ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ଦେବୀଙ୍କୁ କାଳେସୀ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ସୋମବାରଠାରୁ ଦେବୀଙ୍କର କନ୍ୟା ପଦ୍ମାବତୀ ବାରପଡା ବିଶିଷ୍ଟ ଅଳଗୁମ ଗ୍ରାମ ପରିକ୍ରମା ଓ ଭୋଗଲାଗି ନିମନ୍ତେ ଗ୍ରାମଟି ଉତ୍ସବ ମୁଖର ହୋଇଉଠିବ। ନବଦିନ ଧରି ଗ୍ରାମର ପ୍ରବାସୀ ଓ ବନ୍ଧୁ ବାନ୍ଧବଙ୍କ ସମାବେଶ ହେବ। ଶେଷ ପର୍ଯ୍ୟାୟରେ ଦେବୀଙ୍କର ଦାନ୍ତକାଠି ମାଜଣା, ସୁରାଲାଗି, ୨୨ ହାତ ୨୨ ଆଙ୍ଗୁଳି ବିଶିଷ୍ଟ କାଠିରେ ଶାଢ଼ି ଲାଗି, କାଠି ପରିକ୍ରମା ଓ କାଠିପେଡିଆକୁ ବିଜେ ସମାରୋହରେ ଶ୍ରଦ୍ଧାଳୁଙ୍କ ସମାବେଶ କୋଭିଡ୍ କଟକଣା ଅନୁସାରେ ପାଳିତ ହେବ।

## ୨ ସ୍ଥାନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ପୁରୀ ଅଫିସ, ୧୨।୯:ପୁରୀ ସହରରେ ରବିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅଧୀନରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପୁରୀ ସଦର ବ୍ଲକ ଗଡ଼ମୃଗଶିରା ପଞ୍ଚାୟତର ଗଡ଼ବାଲିସାହି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିବିରକୁ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୫୧ଜଣ ରକ୍ତଦାନ କରିଥିଲେ। ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ଓଡ଼ିଶା ମୋ ପରିବାରର ପୁରୀ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ନାରାୟଣ ଖୁଣ୍ଟିଆ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବିଜେଡି ଜିଲା ସମ୍ପାଦକ ଧରଣୀଧର ସାହୁ, ଛାତ୍ରନେତା ଜ୍ୟୋତିରଞ୍ଜନ ପୃଷ୍ଟି, ବାଲିପୁଟ ସରପଞ୍ଚ ବାବାଜୀ ଫାରକ, ପୂର୍ବତନ ସରପଞ୍ଚ ବାବୁଲି ପରିଡା, ଅମୀୟ ଜେନା, ମଣ୍ଟୁ ଜେନା, ରିଙ୍କନ ଜେନା ଏବଂ ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ହରେକୃଷ୍ଣ ସୁଆରଙ୍କ ତତ୍ତ୍ୱାବଧାନରେ ଆୟୁର୍ବେଦିକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏମ୍‌ପି ପିନାକୀ ମିଶ୍ର ଓ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ସହସଂଯୋଜକ ଭଗବାନ ପଡ଼ିଆରୀ ଶିବିର ପରିଚାଳନା କରିଥିଲେ। ରାଜ୍ୟ ଛାତ୍ର ଉପସଭାପତି ପ୍ରଦୋଷ ପରିଡ଼ା, ବିଜେଡି ସମ୍ପାଦକ (ଛାତ୍ର ବ୍ୟାପାର) ଅମରଜିତ ସେନାପତି, ବଲରାମ ରେଡ୍ଡୀ, ସୁନିଲ ମହାନ୍ତି, ରମେଶ ପ୍ରହରାଜ, ଭବାନୀ ଶଙ୍କର ମହାରଣା, ବିଜୟ କୁମାର ବିଶୋଇ, ସ୍ୱଦେଶ ରଞ୍ଜନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ଭାରତ ବାର୍ତ୍ତା ନେଇ ଗଣଦୌଡ଼

ପୁରୀ ଅଫିସ, ୧୨।୯:

ଭାରତ ସରକାରଙ୍କ ଆହ୍ୱାନ କ୍ରମେ ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂରଣ ଅବସରରେ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀ ଆନୁକୂଲ୍ୟରେ ରବିବାର ପୁରୀରେ 'ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଶତାଧିକ ଏନସିସି କ୍ୟାଡେଟ ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ସୁସ୍ଥ ଜୀବନ ପାଇଁ ଦୌଡ଼ିବା ଆବଶ୍ୟକ ବୋଲି ବାର୍ତ୍ତା ଦିଆଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଷଷ୍ଠ ଓଡ଼ିଶା ସମର ଶିକ୍ଷାର୍ଥୀ ବାହିନୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ପ୍ରସନ୍ନ କୁମାର ପଣ୍ଡା ଏହାର ଶୁଭାରମ୍ଭ କରିଥିଲେ। ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ବାଟାଲିଅନ୍ ପରିସରରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏସ୍‌ସିଏସ୍ କଲେଜ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ସଞ୍ଜୟ କୁମାର ସୁନ୍ଦରାୟ ଏବଂ ଏନ୍‌ସିସି ବାଟାଲିୟନର ସୁବେଦାର ମେଜର ଗୋପୀ ରାମ ଢାକା ପରିଚାଳନା କରିଥିଲେ। ସେହିପରି ଏସ୍‌ସିଏସ୍ କଲେଜର ଏନ୍‌ଏସ୍‌ଏସ୍ ପକ୍ଷରୁ ସମର୍ଥ ଭାରତ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଭି. ଶାରଦାଙ୍କ ତତ୍ତ୍ୱାବଧାନରେ ସମର୍ଥ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୪ରୁ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ ଅଫିସ,୧୨।୯:

ଓଡ଼ିଶାର ବିଭିନ୍ନ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରବିବାର ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ୍ ସଭାପତି ଓ ସମ୍ପାଦକ, ଜିପି ଓ ପିପି, ବିଭିନ୍ନ ବୀମା କମ୍ପାନୀ ପରିଚାଳକ ଏବଂ ବିଭିନ୍ନ ବ୍ୟାଙ୍କର ପରିଚାଳକ ଯୋଗଦେଇଥିଲେ। ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ନୋଟିସ୍ କରାଯାଇଛି। ପୁରୀ ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ହେବ। ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବିବାଦର ପ୍ରାକ୍ ସମାଧାନ ଆସନ୍ତା ୧୪, ୧୫, ୧୬ ଓ ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ୧୪ ତାରିଖ ଅପରାହ୍ନ ୩ଟାରେ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ବିରୋଧରେ ଥିବା ମକଦ୍ଦମା, ୧୫ରେ ଓରିଏଣ୍ଟାଲ ବୀମା କମ୍ପାନୀ, ୧୬ରେ ୟୁନାଇଟେଡ୍ ବୀମା କମ୍ପାନୀ ଓ ୧୭ରେ ନ୍ୟାଶନାଲ ବୀମା କମ୍ପାନୀ ବିରୋଧରେ ଥିବା ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବିବାଦର ସମାଧାନ କରାଯିବ। ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ମକଦ୍ଦମାର ଆପୋସ ବୁଝାମଣା ହୁଏ। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼େନାହିଁ ବୋଲି ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

## ବାଇକ୍ ଧକ୍କାରେ ଧରିତ୍ରୀ ଏଜେଣ୍ଟ ଗୁରୁତର

ନିମାପଡ଼ା,୧୨।୯(ଡି.ଏନ୍.ଏ.)

ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ଛକ ନିକଟରେ ରବିବାର ସକାଳେ ନିମାପଡ଼ାର ଧରିତ୍ରୀ ଏଜେଣ୍ଟ ପ୍ରଭାକର କର(୬୬) ପେପର ବାଣ୍ଟୁଥିବାବେଳେ ଏକ ବାଇକ୍ ପଛପଟୁ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ପ୍ରଭାକର ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ପ୍ରଭାକରଙ୍କ ଡାହାଣ ଗୋଡ଼ର ଆଣ୍ଠୁ ପାଖ ହାଡ଼ ଭାଙ୍ଗିଯାଇଛି। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରଭାକରଙ୍କ ଭାଇ ସୁକାନ୍ତ କର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

## ମଙ୍ଗଳା ମନ୍ଦିର ମୁଖ୍ୟ ଦ୍ୱାରରୁ ଖସୁଛି ପଲସ୍ତରା

କାକଟପୁର, ୧୨।୮(ଡି.ଏନ୍.ଏ):

**ମରାମତି ନେଇ ଅଣଦେଖା**



ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ଉତ୍ତର ପାର୍ଶ୍ୱ ମୁଖ୍ୟଦ୍ୱାର (ସିଂହଦ୍ୱାର) ଛାତରୁ ପଲସ୍ତରା ଖସୁଛି। ସେହିପରି ବର୍ଷା ହେଲେ ମନ୍ଦିର ଉତ୍ତର ପାର୍ଶ୍ୱ ମୁଖଶାଳାରୁ ପାଣି ଝରୁଛି। ମାତ୍ର ଏଥିପ୍ରତି ମନ୍ଦିର ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗର ଦୃଷ୍ଟି ପଡୁନାହିଁ। ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦୁଇବର୍ଷ ଧରି କୋଭିଡ୍ କଟକଣା ପାଇଁ ମନ୍ଦିରରେ ଦର୍ଶନ ବନ୍ଦ ଥିଲେ ବି ମରାମତି ପାଇଁ ପଦକ୍ଷେପ ନିଆଯାଇ ନାହିଁ। ଛୋଟ ମରାମତି କାର୍ଯ୍ୟକୁ ପ୍ରଶାସନ ଅଣଦେଖା କରୁଥିବାରୁ ଆଗାମୀ ଦିନରେ ଏହା ମନ୍ଦିର ପ୍ରତି ବିପଦ ସୃଷ୍ଟିର କାରଣ ହୋଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତବ୍ୟକ୍ତ କରୁଛନ୍ତି। ମନ୍ଦିରର ଆୟ ବଢି ବାର୍ଷିକ ୨କୋଟି ଛୁଇଁଲାଣି। ସେହିପରି ମନ୍ଦିର ପାଣ୍ଠିରେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗଚ୍ଛିତ ରହିଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ମରାମତି ଲାଗି ପଦକ୍ଷେପ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି। ଦୁଇବର୍ଷ ହେଲା କାହା ସ୍ୱାର୍ଥ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି କରାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବାରମ୍ବାର ବଦଳି, ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ, ବିନା ସେବାୟତ ପ୍ରତିନିଧିଙ୍କୁ ନେଇ କାମଚଳା ଟ୍ରଷ୍ଟ ବୋର୍ଡ଼ କରାଯିବା ଏବଂ ସମୟ ଦେଇପାରୁ ନ ଥିବା ସତ୍ତ୍ୱେ ତହସିଲଦାରଙ୍କୁ ଟ୍ରଷ୍ଟ ବୋର୍ଡ ସଭାପତି ରଖିବା ଯୋଗୁ ମନ୍ଦିରର ଉନ୍ନତି ହୋଇପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟି ବିରଞ୍ଚି ନାରାୟଣ ବେହେରା କହିଛନ୍ତି, ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ନ ହେବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଇଛି। ଏଣୁ ଦେବୋତ୍ତର ବିଭାଗ ତୁରନ୍ତ ସ୍ଥାୟୀ ବୋର୍ଡ଼ ଗଠନ ସହ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦେବା ଓ ମନ୍ଦିରର ମରାମତି ଲାଗି ପଦକ୍ଷେପ ନେବାକୁ କାକଟପୁର ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।



ପୁରୀ ବେଳାଭୂମି ରାସ୍ତା ଜଳାର୍ଣ୍ଣବ ହୋଇପଡିଛି ।

# ପୁରୀ ଜିଲାର ଅନେକ ଅଞ୍ଚଳ ଜଳମଗ୍ନ

ପୁରୀ ଅଫିସ/ନିମାପଡ଼ା/ କୋଣାର୍କ/ କାକଟପୁର/ଅସ୍ତରଙ୍ଗ/ପିପିଲି, ୧୨।୯ (ସ୍ୱ.ପ୍ର./ଡି.ଏନ୍.ଏ.)

ପୁରୀ ଜିଲାରେ ଶନିବାର ରାତିରୁ ଲଘୁଚାପଜନିତ ବର୍ଷା ଲାଗିରହିଛି। ପୁରୀ ସହରର ବସ୍ତି ଓ ସହରତଳି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେଲାଣି। ପୋଲିସ ରିଜର୍ଭ, ଅଠରନଳା ତଳି ଅଞ୍ଚଳ, ସିଦ୍ଧ ମହାବୀର ମନ୍ଦିର ସଂଲଗ୍ନ ଗଳି, ମୁକୁନ୍ଦମିଶ୍ର ନଗର, ଦଣ୍ଡତୋଟା ଓ ଲୋକନାଥ ମନ୍ଦିର ନିକଟସ୍ଥ ଅଞ୍ଚଳରେ ପାଣି ଜମି ରହିବାରୁ ଯାନବାହନ ଚଳାଚଳରେ ସମସ୍ୟା ଉପୁଜୁଛି। ଅସ୍ତରଙ୍ଗ, ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକ୍‌ରେ ସ୍ଥିତି ସଙ୍ଗିନ ହେବା ଆଶଙ୍କା ରହିଛି। ଅସ୍ତରଙ୍ଗର ଦେବାଶିଷ ପାଲ କହିଛନ୍ତି, ବାଉରିଆକୋଣ, ବନ୍ଧାଳ, କେଉଟାଜଙ୍ଗା, ତଣ୍ଡାହର ଓ ନଡ଼ିଆମଠ ଭଳି ଅଞ୍ଚଳ ନଦୀ ନିକଟବର୍ତ୍ତୀ ହୋଇଥିବାରୁ ଜଳସ୍ତର ବୃଦ୍ଧି ଯୋଗୁ ସମସ୍ୟା ବଢ଼ିପାରେ। ଏବେ ଏହି ଗାଁଗୁଡ଼ିକରେ ପାଣି ଜମିବାରେ ଲାଗିଛି। ବର୍ଷା କ୍ରମଶଃ ବଢୁଥିବାରୁ ବନ୍ୟା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏ ନେଇ ଜିଲା ପ୍ରଶାସନ ପ୍ରସ୍ତୁତ ଅଛି। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। କୌଣସି ନଦୀର ଜଳସ୍ତର ଅତିକ୍ରମ କଲେ ଓଡ୍ରାଫ୍ ଟିମ୍‌କୁ ପଠାଇ ମୁକାବିଲା କରାଯିବ। ସେହିଭଳି ଏପର୍ଯ୍ୟନ୍ତ ଜିଲାର କୌଣସି ସ୍ଥାନରୁ ଜଳବନ୍ଦୀ ଓ ବନ୍ୟା ଭଳି ସୂଚନା ମିଳିନାହିଁ। କୋଣାର୍କ ସୂର୍ଯ୍ୟମନ୍ଦିର ଭିତରେ ବର୍ଷା ପାଣି ଜମି ରହିବା ଯୋଗୁ ପର୍ଯ୍ୟଟକ ହଇରାଣ ହୋଇଥିଲେ। କୋଣାର୍କ ବସଷ୍ଟାଣ୍ଡ, ମେଡିକାଲ ଛକ, ଥାନା ଛକ ରାସ୍ତାରେ ବର୍ଷାପାଣି ଜମି ରହିଛି । ନିମାପଡ଼ା ଏନ୍‌ଏସିର ୪ନଂ, ୬, ୭, ୮ ଓ ୯ନଂ. ୱାର୍ଡର ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ୮ନଂ ୱାର୍ଡର ଅଣ୍ଡିଆ ସାହି, ଦକ୍ଷିଣଭୋଇ ସାହି, ୪ନଂ.ୱାର୍ଡର ପୂର୍ଣ୍ଣେଶ୍ୱର ସାହି, ନାୟକ ସାହି, ୮ନଂ. ୱାର୍ଡର ବିଭିନ୍ନ କଲୋନୀର ଲୋକଙ୍କ ଘରେ ପାଣି ପଶିଯାଇଛି। ପିପିଲି ଏନ୍‌ଏସି ଅଧୀନ ୧ନଂ ୱାର୍ଡ ଠାରୁ ୧୬ନଂ ୱାର୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଗୁଡ଼ିକ ଉପରେ ପାଣିର ସୁଅ ଚାଲିଛି।



ପିପିଲି ଏନ୍‌ଏସିର ଏକ ୱାର୍ଡରେ ଜମି ରହିଥିବା ବର୍ଷା ପାଣି ।



ବର୍ଷାଜଳ କୂଳ ଖାଇ ପୁରୀ ସମୁଦ୍ରରେ ମିଶୁଛି ।



କାକଟପୁରର ପ୍ରାଚୀ ନଦୀ ମଶାଣି ନିକଟ ପାର୍କର ପାଚେରି ଭୁଶୁଡ଼ି ପଡ଼ିଛି ।



ଅସ୍ତରଙ୍ଗର ଏକ ଘର ପରିସରରେ ପାଣି ଜମିରହିଛି ।



ନିମାପଡାର ବାରବାଟୀ ପଡିଆ ଜଳମଗ୍ନ ହୋଇପଡିଛି ।

## ସଂକ୍ଷେପରେ

### ଶ୍ରମିକଙ୍କ ସମସ୍ୟା ସମାଧାନ କରାଯାଉ

କଟକ ଅଫିସ, ୧୨।୯: ଜାତୀୟ ଧାନ ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଗଠିତ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଭଦୀମୂଳସ୍ଥିତ ସଂଘ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିନୟ କୁମାର ସିହ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶ୍ରମିକମାନଙ୍କୁ ନ୍ୟାୟ ଓ ସରକାରଙ୍କର ନିର୍ଦ୍ଧାରିତ ପାରିଶ୍ରମିକ ଯେଭଳି ଭାବେ ଶ୍ରମିକମାନେ ପାଇବେ ସେଥିପାଇଁ ଏହି ସଂଘ ସବୁବେଳେ ଆନ୍ଦୋଳନ କରିଆସିଛି। କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରରେ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଭାରତୀୟ ମଜଦୁର ସଂଘ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓଡ଼ିଶା ପ୍ରଭାରୀ ଗଣେଶ ପ୍ରସାଦ ମିଶ୍ର, ଭାରତୀୟ ମଜଦୁର ସଂଘ ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ସଙ୍ଗଠନ ସମ୍ପାଦକ ଗିରିଶ ମହାନ୍ତି, ଡେପୁଟି ଜେନେରାଲ୍ ସେକ୍ରେଟାରୀ ସାନ୍ତନୁ କୁମାର ମହାପାତ୍ର, ଅକ୍ଷୟ ଦାସ, ଭାଗୀରଥି ବେହେରା, ଗୌରାଙ୍ଗ ଚରଣ ରଥ ପ୍ରମୁଖ ଯୋଗଦେଇଥିଲେ। ସଂଘ ସଭାପତି ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ ପରିଚାଳନା କରିଥିଲେ।

### ଭାଜପା କାର୍ଯ୍ୟକାରିଣୀ ବୈଠକ

ନିଶ୍ଚିନ୍ତକୋଇଲି,୧୨।୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରାଧାକୃଷ୍ଣ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ରଞ୍ଜନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଭାଜପାର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଭାଜପା ନେତା ଉପସ୍ଥିତ ଥିଲେ।

# ସାର, କୀଟନାଶକ ନ ମିଳିବାରୁ ହୋହଲ୍ଲା

## ପଞ୍ଚାୟତ ସମିତି ବୈଠକ

■ଗରିବ ହିତାଧିକାରୀଙ୍କୁ ରାଶନ ଯୋଗାଇବାକୁ ଦାବି

ତିଗିରିଆ,୧୨।୯ (ଡି.ଏନ.ଏ.)

ସାର ଓ କୀଟନାଶକ ନ ମିଳିବା ଯୋଗୁ ତିଗିରିଆ ପଞ୍ଚାୟତ ସମିତିର ସାଧାରଣ ସଭାରେ ରବିବାର ହୋହାଲ୍ଲା ହୋଇଛି। ସମିତି ଅଧକ୍ଷା ରୂପା ଦଳେଇ ଏଥିରେ ଅଧକ୍ଷତା କରିଥିଲେ। ଏହିଅବସରରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ଖରିଫ ଋତୁର ପ୍ରାରମ୍ଭରେ ବର୍ଷା କମ୍ ହୋଇଥିବା ଯୋଗୁ ସଅଳ କିସମ ଧାନ ହୋଇନାହିଁ। ମାତ୍ର ବଡ ଧାନ ପାଇଁ ଆବଶ୍ୟକ ୟୁରିଆ, ପଟାସ ଓ କୀଟନାଶକ ସରକାରୀସ୍ତରରେ ରିହାତି ଦରରେ ମିଳୁ ନାହିଁ ବୋଲି


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

ନୂଆପାଟଣା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ କର ବୈଠକରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ତିଗିରିଆ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି କହିଥିଲେ, ରାଜ୍ୟ ସରକାରଙ୍କ ଗୋଦାମରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି। ହେଲେ ସରକାରଙ୍କ ନିୟମ ଅନୁଯାୟୀ, ପଞ୍ଜୀକୃତ ଚାଷୀମାନେ ଏହାର ସୁବିଧା ହାସଲ କରିପାରିବେ। ସମବାୟ ମନ୍ତ୍ରୀ ଏ ବିଷୟରେ କିଛି ନ କହିବାରୁ ହୋହଲ୍ଲା ହୋଇଥିଲା। ସେହିପରି ଗରିବ ଲୋକେ ରାଶନ ପାଉ ନ ଥିବାରୁ ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ତିଗିରିଆ ବ୍ଲକରେ ୧୨୦୦ ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ପାଇବାକୁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳୁନାହିଁ ବୋଲି ପାଞ୍ଚଗାଁ ସରପଞ୍ଚ ସରୋଜ ଦାଶ ଅଭିଯୋଗ କରିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏ ବିଷୟରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାଙ୍କ ସମେତ ଅନ୍ୟମାନଙ୍କୁ ସ୍ମାର୍ଟ କାର୍ଡ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହାପରେ ରାଶନ କାର୍ଡ ପାଇଁ ବିଚାର କରାଯିବ। ବୈଠକରେ ଜିପିଇଓ ଶରତ ଲେଙ୍କା ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦୀପ୍ତିମୟୀ ବେହେରା, ଏବିଡିଓ ଅଭିପ୍‌ସା ସାହୁ, ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡା, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।

# ପୃଥକ୍ ଦୁର୍ଘଟଣା, ୨ ମୃତ

ଟାଙ୍ଗୀ(କଟକ), ୧୨।୯(ଡି.ଏନ୍.ଏ.)

କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ହଜାରିବାଗ ଅଞ୍ଚଳର ମହମ୍ମଦ ରିଆସତ ଓ ଯାଜପୁର ଜିଲା ବିଞ୍ଝାରପୁର ସିଂପୁର ଅଞ୍ଚଳର ଆଲୋକ ସାମଲ। ପୋଲିସ ସୂତ୍ରରୁ ପ୍ରକାଶ, ଚଣ୍ଡିଖୋଲରୁ ଚିପ୍ସ ବୋଝେଇ କରି ଆସୁଥିବା ହାଇୱା (ନଂ. ଓଡ଼ି୦୪ପି-୫୬୫୭) କୌଣସି କାରଣରୁ ଶନିବାର ରାତି ପ୍ରାୟ ୨ଟାରେ ୧୬ନଂ. ଜାତୀୟ ରାଜପଥର ଗୋବିନ୍ଦପୁର ଫ୍ଲାଏ ଓଭରବ୍ରିଜ ଉପରେ ଅଟକି ଥିଲା। ଏହି ସମୟରେ ପଛରୁ ରଡ୍ ବୋଝେଇ କରି ବେଙ୍ଗାଲୁରୁ ଅଭିମୁଖେ ଆସୁଥିବା ଟ୍ରେଲର ସେଥିରେ ପିଟି ହୋଇଯାଇଥିଲା। ଫଳରେ ଟ୍ରେଲରର କ୍ୟାବିନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଭିତରେ ଡ୍ରାଇଭର ରିଆସତ ଓ ହେଲ୍‌ପର ଝାଡଖଣ୍ଡ ହଜାରିବାଗର ମହମ୍ମଦ ସାଜିଦ୍ ଚାପି ହୋଇ ରହିଥିଲେ। ଖବରପାଇ ଟାଙ୍ଗୀ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚି ଚୌଦ୍ୱାର ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଗ୍ୟାସ୍ କଟର ସାହାଯ୍ୟରେ କ୍ୟାବିନ୍‌କୁ କାଟି ଉଭୟଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ରିଆସତଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ସାଜିଦ୍‌ଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରିବା ସହ ଏକ ମାମଲା(ନଂ.୧୬୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସେହିପରି ରାତି ପ୍ରାୟ ୩ଟାରେ ଏହି ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ଓଭରବ୍ରିଜ ଉପରେ ଏକ କଣ୍ଟେନର (ନଂ.ଓଆର୧୪ୱାଇ-୪୯୪୯) ଛିଡା ହୋଇଥିବାବେଳେ ପଛରୁ ବାଇକ୍‌ରେ ଆସୁଥିବା ଆଲୋକ ସେଥିରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମଙ୍ଗୁଳି ଛକଠାରୁ ଗୋବିନ୍ଦପୁର ଛକ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରକ, ଟ୍ରେଲର ଓ କଣ୍ଟେନର ବେଆଇନ ପାର୍କିଂ ହେଉଥିବାରୁ ଦୁର୍ଘଟଣା ଘଟୁଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଦାସ କହିଛନ୍ତି।

## ସମବାୟ କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ଯୋଗେଶଙ୍କ ଅବଦାନ ଅତୁଳନୀୟ

ବାଙ୍କୀ,୧୨।୯(ସ୍ୱ.ପ୍ର.)

ବାଙ୍କୀର ପୂର୍ବତନ ବିଧାୟକ, ରାଜ୍ୟ କୃଷି ଓ ସମବାୟ ବିଭାଗର ପୂର୍ବତନ ମନ୍ତ୍ରୀ ଡ.ଯୋଗେଶଚନ୍ଦ୍ର ରାଉତଙ୍କ ୧୨ତମ ଶ୍ରାଦ୍ଧଦିବସ ରବିବାର ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ସୁବାସଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସକ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର, ଡା. ଜଗଦୀଶ ପଣ୍ଡା, ବାଙ୍କୀ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବାଙ୍କୀ ମହୋତ୍ସବ କମିଟିର ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ଯୋଗଦେଇ ସମବାୟ କ୍ଷେତ୍ରରେ ସ୍ୱର୍ଗତ ରାଉତଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।


ଏନ୍‌ଇଇଟି ୟୁଜି ପରୀକ୍ଷା ଦେବାକୁ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ପରୀକ୍ଷାର୍ଥୀ।

# ‘ବିଭ୍ରାଟ ସୃଷ୍ଟି କଲାଭଳି ମତ ଦେବା ଉଚିତ ନୁହେଁ’

## ମୂର୍ତ୍ତି ଉଚ୍ଚତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବି: ଭର୍ତ୍ତୃହରି

କଟକ ଅଫିସ ୧୨।୯

୪ ଫୁଟ୍ ଭିତରେ ମା’ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ ଜାରି ରହିଥିବାବେଳେ ୧୩ ତାରିଖରେ ଭାଜପା ପକ୍ଷରୁ କଟକ ବନ୍ଦ ଡାକରା ଦିଆଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବିରୋଧ କରୁଥିବାବେଳେ ପୂର୍ବତନ ବିଧାୟକ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ସମର୍ଥନ କରିଛନ୍ତି। ଶନିବାର କଟକ ଓସିଏ କନ୍‌ଫରେନ୍ସ ହଲ୍‌ରେ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ଏମ୍‌ପି ମହତାବ ଯୋଗଦେଇ ମା’ଙ୍କ ମୂର୍ତ୍ତି ଉଚ୍ଚତା ଛୋଟ ଅର୍ଥାତ୍ ବିମ୍ବ ବୋଲି କହିଥିଲେ। ଏନେଇ ରବିବାର ଗଣମାଧ୍ୟମ ସମ୍ମୁଖରେ ଦେବାଶିଷ ପ୍ରତିକ୍ରିୟା ଦେଇ କହିଛନ୍ତି, କୌଣସି ମୂର୍ତ୍ତିକୁ ଆମେ ପୂଜା କରିପାରିବା। କେବଳ ନିର୍ଦ୍ଦିଷ୍ଟ ଉଚ୍ଚତା ଥିଲେ ମା’ଙ୍କ ଆରାଧନା ହୋଇପାରିବ ତାହା କୌଣସି ଶାସ୍ତ୍ରରେ ଲେଖାଯାଇନାହିଁ। ତୃତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଅନେକଲୋକ ନିଜ ଘରେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରୁଛନ୍ତି। ସେଥିରେ ତ କିଛି ଅସୁବିଧା ହେଉନି। ତେଣୁ ଏମ୍‌ପିଙ୍କ ଏଭଳି ବୟାନ ଗ୍ରହଣୀୟ ନୁହେଁ। ସେ ଜଣେ ବିଜ୍ଞ ଏମ୍‌ପି ହୋଇ ଏହା କାହିଁକି ବୁଝିପାରୁ ନାହାନ୍ତି, ତାହା ମୁଁ କହିପାରିବି ନାହିଁ। ଯେବେଠାରୁ ମୂର୍ତ୍ତି ବିବାଦ ଆରମ୍ଭ ହେଲାଣି ସେବେଠାରୁ ଏମ୍‌ପିଙ୍କୁ ଦେଖିବାକୁ ମିଳୁ ନ ଥିଲା। କୌଣସି ବୈଠକରେ ତାଙ୍କର ଉପସ୍ଥିତି ନ ଥିଲା। ତେବେ ହଠାତ୍ ପୂଜା କମିଟି ବୈଠକରେ ଉପସ୍ଥିତ ହୋଇ ବିଭ୍ରାଟ ସୃଷ୍ଟି କଲାଭଳି ମତ ଦେବା ଉଚିତ୍ ନୁହଁ ବୋଲି ଦେବାଶିଷ କହିଛନ୍ତି। ଏହାର ପ୍ରତିକ୍ରିୟାରେ ଭର୍ତ୍ତୃହରି କହିଛନ୍ତି, ସହରର ବିଭିନ୍ନ ମଣ୍ଡପରେ ମୂର୍ତ୍ତିର ଉଚ୍ଚତା ଭିନ୍ନ ରହିଛି। ଏହି ମୂର୍ତ୍ତି ଉଚ୍ଚତାର କ’ଣ ମହତ୍ତ୍ୱ ରହିଛି ଗତ ବୈଠକରେ ମୁଁ ଆଲୋଚନା କରିଥିଲି। ମୁଁ ନବୀନ ନିବାସରେ ଏ ସମ୍ପର୍କରେ ଜଣାଇଛି। ଆଗାମୀ ଦିନରେ ଲିଖିତ ଆକାରରେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବି।


କଟକର ନୂଆରାଉସାପାଟଣା।


ବାଦାମବାଡି ରାସ୍ତାରେ ବର୍ଷାପାଣିର ସୁଅ।

ଲଘୁଚାପଜନିତ ଲଗାଣବର୍ଷାରେ କଟକ ସହର ସମେତ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବିଶେଷକରି ସହରର ବାଦାମବାଡ଼ି, ଗନ୍ଧାଡିଆ, ନୂଆରାଉସା ପାଟଣା, ବରପଥର କେନାଲରୋଡ, ବିନୋଦ ବିହାରୀ ପରିବା ମାର୍କେଟ- ଗଙ୍ଗାମନ୍ଦିର ରାସ୍ତା, ସୂତାହାଟ ଓ ପଚ୍ଛାପୋଲ ଅଞ୍ଚଳର ଅନେକ ସ୍ଥାନରେ ବର୍ଷାପାଣିର ସୁଅ ଛୁଟିଥିଲା। ବିଶେଷକରି ନାଳରେ ଆବର୍ଜନା ଜମି ରହିଥିବାରୁ ପାଣି ନିଷ୍କାସନ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା।


ପଚ୍ଛାପୋଲ ରାସ୍ତା।


ଗନ୍ଧାଡିଆ।


ସାଲେପୁର ଅଞ୍ଚଳ ରାସ୍ତା ଜଳମଗ୍ନ।


ବରପଥର କେନାଲ ରୋଡ୍।


ବିନୋଦ ବିହାରୀ ପରିବା ମାର୍କେଟରୁ ଗଙ୍ଗାମନ୍ଦିର ଯିବା ରାସ୍ତାରେ ବର୍ଷା ପାଣି।


ସୂତାହାଟ